## ଦିଲ୍ଲୀକୁ ୯ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା TM
The Sambad Kalika
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୮୮ ● ୨୮ ଅପ୍ରେଲ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-88 ● 28th April 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଲିଙ୍ଗରାଜ ସ୍ୱତ୍ୱଲିପି କମିଟିର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ

# ରହିଛି ଶୃଙ୍ଖଳିତ ନୀତିକାନ୍ତି ଓ ସେବାୟତଙ୍କ କଲ୍ୟାଣ ସହ ୧୬ ପ୍ରସ୍ତାବ

**ଭୁବନେଶ୍ୱର,୨୭।୪**
**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ସୋମବାର ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧକ୍ଷତାରେ ଗଠିତ କମିଟି ଲୋକସେବା ଭବନରେ ଆଇନ ମନ୍ତ୍ରୀଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିଛନ୍ତି । ଶୃଙ୍ଖଳିତ ନୀତିକାନ୍ତି ଓ ସେବାୟତଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ପ୍ରସ୍ତାବ ଦେଇଛି କମିଟି । ସେହିପରି ଲିଙ୍ଗରାଜଙ୍କ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି, ମନ୍ଦିର ଓ ରୋଷଘର ମରାମତି ସହ ଆଲୋକୀକରଣ ପାଇଁ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି ।

ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ୱଲିପି କମିଟିର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଜଷ୍ଟିସ ଡ.ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧକ୍ଷତାରେ ପ୍ରଫେସର



## ଲିଙ୍ଗରାଜ ମନ୍ଦିର ପାଇଁ ଆସିବ ସ୍ୱତନ୍ତ୍ର ଆଇନ

ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇ ଜଣିଆ କମିଟି ଦ୍ୱିତୀୟ ରିପୋର୍ଟ ପ୍ରଦାନ କରିଛନ୍ତି । ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରି ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ *(ପୃଷ୍ଠା ୭ରେ)*

### ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର

# ବିହାର, ଓଡ଼ିଶା ପରେ ଏଥର ବଙ୍ଗଳାରେ ଫୁଟିବ ପଦ୍ମ

**କୋଲକାତା,୨୭।୪**

ଏଥର ବଙ୍ଗଳାରେ ମଧ୍ୟ ଫୁଟିବ ପଦ୍ମ । ନିକଟ ଅତୀତରେ ବିହାର ଏବଂ ଓଡ଼ିଶା 'କମଳ'କୁ ପ୍ରସ୍ଫୁଟିତ କରିଛି, ବର୍ତ୍ତମାନ ବଙ୍ଗଳାର ପାଳି । ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ଏପ୍ରିଲ ୨୯ ବୁଧବାର ଦିନ ହେବାକୁ ଯାଉଛି । ସୋମବାର ଏହି ପର୍ଯ୍ୟାୟ ପାଇଁ ନିର୍ବାଚନ ପ୍ରଚାରର ଶେଷ ଦିନ ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଙ୍ଗଳାର ବାରାକପୁରରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଏପରି କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ବାରାକପୁରର ଏହି ମାଟି ହିଁ ୧୮୫୭ ମସିହାରେ ପ୍ରଥମ ସ୍ୱାଧୀନତା ଯୁଦ୍ଧକୁ ଶକ୍ତି ପ୍ରଦାନ କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ ଏହି ମାଟି ଆଜି ବଙ୍ଗଳାରେ ପରିବର୍ତ୍ତନ ପାଇଁ ପଥ ପ୍ରଶସ୍ତ କରୁଛି ।

ସେ କହିଛନ୍ତି, 'ଆପଣମାନେ ସମସ୍ତେ ଦୂରଦୂରାନ୍ତରୁ ଯାତ୍ରା କରି ସକାଳେ ଆମକୁ ଆଶୀର୍ବାଦ ଦେବା ପାଇଁ ଆସିଛନ୍ତି । ମୁଁ ଆପଣମାନଙ୍କ ସମସ୍ତଙ୍କ ପ୍ରତି ଗଭୀର କୃତଜ୍ଞ ।' ପ୍ରସଙ୍ଗତଃ, ଏହା ଏହି ନିର୍ବାଚନ ପ୍ରଚାରର ମୋର ଶେଷ ରାଲି । ରାଜ୍ୟ ସାରା ମୁଁ ଯେଉଁଠାକୁ ଗସ୍ତ କରିଛି ସେଠାରେ ବଙ୍ଗଳାର ଲୋକଙ୍କ ମନୋଭାବ ଦେଖିଛି, ମୁଁ ଦୃଢ଼ ବିଶ୍ୱାସ ସହିତ ଫେରୁଛି ଯେ, ମେ' ୪ ତାରିଖର ଫଳାଫଳ ପରେ – ମୋତେ ନିଶ୍ଚିତ ଭାବରେ ବିଜେପିର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଏଠାକୁ ଫେରିବାକୁ ପଡ଼ିବ । ମୋର ଉତ୍ସାହ ଆହୁରି ବୃଦ୍ଧି ପାଇଛି ।

ଗତ ତିନି କିମ୍ବା ଚାରି ଦଶନ୍ଧି ଧରି ସେ ଦେଶର ପ୍ରତ୍ୟେକ କୋଣକୁ ଯାତ୍ରା କରୁଛନ୍ତି । ରାଜନୀତିରେ ପ୍ରବେଶ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗଦେବା ପରଠାରୁ ସେ ଜଣେ ଦଳୀୟ କର୍ମୀ ଭାବରେ ସେବା କରିଛନ୍ତି, ଦଳ ତାଙ୍କୁ ଯେଉଁ କାର୍ଯ୍ୟ ପ୍ରଦାନ କରେ ତାହା ଗ୍ରହଣ କରିଛନ୍ତି; ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ବହନ କରିବା ଏହି ପ୍ରତିବଦ୍ଧତାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି । ସେ ମନ୍ତବ୍ୟ ଦେଇଥିଲେ ଯେ ସେ ଦିନ କିମ୍ବା ରାତି ପ୍ରତି ଧ୍ୟାନ ଦିଅନ୍ତି ନାହିଁ, କିମ୍ବା ପାଗ ପ୍ରତି ଚିନ୍ତିତ ହୁଅନ୍ତି ନାହିଁ – ସେ କେବଳ ବାହାରକୁ ବାହାରି ଯାଆନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ *(ପୃଷ୍ଠା ୭ରେ)*



## କଲମ୍ବିଆରେ ବୋମା ବିସ୍ଫୋରଣ : ୧୯ ମୃତ

**ବୋଗୋଟା (କଲମ୍ବିଆ),୨୭।୪**

କଲମ୍ବିଆରେ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଘଟିଥିବା ବୋମା ବିସ୍ଫୋରଣରେ ଅତିକମ୍‌ରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନଙ୍କ ମଧ୍ୟରେ ପାଞ୍ଚ ଶିଶୁ ମଧ୍ୟ ରହିଛନ୍ତି । ଏହି ବିସ୍ଫୋରଣରେ ୩୮ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ଘଟଣା ଦେଶର ଦକ୍ଷିଣ-ପଶ୍ଚିମ କୋକା (କାଉକା) ଅଞ୍ଚଳର ପାନ-ଆମେରିକାନ ହାଇୱେରେ ଘଟିଥିଲା । ଦେଶରେ ୩୧ ମେ'ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି । ଖବର ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ବ୍ୟସ୍ତ ସଡ଼କରେ ବୋମା ବିସ୍ଫୋରଣ ହେବାରୁ ଏହି ଘଟଣା ଘଟିଛି । ଏହି ବିସ୍ଫୋରଣରେ ଅତିକମ୍‌ରେ ୧୯ ଜଣଙ୍କ ମୃତ୍ୟୁ ଓ ୩୮ ଜଣ ଆହତ ହୋଇଛନ୍ତି । ମୃତକମାନଙ୍କ ମଧ୍ୟରେ ପାଞ୍ଚ ଶିଶୁ ମଧ୍ୟ ରହିଛନ୍ତି । କଲମ୍ବିଆ କର୍ତ୍ତୃପକ୍ଷ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସନ୍ଦେହ କରୁଛନ୍ତି । ଏହି ସପ୍ତାହାନ୍ତରେ ଘଟିଥିବା ଏହି ଆତଙ୍କବାଦୀ ଆକ୍ରମଣ ଗୁଡ଼ିକ ଦେଶକୁ ଉଦ୍‌ବିଗ୍ନ କରିଦେଇଛି ।

କାଉକାର ଗଭର୍ଣ୍ଣର ଅକ୍ଟାଭିଓ ଗୁଜମାନ ଏକ୍ସ ପୋଷ୍ଟରେ କହିଛନ୍ତି, "ପାନ-ଆମେରିକାନ ହାଇୱେର କାଜିବିଓର ଏଲ୍ ଟନେଲ୍ ଅଞ୍ଚଳରେ ସାଧାରଣ ଲୋକଙ୍କୁ ଲକ୍ଷ୍ୟ କରି ଏହି ବମ୍ ବିସ୍ଫୋରଣ କରାଯାଇଛି ।" ସୂଚନା *(ପୃଷ୍ଠା ୭ରେ)*

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୭୧ (-୩୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୯୦ (-୩୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୨୮ (-୨୫)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୦ (+୦)

### ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ଚୁକ୍ତି

# ୮ ହଜାରରୁ ଅଧିକ ସାମଗ୍ରୀ ହେବ 'ଟ୍ୟାକ୍ସ ଫ୍ରି'

**ନୂଆଦିଲ୍ଲୀ,୨୭।୪**

ଭାରତୀୟ ଅର୍ଥନୀତି ପାଇଁ ସୋମବାର ଏକ ସ୍ମରଣୀୟ ଦିନ । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଔପଚାରିକ ଭାବେ ଫ୍ରି' ଟ୍ରେଡ୍ ଏଗ୍ରିମେଣ୍ଟ ସ୍ୱାକ୍ଷରିତ ହେବାକୁ ଯାଉଛି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ଏବଂ ନ୍ୟୁଜିଲାଣ୍ଡର ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକ୍‌ଲେଙ୍କ ଉପସ୍ଥିତିରେ ଏହି ଡିଲ୍ ସମ୍ପନ୍ନ ହେବ । ମାତ୍ର ୯ ମାସର ରେକର୍ଡ ସମୟ ମଧ୍ୟରେ ଏହି ଆଲୋଚନା ଶେଷ ହୋଇଥିବାରୁ ଏହାକୁ ଭାରତର ସବୁଠାରୁ ଦ୍ରୁତତମ ବ୍ୟାପାର ଚୁକ୍ତି ବୋଲି କୁହାଯାଉଛି । ଏହି ଚୁକ୍ତି ଲାଗୁ ହେବା କ୍ଷଣି ଭାରତର ପ୍ରାୟ ୮,୨୮୪ଟି ସାମଗ୍ରୀ ନ୍ୟୁଜିଲାଣ୍ଡ ବଜାରରେ କୌଣସି ଟିକସ ନଦେଇ ପ୍ରବେଶ କରିପାରିବ । ପୂର୍ବରୁ ନ୍ୟୁଜିଲାଣ୍ଡ ଭାରତୀୟ ସାମଗ୍ରୀ ଉପରେ ହାରାହାରି ୨.୨ ପ୍ରତିଶତ ଶୁଳ୍କ ଲଗାଉଥିଲା, ଯାହା କିଛି କ୍ଷେତ୍ରରେ ୧୦ *(ପୃଷ୍ଠା ୭ରେ)*



# ଖରାଛୁଟି : ଜୁନ୍ ୧୭ ଯାଏଁ ବନ୍ଦ ରହିବ ସମସ୍ତ ସ୍କୁଲ୍

**ଭୁବନେଶ୍ୱର,୨୭।୪**
**ନ୍ୟୁଜ୍‌ବ୍ୟୁରୋ**

ସୋମବାରଠୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖରା ଛୁଟି ଆରମ୍ଭ ହୋଇଛି । ଜୁନ୍ ୧୭ ତାରିଖ ଯାଏ ଛୁଟି ରହିବ ସମସ୍ତ ସ୍କୁଲ । ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି । ସ୍କୁଲ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି ।

ସୂଚନାଯୋଗ୍ୟ, ଗଣଶିକ୍ଷା ବିଭାଗର ଶିକ୍ଷା କ୍ୟାଲେଣ୍ଡର ଅନୁଯାୟୀ ମେ'୬ରୁ ଜୁନ୍ ୧୭ ଯାଏ ଗ୍ରୀଷ୍ମକାଳୀନ ଛୁଟି ରହିଛି । ରାଜ୍ୟରେ ପ୍ରଚଣ୍ଡ ତାତିକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଆଗୁଆ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ଛୁଟି ସମୟରେ ପିଲାଙ୍କର ପାଠପଢ଼ା ଯେପରି କ୍ଷତି ନହୁଏ ସେଥିଲାଗି ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି । ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ତଥା 'ସମର ଲର୍ଣ୍ଣିଂ' କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟ ଅଫିସ୍ କାର୍ଯ୍ୟ ପୂର୍ବପରି ଜାରି ରହିବ ।



## ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ

**କଟକ,୨୭।୪**
**ନ୍ୟୁଜ୍‌ବ୍ୟୁରୋ**

ମେ' ଦ୍ୱିତୀୟ ସପ୍ତାହରେ ବାହାରି ପାରେ ମାଟ୍ରିକ ରେଜଲ୍ଟ । ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି । ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଖୁବ୍ ଶୀଘ୍ର ଆସିବ ଫଳାଫଳ । ତେବେ ମେ' ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ୨ ପରୀକ୍ଷା ଫଳ ଆସିପାରେ । ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଛନ୍ତି ୫ ଲକ୍ଷ ୬୧ ହଜାରରୁ ଅଧିକ ପରିକ୍ଷାର୍ଥୀ । ୩ହଜାର ୮୨ଟି କେନ୍ଦ୍ରରେ ୫ଲକ୍ଷ ୬୧ହଜାର ୯୭୯ ଜଣ ପରୀକ୍ଷା ଦେଇଛନ୍ତି । ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ମାଟ୍ରିକ ପରୀକ୍ଷା ।

# ଇରାନ ପାଇଁ ବଡ଼ ଘୋଷଣା କଲେ ପୁଟିନ୍



**ମସ୍କୋ,୨୭।୪**

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଭେଟିଛନ୍ତି । ବୈଠକ ପରେ ରାଷ୍ଟ୍ରପତି ପୁଟିନ୍ ଇରାନକୁ ତାଙ୍କର ଗଭୀର ଆଶ୍ୱାସନା ଜଣାଇ କହିଛନ୍ତି ଯେ ରୁଷିଆ ଇରାନ ଏବଂ ମଧ୍ୟପ୍ରାଚ୍ୟର ସର୍ବୋତ୍ତମ ସ୍ୱାର୍ଥ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ । ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ରୁଷିଆ ଯାହା କରିବାକୁ ପ୍ରସ୍ତୁତ ତାହା କରିବ ।

ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ପୁଟିନ୍ ଆରାଘଚିଙ୍କୁ କହିଛନ୍ତି ଯେ *(ପୃଷ୍ଠା ୭ରେ)*

## ସକାଳୁ ସକାଳୁ ଭୂକମ୍ପରେ ଥରିଲା ଜାପାନ

**ନୂଆଦିଲ୍ଲୀ,୨୭।୪**

ସୋମବାର ସକାଳୁ ସକାଳୁ ଥରିଛି ଜାପାନ । ଜାପାନର ହୋକାଇଡୋ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ । ଭୋର ସମୟରେ ୬.୨ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଛି । ଏହି ଭୂକମ୍ପ ଜାପାନ ସମୟ ସକାଳ ୫:୨୪ରେ ପ୍ରାୟ ୮୩ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ହୋକାଇଡୋର ଦକ୍ଷିଣ ଭାଗର ସାରାବେସୁ ସହର ନିକଟରେ ଥିଲା । ଭୂକମ୍ପ ପରେ କୌଣସି ସୁନାମୀ ସତର୍କତା ଜାରି କରାଯାଇ ନାହିଁ । ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ଧରଣର କ୍ଷୟକ୍ଷତି କିମ୍ବା ମୃତାହତର ଖବର ମିଳିନାହିଁ ।

ସେପଟେ ବାରମ୍ବାର ଜାପାନରେ ଭୂକମ୍ପ ହେଉଥିବାବେଳେ ଏହାକୁ *(ପୃଷ୍ଠା ୭ରେ)*

# ଆହୁରି ୩ ଦିନ ଅସହ୍ୟ ତାତି

**ଭୁବନେଶ୍ୱର,୨୭।୪**
**ନ୍ୟୁଜ୍‌ବ୍ୟୁରୋ**

ତାତି ସିଝାଇ ଦେଉଥିଲା । ଦେହ ପୋଡ଼ି ପକାଉଥିଲା । ଲାଗୁଥିଲା ଯେମିତି ପାଖରେ ନିଆଁ ପିଣ୍ଡୁଳା ଥୁଆ ହୋଇଛି । ଝାରସୁଗୁଡ଼ାରେ ତାପମାତ୍ରା ୪୪.୮ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା । ଚଳିତ ଗ୍ରୀଷ୍ମଋତୁରେ ଏହା ଥିଲା ରେକର୍ଡ ତାତି । ରାଜ୍ୟର ୧୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ଏହାଠାରୁ ଅଧିକ ଥିଲା । ଏଭଳି ଅସହ୍ୟ ତାତିରେ ପୂରା ପଶ୍ଚିମ ଓଡ଼ିଶାବାସୀ ଛଟପଟ ହେଉଥିବା ବେଳେ ଆସନ୍ତା ୩୦ ତାରିଖରୁ ତାପମାତ୍ରା ୨ରୁ ୪ ଡିଗ୍ରୀ କମିବା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଗତ ୨୪ ତାରିଖରେ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ଥିଲା । ସୋମବାର ପୁଣି ତାତି ରେକର୍ଡ ଛୁଇଁଛି । ଆସନ୍ତା ଦୁଇରୁ ତିନି ଦିନ ଯାଏ ତାପମାତ୍ରାରେ ପରିବର୍ତ୍ତନର ବିଶେଷ ସମ୍ଭାବନା ନାହିଁ । ୩୦ ତାରିଖ ବା ଗୁରୁବାରଠାରୁ ତାତି ୨ରୁ ୪ ଡିଗ୍ରୀ କମିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ୨ ତାରିଖ ଯାଏ ତାତି ସାମୟିକ ଭାବେ କମିପାରେ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ, ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଟିଟିଲାଗଡ଼, ଭବାନୀପାଟଣା ଓ ରାଉରକେଲାରେ ତାତି ପୁଣି ୪୩ ଡିଗ୍ରୀ ଛୁଇଁପାରେ । ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଓ ବୌଦ୍ଧରେ ତାତି ୪୨ ଡିଗ୍ରୀ ରହିପାରେ । ୨୮ ତାରିଖରେ ବି ପଶ୍ଚିମ ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶା ଏଭଳି ତାତିରେ ଫୁଟିବ । କିନ୍ତୁ ୨୯ ତାରିଖରୁ ତାତିରେ ସାମାନ୍ୟ ପରିବର୍ତ୍ତନ ଘଟିପାରେ । ଅନେକ ସ୍ଥାନରେ ତାପମାତ୍ରା ୧ରୁ ୨ ଡିଗ୍ରୀ ଯାଏ ଖସିବ । ୩୦ ତାରିଖରେ ଆଉ ଟିକିଏ ଆଶ୍ୱସ୍ତି ମିଳିବ ଓ ତାତି ୪ ଡିଗ୍ରୀ ଯାଏ କମିପାରେ ।

୨୭ରୁ ୩୦ ତାରିଖ ଯାଏ ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଭିତରେ ରହିପାରେ ବୋଲି ପୂର୍ବାନୁମାନରେ କୁହାଯାଇଛି । ୨ ତାରିଖ ଯାଏ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ *(ପୃଷ୍ଠା ୭ରେ)*



## ଏକାଳ ପଖାଳ



ଶିକ୍ଷା ପାଇଁ କି ଚିନ୍ତା ବହୁତ
ହ୍ୱାଟ୍‌ସଆପ୍‌ରେ ପଢ଼ିବେ ପିଲା
ଇସ୍କୁଲରେ ଶିକ୍ଷକ ଅଭାବ
ନିଯୁକ୍ତି କାହିଁକି ଢିଲା
ହେଇ ନେଟ୍‌ୱାର୍କ ଗଲା ଗଲା...
ହେଇ ପୁଣି ଆଇଲା କହିଣ
କ୍ଲାସ୍‌ରେ ପଡ଼ିବ ତାଲା !!

# ୫୦ କୋଟି ଜନସଂଖ୍ୟାକୁ ବିପଦ : ଚିନ୍ତା ବଢ଼ାଇଲାଣି ବିଶ୍ୱତାପନ



**ନୂଆଦିଲ୍ଲୀ,୨୭।୪**

ଚିନ୍ତା ବଢ଼ାଇଲାଣି ବିଶ୍ୱତାପନ । ଜଳବାୟୁର ଅସ୍ୱାଭିବକ ପରିବର୍ତ୍ତନ ଛିଡ଼ା କଲାଣି ଅନେକ ପ୍ରଶ୍ନବାଚୀ । ସାରା ବିଶ୍ୱରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ପର୍ବତମୟ ଅଞ୍ଚଳଗୁଡ଼ିକ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ହିନ୍ଦୁକୁଶ ହିମାଳୟ ଠାରୁ ଆରମ୍ଭ କରି ଦୁଇ ବିଲିୟନ ଲୋକଙ୍କୁ ଖାଦ୍ୟ ଏବଂ ପାଣି ଯୋଗାଉଥିବା ସମୁଦ୍ରର ଗଭୀରତା ପର୍ଯ୍ୟନ୍ତ ପୃଥିବୀ ଉଷ୍ମ ହେଉଛି । ବିଶ୍ୱର ସମସ୍ତ ପର୍ବତ ପୃଥିବୀ ପୃଷ୍ଠର ପ୍ରାୟ ୨୦% ଆଚ୍ଛାଦିତ କରେ । ଏହି ପର୍ବତଗୁଡ଼ିକ ବିଶ୍ୱର ୧୦% ଜନସଂଖ୍ୟାକୁ ଘର ଯୋଗାଇଥାଏ ।

ବିଶ୍ୱର ୫୦% ଜନସଂଖ୍ୟାକୁ କୃଷି ଜମି, ଶିଳ୍ପ ବ୍ୟବହାର ଏବଂ ଘରୋଇ ବ୍ୟବହାର ପାଇଁ ମଧୁର ଜଳ ଯୋଗାଇଥାଏ । ପର୍ବତମୟ ଅଞ୍ଚଳଗୁଡ଼ିକ ଜେନେଟିକ୍ ଓ ଜୈବିକ ବିବିଧତାର ଏକ ଭଣ୍ଡାର । ପର୍ବତମୟ ଅଞ୍ଚଳ ଗୁଡ଼ିକ କାଠ, ଖଣିଜ ପଦାର୍ଥ, ଜଳବିଦ୍ୟୁତ ଏବଂ ମନୋରଞ୍ଜନ ପର୍ଯ୍ୟଟନସ୍ଥଳ ଭଳି ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସମ୍ପଦ ମଧ୍ୟ ଯୋଗାଇଥାଏ । ତଥାପି, ଗତ କିଛି ଦଶନ୍ଧି ମଧ୍ୟରେ, ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ କ୍ଷୟ, ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର ଓ ଅବୈଜ୍ଞାନିକ କୃଷି ପ୍ରଣାଳୀ ପର୍ବତମୟ ଅଞ୍ଚଳଗୁଡ଼ିକର ଜଳ ବାୟୁକୁ ଗୁରୁତର ଭାବରେ ପ୍ରଭାବିତ କରିଛି ।

ବିଶ୍ୱୀକରଣ ପରେ ପ୍ରାକୃତିକ ସମ୍ପଦର ଶୋଷଣରୁ ସୃଷ୍ଟି ହୋଇଥିବା *(ପୃଷ୍ଠା ୭ରେ)*



32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୨୮ ଅପ୍ରେଲ, ୨୦୨୬ ମଙ୍ଗଳବାର





# ମ୍ୟାଲେରିଆ ରୋଗର ଲକ୍ଷଣ ଓ ପ୍ରତିକାର ନିମନ୍ତେ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଭା ଅଧିନସ୍ଥ କମସରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତାଲିମ ଗୃହ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୬ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦେବୀପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୋନପୁର ଅଧୀକ୍ଷକ ଡ଼ା ଦୁର୍ଗା ଦତ୍ତ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ.ଅଧକ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଭା ଡ଼ା ସୁଶାନ୍ତ ପଟେଲ, ସ୍ୱାସ୍ଥ୍ୟ ଅଧିକାରୀ କମ ସରା ଡ଼ା ଅନ୍ୱେଷା ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ ଉକ୍ତ ଦିବସର ମହତ୍ୱ ତଥା ମ୍ୟାଲେରିଆ ରୋଗର ଲକ୍ଷଣ ଓ ଏହାର ପ୍ରତିକାର ତଥା ସଚେତନତା ଓ ସତର୍କତା ଅବଲମ୍ବନ କରି ନିଜେ ସୁସ୍ଥ ରହି ସମାଜକୁ ମଧ ସୁସ୍ଥ ସୁନ୍ଦର ରଖିବାରେ ସହାୟକ ହୋଇ ପାରିବା ଉପରେ ବିଷଦ ଭାବରେ ଆଲୋଚନା କରି ସମସ୍ତଙ୍କୁ ସଚେତନତା ବାର୍ତା ପ୍ରଦାନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ସଭାରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ମାସ ମେମ୍ବର , ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଜିଲ୍ଲା ଆଶା ମ୍ୟାନେଜର ତରଣିସେନ୍ ପ୍ରଧାନ, ଜିଲ୍ଲା ଭି ବି ଡି କନ୍ସଲଟାଣ୍ଟ ସୁନିଲ କୁମାର ମହନ୍ତ, ଭିବିଡିଟିଏସ କୃଷ୍ଣ ଚନ୍ଦ୍ର ନାୟକ ଓ ଫାର୍ମାସିଷ୍ଟ ସଚିଦାନନ୍ଦ ଜେନା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।ଶେଷରେ ଅଶୋକ କୁମାର ମିଶ୍ର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକରୁ ୫୦୦ ଏଲପିଜି ଗ୍ୟାସ୍ ସିଲିଣ୍ଡର ଜବତ

**କଟକ, ନ୍ୟୁଜ ବ୍ୟୁରୋ**



କଟକରୁ ୫୦୦ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ । ଆଜି ସକାଳେ କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର ବ୍ରାହ୍ମଣ ଝରିଲୋରେ ଏକ ବେଆଇନ ଗୋଦାମ ଉପରେ ପୁଲିସ୍, ଜିଲ୍ଲା ପ୍ରଶାସନ ଏବଂ ସିଭିଲ ଯୋଗାଣ ଅଧିକାରୀଙ୍କ ଏକ ମିଳିତ ଟିମ୍ ଚଢାଉ କରାଯାଇଥିଲା। ଫୁଲନଖରା-ନିଆଳି ରାଜ୍ୟ ରାଜପଥ ୬୦ ପାର୍ଶ୍ୱରେ ଏକ ଘରୁ ବେଆଇନ ଏଲପିଜି ସିଲିଣ୍ଡର ସଂରକ୍ଷଣ ଏବଂ ବଣ୍ଟନ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ କଟକ ଗ୍ରାମାଞ୍ଚଳ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ଘଟଣାରେ ପୁଲିସ୍ ଦୁଇ ଯୁବକଙ୍କୁ ଅଟକ ରଖିବା ସହ ୩ଟି ଗାଡ଼ି ଜବତ କରିଥିଲା। ଏହାବ୍ୟତୀତ ଉକ୍ତ ସ୍ଥାନକୁ ସିଲ୍ ମଧ କରିଥିଲା। କିଛି ଦିନ ପୂର୍ବରୁ ଏପ୍ରିଲ ୨୩ ତାରିଖରେ ଏହି ଥାନା ଅନ୍ତର୍ଗତ ଗଙ୍ଗେଶ୍ୱର ଅଞ୍ଚଳରେ ୫୫୨ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଥିଲା।

# ନାରୀ ନିର୍ଯାତନାର ମୂଳୋତ୍ପାଟନ ପାଇଁ ଗୁରୁତ୍ୱାରୋପ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ରୋଡ୍ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତି କରଣ କୋଷ ପକ୍ଷରୁ ଶନିବାର ପୂର୍ବାହ୍ନରେ କଲେଜର ସମ୍ମିଳନୀ କକ୍ଷରେ ଏକ ନାରୀଶକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଭାତ କୁମାର ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସାମ୍ପ୍ରତିକ ସମାଜରେ ଘଟୁଥିବା ନାରୀ ନିର୍ଯାତନା ଓ ଛାତ୍ରୀମାନେ କିପରି ସେଥିରୁ ମୁକ୍ତି ପାଇବେ ତାହା ଉପରେ ଆଲୋକପାତ କରିଥିଲେ । ଏହାର ସଂଯୋଜିକା ଡ଼ ସୁଚିତା ମିଶ୍ର ଛାତ୍ରୀମାନଙ୍କୁ କାର୍ଯକ୍ରମର ବିବରଣୀ ପ୍ରଦାନ କରିଥିଲେ । ଏହାସହ ଛାତ୍ରୀମାନେ ସମସ୍ତ ବାଧାବିଘ୍ନକୁ କିପରି ଅତିକ୍ରମ କରି ଏକ ସୁସ୍ଥ ସମାଜ ଗଠନ କରିବା କ୍ଷେତ୍ରରେ ବ୍ରତୀ ହୋଇପାରିଲେ ଦେଶର ପ୍ରଗତି ସମ୍ଭବ ହୋଇପାରିବ ତାହା ଉପରେ ନିଜ ବକ୍ତବ୍ୟ ରଖିଥିଲେ । ସହସଂଯୋଜକ ଡ଼ ଗୋଲକ ବିହାରୀ ମହାକୁଡ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ କଲେଜର ଅଧାପକ, ଅଧାପିକା, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଛାତ୍ରୀଙ୍କ ଆତ୍ମରକ୍ଷା ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆତ୍ମରକ୍ଷା କୌଶଳ ପ୍ରଶିକ୍ଷକ ମମତାମୟୀ ଦାସ ଛାତ୍ରୀଙ୍କୁ ଆତ୍ମରକ୍ଷାର କୌଶଳ ଶିଖାଇଥିଲେ ଓ ବୈଜୟନ୍ତୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଟ ଜଳ ସମସ୍ୟା : ନାଳପାଣି ସାଜିଛି ଭରସା

**ଜୟପୁର, ନ୍ୟୁଜ ବ୍ୟୁରୋ**

ଅବହେଳିତ ପକନାଗୁଡ଼ା । ସମସ୍ୟା ଭିତରେ ଯୁଝି ହେଉଛନ୍ତି ପକନାଗୁଡ଼ାବାସି । ଶୁଦ୍ଧ ପାନୀୟ ଜଳ ପାଲଟିଛି ସାତ ସପନ । ନାଳ ପାଣି ମେଂଟାଉଛି ଶୋଷ । ଖରାର ପ୍ରକୋପ ବଢୁଥିବାରୁ ଜଳ କଷ୍ଟ ଚିନ୍ତା । ଆବାସ ଯୋଜନାରୁ ବଞ୍ଚିତ ଏକାଧିକ ପରିବାର । ରାସ୍ତା କଥା ଶୁଣିବାକୁ ଆଜି ଯାଏଁ ପହଂଚିପାରିନି ପ୍ରଶାସନ । ଆଦିବାସୀ ଅଧୁଷିତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଆଉଁଳୀ ପଞ୍ଚାୟତର ଉପାନ୍ତ ଗାଁ ପକନାଗୁଡ଼ା । ଏଠାରେ ପ୍ରାୟ ୩୦ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । କିନ୍ତୁ ବିଭିନ୍ନ ସମସ୍ୟା ଭିତରେ ଜୁଝି ହେଉଛନ୍ତି ଗ୍ରାମବାସୀ । ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ଗାଁ ରେ ଥିବା ୨ଟି ନଳକୂଅ ଖରାପ ଯୋଗୁଁ ବାଧ ହୋଇ ନାଳ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ। ସୁଦ୍ଧ ପାନୀୟ ଜଳ ପାଲଟିଛି ଏହି ଗ୍ରାମବାସୀଙ୍କ ପାଇଁ ସାତ ସପନ । ଏଠି ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଫେଲ୍ ମାରିଛି । ଖରା ଦିନ ପୁଣି ନଳକୂପ ଅଚଳ ଯୋଗୁଁ ସ୍ଥିତି ଉତ୍କଟ ହେଲେ ଇନ୍ଦ୍ରାବତୀ ନଦୀ ହିଁ ସାହାଭରସା ବୋଲି କହିଛନ୍ତି ଗ୍ରାମବାସୀ । ଏତ ଥିଲା ପାନୀୟ ଜଳ ସମସ୍ୟା ଏହା ବାଦ୍ ବି ରହିଛି ଗାଁ ରେ ଅନେକ ସମସ୍ୟା । ଏକାଧିକ ପରିବାର ଆବାସ ଯୋଜନାରୁ ବଂଚିତ କାହା ଘର ଉପରେ ପଲିଥିନ ଟଣା ହୋଇଛି ତ କାହାର ଚାଳ ଉଡି ଗଲାଣି । ପୁଣି ଏତିକି ନୁହେଁ ଗାଁରେ ଅନେକ ବୟସ୍କ ଭତା ପାଇବାରୁ ବଞ୍ଚିତ ଅଛନ୍ତି । ରାସ୍ତା ନିର୍ମାଣ ହୋଇ ପାରିନି ଯାହା ଫଳରେ ଉପାନ୍ତ ଗାଁ ଭାବେ ପରିଚିତ ପକନାଗୁଡ଼ାରୁ ଅନେକ ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ଖଟିଆରେ ବୁହା ହୋଇ ୨ କିଲୋମିଟର ନିଆ ଯାଉଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧା ନ ପାଇ ବହୁ ହଇରାଣ ହରକତରେ ଜୀବନ ଜୀବିକା ନିର୍ବାହ କରୁଛନ୍ତି ଗ୍ରାମବାସୀ । ଏହିସବୁ ମୌଳିକ ସୁବିଧା ନ ଥିବାରୁ ଗାଁ ରୁ ବହୁ ପରିବାର ଅନ୍ୟ ଗାଁ କୁ ଯିବାକୁ ବାଧ ହେଉଛନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସହିତ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରପଂଚ ଠାରୁ ନେତା ମନ୍ତ୍ରୀ ଅଫିସରଙ୍କୁ ବହୁ ବାର ଗ୍ରାମବାସୀ ଯୋଗାଯୋଗ କରିଛନ୍ତି କିନ୍ତୁ କୌଣସି ସୁଫଳ ମିଳୁନି । ପ୍ରତ୍ୟେକ ଦିନ ଗ୍ରାମବାସୀ ସମସ୍ୟା ସହ ଲଢ଼ି ଲଢ଼ି ନୟାନ୍ତ ହୋଇଗଲେଣି ତେଣୁ ତୁରନ୍ତ ପ୍ରଶାସନ ଉକ୍ତ ଗ୍ରାମରେ ପହଁଚି ଗ୍ରାମରେ ଲାଗିରହିଥିବା ସମସ୍ୟା ସମାଧାନ ପାଇଁ ଦାବି ହୋଇଛି ।

# ଅବୈଧ ଅର୍ଥ ସଂଗ୍ରହ ଅଭିଯୋଗ : ତଦନ୍ତ ଦାବି

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଇଣ୍ଡିଆନ ରେଡକ୍ରସ ସୋସାଇଟି ନାମକୁ ବ୍ୟବହାର କରି ଅବୈଧ ଅର୍ଥ ସଂଗ୍ରହ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହେଉଛି । ଇଷ୍ଟ ଇଣ୍ଡିଆ କନଷ୍ଟ୍ରକ୍ସନ, ଭୁବନେଶ୍ୱର ନାମକ ଏକ ସଂସ୍ଥା ବାଇକ ଓ ଚାରିଚକିଆ ଚାଳକମାନଙ୍କ ପାଖରୁ ଟଙ୍କା ଗ୍ରହଣ କରୁଥିବା ଜଣାପଡିଛି । ଏକ କଳାରଙ୍ଗର କାରରେ ରେ ୪ ଜଣ ବ୍ୟକ୍ତି ଟିମ୍ ଲିଡର ଚକ୍ରଧର ମହାରଣାଙ୍କ ସହ ଆସି ମାଥିଲି ଠାରୁ ୪ କି.ମି. ଦୂରରେ ଲୋକଙ୍କୁ ଅଟକାଇ ସୁରକ୍ଷିତ ମୋଟରଗାଡ଼ି ଚଳାଇବା ବାର୍ତା ଦେବାସହ ପ୍ଲାଷ୍ଟିକ ଫୁଲ ଦେଉଥିବା ଦେଖିବାକୁ ମିଳିଛି । ସେମାନଙ୍କ ଠାରେ ଅନେକ ବେନାମୀ ରସିଦ ଥିବା ମଧ ଦେଖିବାକୁ ମିଳିଛି । ଅଭିଯୋଗ ଅନୁସାରେ, ସଂସ୍ଥାର କିଛି ବ୍ୟକ୍ତି "ରକ୍ତଦାନ ଶିବିର" ଓ "ରେଡ୍ କ୍ରସ୍" ନାମରେ ବାଇକ ଚାଳକଙ୍କୁ ୧୦ ରୁ ୨୦ ଟଙ୍କା ଏବଂ ଚାରିଚକା ଚାଳକଙ୍କୁ ଧନ ସଂଗ୍ରହ କରୁଛନ୍ତି । ଏହା ସହିତ ଯେଉଁ ରସିଦ ଦିଆଯାଉଛି, ସେଥିରେ ଦାତାଙ୍କ ନାମ ଉଲ୍ଲେଖ ନଥିବା ଓ ଖାଲି ରସିଦ ବଂଟନ ହେଉଥିବା ଦେଖାଯାଇଛି । ସ୍ଥାନୀୟ ଲୋକଙ୍କ ମଧରେ ଏହାକୁ ନେଇ ସନ୍ଦେହ ଓ ଅସନ୍ତୋଷ ବୃଦ୍ଧି ପାଇଛି । ସେମାନଙ୍କ କହିବା ଅନୁସାରେ, ଏହି ଧନ ସଂଗ୍ରହ ପାଇଁ କୌଣସି ଅଧିକାରିକ ଅନୁମତି ରହିଛି କି ନାହିଁ, ସେଥିରେ ସ୍ୱଷ୍ଟ ନାହିଁ। ଏହି ଘଟଣାକୁ ନେଇ କୋରାପୁଟ ଜିଲ୍ଲାପାଳ ଓ ମାଲକାନଗିରି ଜିଲ୍ଲାପାଳଙ୍କ ରେଡକ୍ରସ ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଖଲ ହୋଇଛି। ଅଭିଯୋଗରେ ସଂସ୍ଥାର ନିବନ୍ଧନ ପତ୍ର, ଅଡିଟ୍ ରିପୋର୍ଟ, ଧନ ସଂଗ୍ରହ ପାଇଁ ଅନୁମତି ପତ୍ର ଓ ଧନ ବ୍ୟବହାର ସମ୍ପର୍କରେ ତଦନ୍ତ କରିବାକୁ ଦାବି କରାଯାଇଛି । ସେହିପରି, ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ମଧ ଏହିପରି ଅବୈଧ କାର୍ଯ୍ୟକଳାପ ହେଉଛି କି ନାହିଁ, ସେଥିରେ ବ୍ୟାପକ ତଦନ୍ତ କରିବାକୁ ମଧ ଦାବି ହୋଇଛି। ଏହି ଅଭିଯୋଗ ଉପରେ ପ୍ରଶାସନ କେବେ ଓ କେମିତି ପଦକ୍ଷେପ ନେବ, ସେ ନେଇ ସମସ୍ତଙ୍କ ନଜର ରହିଛି ।

# ଚାହାଁର ମଞ୍ଜିର ଅଭାବୀ ବିକ୍ରି ଅଭିଯୋଗ ଆଦିମ ଜନଜାତି ଜୀବନ ଜୀବିକାରେ ବାଧା ସୃଷ୍ଟି

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଜିଲ୍ଲାର ବଣପାହାଡ଼ ଘେରା ଅଂଚଳରେ ବସବାସ କରୁଥିବା ଆଦିମ ଜନଜାତି ଡୋଙ୍ଗରିଆ ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ସେହି ଜଙ୍ଗଲଜାତ ଦ୍ରବ୍ୟ ମଧରୁ ଚାହାଁର ମଞ୍ଜି ଅନ୍ୟତମ । ଆଦିବାସୀମାନେ ଚାହାଁର ମଞ୍ଜିର ଅଭାବୀ ବିକ୍ରିର ଶିକାର ହୋଇ କମ୍ ମୂଲ୍ୟରେ ଦଲାଲମାନଙ୍କ ପାଖରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ଏହି ସରଳ ଆଦିମ ଜନଜାତି ଲୋକମାନଙ୍କ ଜୀବନ ଜୀବିକାରେ ବାଧା ଦେଖାଦେଇଛି । ନୂଆପଡ଼ା ଜିଲ୍ଲାର ପୁରପଲ୍ଲୀରେ ଏବେ ଚାହାଁର ବାସ୍ନା ଚହଟି ଯାଇଛି। ସକାଳୁ ସକାଳୁ ଚାହାଁର ଗଛଥିବା ପରିବାରର ଲୋକେ ଚାହାଁର ଗଛକୁ ଚଢି ଚାହାଁର ଗୋଟାଇବା ପାଇଁ ପ୍ରତିଦିନ ନିକଟସ୍ଥ ଜଙ୍ଗଲକୁ ଯାଆନ୍ତି। ବୈଶାଖ ମାସରେ ଚାହାଁର ମଞ୍ଜି ସଂଗ୍ରହ କରିଥାନ୍ତି । ଚାହାଁର ମଞ୍ଜିକୁ ସଂଗ୍ରହ କରି ପଥର ଚଟାଣରେ ଶୁଖାଇ ବିକ୍ରି କରି ନିଜର ତେଲ ଲୁଣର ସଂସାର ଚଳାଇଥାନ୍ତି । ହେଲେ ସରକାରଙ୍କ ପକ୍ଷରୁ ଏହାକୁ ବିକ୍ରି କରିବା ପାଇଁ ଏ ଯାଏଁ ଦର ଧାର୍ଯ୍ୟ ହୋଇନାହିଁ। ଫଳରେ ଏହି ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଜିଲ୍ଲାର ଉପରପିଟା, ଲାଞ୍ଜି, କରନଡବା, ମହୁଲପଡ଼ା, ବେଲପଡ଼ା, ମନ୍ତ୍ରୀତରାଇ, ଦାବରୀ, ରାଣିମୁଣ୍ଡା, କମ୍ପାନୀଗୁମା, ବିକ୍ରମପୁର, କିରକିଟା, କୋଦାଲଡୁଙ୍ଗରୀ, କାଟଫାର, ଭଇସାଦାନୀ, ପାଟଧରା, ସିଆଳିପଡ଼ା, ସିଆଲଲଟି, ରେଢ଼ାମାଲ, ପେନଲାପଡ଼ା, ରୁଣ୍ଡି ସହ ଗ୍ରାମାଚଂଳର ଲୋକେ ଚାହାଁର ମଞ୍ଜି ତୋଳି ଅଭାବି ବିକ୍ରିର ଶିକାର ହେଉଛନ୍ତି । ସେମାନେ କିଲୋ ପ୍ରତି ୮୦ରୁ ୧୦୦ ଟଙ୍କା ଦରରେ ଦଲାଲ ପାଖରେ ବିକ୍ରି କରି ଦେଉଛନ୍ତି । ସେହି ଚାହାଁର କିଲୋ ପ୍ରତି ହାରାହାରି ୨୦୦ ରୁ ଅଧିକ ଟଙ୍କା ଦରରେ ବିକ୍ରୟ ହେବା ଉଚିତ। ଅପରପକ୍ଷେ ରାଜ୍ୟ ସରକାର ମଧ ରାଜସ୍ୱ ହରାଉଛନ୍ତି। ଏହି ଚାହାଁର ମଞ୍ଜି ଦ୍ୱାରା ବିଭିନ୍ନ ମୂଲ୍ୟବାନ ଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ। ବଣପାହାଡ଼ ଘେରା ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଏହା ଅର୍ଥ ଉପାର୍ଜନ କରିବାର ବାଟ ଅଟେ । ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଚାହାଁର ମଞ୍ଜିର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଥିବା ମତପ୍ରକାଶ ପାଇଛି ।

# ଜନ ଗଣନାକୁ ବିରୋଧ କଲେ କୁଲାବେଡା ଗାଁ ଲୋକେ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଆରମ୍ଭ ହୋଇଛି ଜନ ଗଣନା-୨୦୨୭ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ । ଏହି ପରିପେକ୍ଷୀରେ ଜନ ଗଣନା ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଜିଲ୍ଲାର ସୀମାନ୍ତ ଅଞ୍ଚଳ ବାସି ସହଯୋଗ କରୁନଥିବା ଅଭିଯୋଗ ପରେ ଆଜି ନିଜେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ସୀମାନ୍ତ ଅଞ୍ଚଳ ଗାଁ ରେ ପହଞ୍ଚି ଲୋକଙ୍କୁ ବିଝାସୁଝା କରିଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁ ଟି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ଅଧିନରେ ଅବସ୍ଥିତ । ହେଲେ ଏହି କୁଲାବେଡା ଗାଁ ଲୋକେ ଜନ ଗଣନା ଦାୟିତ୍ୱରେ ଥିବା ଚିପାକୁର ହାଇସ୍କୁଲର ଶିକ୍ଷକଙ୍କୁ ସହଯୋଗ କରିନଥିଲେ। ଏନେଇ ଶିକ୍ଷକ ସ୍ଥାନୀୟ ତହସିଲଦାର ସିଂଘ୍ରା ଚୌଧୁରୀଙ୍କୁ ଜଣାଇବା ପରେ ଉପଜିଲ୍ଲାପାଳଙ୍କ ନଜରକୁ ଅଣାଗଲା । ସୂଚନା ପାଇ ଆଜି ଜୟପୁର ଉପଜିଲ୍ଲାପାଳ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁରେ ପହଂଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଜନ ଗଣନା-୨୦୨୭ କାର୍ଯ୍ୟକ୍ରମରେ ପ୍ରଶାସନକୁ ସହଯୋଗ କରବା ପାଇଁ ଅନୁରୋଧ କରିଥିଲେ । ଗାଁ ଲୋକଙ୍କ ଅଭିଯୋଗ ଅନୁଯାଇ, କୁଲାବେଡା ଗାଁ ଟି ୨ଜିଲ୍ଲା ସୀମାନ୍ତରେ ଅବସ୍ଥିତ । ଅଧିକାଂଶ ପରିବାର ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସରକାରୀ ସୁବିଧା ପାଉଛନ୍ତି କିନ୍ତୁ ସେମାନଙ୍କ ଜମିବାଡ଼ି ପଟ୍ଟା କୋରାପୁଟ ଜିଲ୍ଲାରେ ରହିଛି । ହେଲେ ଦୀର୍ଘ ଦିନରୁ କୁଲାବେଡାରେ କୋରାପୁଟ ପ୍ରଶାସନ ତରଫରୁ ମେଡିକାଲ, ସ୍କୁଲ ଭଳି ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଦାବୀ ରହିଛି । କିନ୍ତୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନଥିବାରୁ ଏଭଳି ଜନ ଗଣନାକୁ କୁଲାବେଡା ଗାଁ ଲୋକେ ବିରୋଧ କରିଛନ୍ତି ।

# ବିଜେପି ତରଫରୁ ଜନ ଆକ୍ରୋଶ ମହିଳା ସମାବେଶ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧଜିଲ୍ଲା ବିଜେପି ତରଫରୁ ମହିଳା ମାନଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ରେ ୫ଶହରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ବିଭିନ୍ନ ଛକ ଦେଇ ସ୍ଥାନୀୟ ଟାଉନହଲ ଭିକାରି କଳା ମଣ୍ଡପ ଠାରେ ପହି ସେଠାରେ ମହିଳା ମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ମୀନାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ତରଫରୁ ନାରୀନେତ୍ରୀ ଶ୍ରୀମତୀ ଜୟନ୍ତୀ ପଢିଆରି ପ୍ରଭାରୀ ଭାବେ ଯୋଗଦାନ କରି କିପରି କଂଗ୍ରେସ ସହିତ ବିଜେଡି ଓ ଅନ୍ୟାନ୍ୟ ବିରୋଧୀ ନେତୃତ୍ୱ ମହିଳା ସରକ୍ଷଣ ବିଲକୁ ବିରୋଧ କରିଥିବାରୁ ଜନ ଆକ୍ରୋଶ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧରେ କାମାଳ ଜିଲ୍ଲା ପରିଷଦ ନେତ୍ରୀ ପଦ୍ମାଳୟା ପ୍ରଧାନ, ନାରୀନେତ୍ରୀ ନମିତା ରାଣୀ ଦାସ, ସଂଯୁକ୍ତା ନାୟକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ମହିଳା ସମାବେଶରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ ଯୋଗଦାନ କରି କଂଗ୍ରେସ, ବିଜେଡି ଓ ତାଙ୍କ ସାଥି ମେ ଦଳ କିପରି ମହିଳା ମାନଙ୍କ ବିଲ୍‌କୁ ବିରୋଧ କରି ଲୋକସଭାରେ ମତଦାନ କରିଥିବା ଉପରେ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମାବେଶରେ ଅତିଥିଭାବେ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର ମଧ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ବିପ୍ର ଚ଼ରଣ ମହାନ୍ତି, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପସଭାପତି ସୁଶାନ୍ତ କୁମାର ବାଘ, ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ନେତୃତ୍ୱ ଯୋଗଦାନ କରିଥିଲେ ।

# ଗୋ ଚାଲାଣ ବେଳେ ଚଢ଼ଉ : ୨୭ ଗୋରୁ ଉଦ୍ଧାର

**ଜୟପୁର, ନ୍ୟୁଜ ବ୍ୟୁରୋ**

ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ପୋଲିସ ରାତ୍ରରେ ପଇଁତରା କରୁଥିବା ସମୟରେ ଦୃତ ଗତିରେ ଯାଉଥିବା ଏକ ବଡ ଟ୍ରକ ନମ୍ବର ଟିଏନ୦୭ୟୁଏନ୧୨୨୭ କୁ ଅଟକାଇ ଯାଂଚ୍ କରିଥିଲା। ଏହି ଗାଡ଼ିରେ ୨ ଗୋଟି ବାଛୁରୀ ୨୪ ଗୋଟି ବଳଦ ଏବଂ ୧ ଷଣ୍ଢ ସହ ସମୁଦାୟ ୨୭ ଗୋଟି ଗୋରୁ ତେଲେଙ୍ଗାନା ରାଜ୍ୟର ଭଦ୍ରାଚାଲମକୁ ଚାଲାଣ ହେଉଥିବା ଡ୍ରାଇଭର ଏବଂ ହେଲପର ସୂତ୍ରରୁ ଜାଣିବାକୁ ପାଇଲେ। ଏହି ସବୁ ଗୋରୁଙ୍କୁ ନବରଙ୍ଗପୁର ଜିଲ୍ଲାର କିଛି ଗୋରୁ ବ୍ୟବସାୟୀ କୋଟପାଡ଼ ଅଞ୍ଚଳରୁ ସଂଗ୍ରହ କରି ଏହି ଗାଡ଼ିରେ ପଠାଉଥିଲେ ବୋଲି ଗାଡ଼ି ଡ୍ରାଇଭର କହିଛି। ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ କୁମାରୀ ଅର୍ଚ୍ଚିତା ମିତଲଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏହି ଗୋଚାଲାଣକୁ ଗୁରୁତ୍ୱର ସହ ବିଚାର କରି ଏସଆଇ ରାଜେନ୍ଦ୍ର କୁମାର ପାଙ୍ଗିଙ୍କୁ ଏହାର ତଦନ୍ତ ଭାର ଦେଇ ଗାଈ ଗୁଡ଼ିକୁ ପାଲିଗୁଡ଼ା ସ୍ଥିତ ଗୋଶାଳାରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସଆଇ ରାଜେନ୍ଦ୍ର ପାଙ୍ଗି ହାବିଲଦାର ଏବଂ ପୋଲିସ କର୍ମଚାରୀମାନେ ପାଲିଗୁଡ଼ା ଗୋଶାଳାକୁ ଗାଈ ଗୁଡ଼ିକ ହସ୍ତାନ୍ତର କରି ଜୟପୁର ପଶୁ ଚିକିତ୍ସା ଅଧିକାରୀ ଡା. ସୌଭାଗ୍ୟଙ୍କୁ ସୂଚନା ଦେବାପରେ ଗାଈ ଗୁଡ଼ିକର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ୍ କରାଯାଇଥିଲା ଏବଂ ଡ୍ରାଇଭର ହେଲପର ଦୁହିଁଙ୍କୁ ଅଟକ ରଖି ପଚରା ଉଚୁରା ଚାଲିଛି କିନ୍ତୁ ପୋଲିସ ପଶୁ ମାନଙ୍କ ପ୍ରତି କ୍ରୁରତା ଏବଂ ବେଆଇନ ଗୋ ଚାଲାଣ ଭଳି ସଙ୍ଗୀନ ଦଫା ଲୋଗାଇ କୋର୍ଟକୁ ହସ୍ତାନ୍ତର କରିବା ପରେ ଆଇନରେ ରହିଥିବା ପ୍ରାବଧାନ ଅନୁଯାୟୀ ଗୋରୁ ପିଛା ଏକ ଶହ ଟଙ୍କାରୁ କମ୍ ଜରିମାନା ଦେଇ ମୁକୁଳି ଯାଉଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇବା ସହ ଗୋ ଚାଲାଣକାରୀଙ୍କ ବିରୁଦ୍ଧରେ କଡାକଡି ଆଇନ ପ୍ରଣୟନ କରିବାକୁ ସାଧାରଣରେ ଦାବି ହୋଇଛି।

# ତ୍ରିଶୁଳିଆ -ଜୁଡିସିଆଲ ଏକାଡେମୀ ଛକ ନୂତନ ସେତୁ ନିର୍ମାଣ ଘଟଣା କଳାତାଲିକା ଭୁକ୍ତ ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦେବା କେତେ ଦୂର ଠିକ୍ ?

**କଟକ , ନ୍ୟୁଜ ବ୍ୟୁରୋ**

କାଠଯୋଡି ନଦୀରେ ବର୍ତ୍ତମାନର ସେତୁ ସହ ସମାନ୍ତରଳ ଭାବେ ତ୍ରିଶୁଳିଆ ଜୁଡିସିଆଲ ଏକାଡେମୀ ଛକକୁ ସଂଯୋଗ କରି ନୂତନ ସେତୁ ନିର୍ମାଣ କରାଯିବ । ସେତୁର ନିର୍ମାଣ ପାଇଁ ଏସପିଏସ କନଷ୍ଟ୍ରକ୍ସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର । ୨୦୨୩ରେ ବିହାରରେ ଗଙ୍ଗା ନଦୀ ଉପରେ ବ୍ରିଜ ଭୁଶୁଡ଼ିବା ପରେ ଉକ୍ତ ନିର୍ମାଣକାରୀ ସଂସ୍ଥା ଏସପି ସିଙ୍ଗଲା କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍‌କୁ ଦାୟୀ କରି ଭର୍ତ୍ସନା କରିଛନ୍ତି ପାଟନା ହାଇକୋର୍ଟ। ଉକ୍ତ କମ୍ପାନୀଙ୍କୁ ଓଡିଶା ସରକାର କାଠଯୋଡି ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ଦାୟିତ୍ୱ ଦେଇଥିବାରୁ ସନ୍ଦେହ ସୃଷ୍ଟି ହୋଇଛି । ଜନସଂଖ୍ୟା ବୃଦ୍ଧି ସହ ଦିନକୁ ଦିନ ବଢି ଚାଲିଛି ଟ୍ୱିନସିଟି ଭୁବନେଶ୍ୱର-କଟକରେ ଗାଡି ମଟର । ଟ୍ରାଫିକ ସମସ୍ୟା ଦୂର ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ବଡ଼ ପଦକ୍ଷେପ ନେଇଛନ୍ତି ମୋହନ ସରକାର । କାଠଯୋଡି ନଦୀ ଉପରେ ବର୍ତ୍ତମାନର ସେତୁ ସହ ସମାନ୍ତରଳ ଭାବରେ ନୂତନ ସେତୁ ନିର୍ମାଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ତ୍ରିଶୁଳିଆ ଛକ - ଜୁଡିସିଆଲ ଏକାଡେମୀ ଛକକୁ ସଂଯୋଗ କରିବ । ଭୁବନେଶ୍ୱର ଓ କଟକ ଟ୍ୱିନ ସିଟିକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଏନଏଚ-୧୬ ଉପରେ ଭିଡ଼ କମାଇବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି । ସମୟ ଅପଚୟକୁ ରୋକିବା ଓ ସରକାରୀ ତଥା ନିଜସ୍ୱ କାର୍ଯ୍ୟ ପାଇଁ ଦୈତ୍ୟ ନଗରୀ ଉପରେ ନିର୍ଭର କରୁଥିବା ଲୋକ ଉପକୃତ ହେବେ। ସେତୁର ନିର୍ମାଣ ପାଇଁ ଜିଏସଟିକୁ ବାଦ ଦେଇ ୧୫୮ କୋଟି ୮୮ ଲକ୍ଷ ୯୦ ହଜାର ୩୦୫ ଟଙ୍କା ଖର୍ଚ୍ଚ ହେବ । ସର୍ବନିମ୍ନ ଟେଣ୍ଡର ସଂସ୍ଥା ମେସର୍ସ ଏସ.ପି.ଏସ. କନଷ୍ଟ୍ରକ୍ସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ସେତୁ ନିର୍ମାଣ ପ୍ରସ୍ତାବକୁ ଗତ କ୍ୟାବିନେଟ ଅନୁମୋଦନ ମିଳିଥିଲା । ଏସ.ପି.ଏସ. କନଷ୍ଟ୍ରକ୍ସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ନେଇ ବର୍ତ୍ତମାନ ସରକାର ହରଡଘଣାରେ ପଡିଛନ୍ତି । କାରଣ ୨୦୨୩ ଜୁନ ୪ ତାରିଖରେ ବିହାର ଗଙ୍ଗା ନଦୀ ଉପରେ ସୁଲତାନଗଞ୍ଜ ସହ ଖଗାରିଆର ଅଗୁଓ୍ୱାନୀ ଘାଟକୁ ଯୋଡ଼ିବାକୁ ଥିବା ୩. ୧୬ କି.ମି ଲମ୍ବ ବିଶିଷ୍ଟ ଏକ ନିର୍ମାଣାଧୀନ ବ୍ରିଜ ହଠାତ ଭୁଶୁଡି ପଡ଼ିଥିଲା । ୧୭୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବାବେଳେ ୩୦ଟି ପିଲାର ନଦୀ ଗର୍ଭରେ ଜଳସମାଧି ନେଇଥିଲା । ଏହି ବ୍ରିଜ ନିର୍ମାଣକାରୀ ସଂସ୍ଥା ଥିଲା ଏସ.ପି ସିଙ୍ଗଲା କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ । ସଂସ୍ଥା ବିରୋଧରେ ମାମଲା ପାଟନା ହାଇକୋର୍ଟରେ ପହଁଚିଥିଲା । ପରବର୍ତ୍ତୀ ସମୟରେ କମ୍ପାନୀ ନିଜ ନାମ ବଦଳାଇ ଏସପିଏସ କନଷ୍ଟ୍ରକ୍ସନ ରଖିଲା। ମାମଲାର ଫଇସଲା ହୋଇନଥିବାବେଳେ ଉକ୍ତ ବିବାଦୀୟ କମ୍ପାନୀକୁ ରାଜ୍ୟ ସରକାର ଟ୍ୱିନ ସିଟିରେ ଏହି ଗୁରୁଦାୟିତ୍ୱ ଦେଇଛନ୍ତି । ଯାହାକୁ ନେଇ ବର୍ତ୍ତମାନ ବିବାଦ ସୃଷ୍ଟି ହେବାରେ ଲାଗିଛି ।

# ପରିବେଶ ସୁରକ୍ଷା କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ ମେହେର

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ କୁଡାପଡାର 'ଗାଁ ପ୍ରକୃତି ବନ୍ଧୁ' ସରୋଜ ମେହେର ପ୍ରକୃତି ପାଇଁ ସବୁ ବେଳେ କାମ କରି ଆସୁଛନ୍ତି। ପରିବେଶ ପାଇଁ ଗଛ, ଜଙ୍ଗଲରେ ବସବାସ କରୁଥିବା ପକ୍ଷୀଙ୍କ ପାଇଁ ଜଳଛତ୍ର, ପରିବେଶର ଜୀବଜନ୍ତୁଙ୍କୁ କ୍ଷତି ନକରି ଫସଲ ଜଗିଛି। କାଚ ବୋତଲ ନୂଆ ନୂଆ ଉପାୟ୍ୟ ସୃଷ୍ଟି କରି ପରିବେଶକୁ ତଥା ପରିବେଶରେ ବାସ କରୁଥିବା ଜୀବଜନ୍ତୁ ସୁରକ୍ଷା ରଖିବା ପାଇଁ ସବୁ ବେଳେ ଯୁଦ୍ଧ କରି ଆସୁଛନ୍ତି ସେହି ପରି ଏବେ ଗ୍ରୀଷ୍ମ ସମୟରେ ବହୁ ମାତ୍ରା ରେ ଦୁକାନ ବଜାର ରେ ପାଣି ବୋତଲ ଥଣ୍ଡା ବୋତଲ ବିକ୍ରି ଚାଲିଛି ଲୋକ ମାନେ ପର୍ଯ୍ୟଟ ସ୍ଥଳ, ମନ୍ଦିର ପରିସର,ସମୁଦ୍ର ପାଖ ରେ ପିଇ ସେହି ପ୍ଲାଷ୍ଟିକ ବୋତଲ କୁ ପୋଫଡି ଦେଉଛନ୍ତି ସେଇ ପ୍ଲାଷ୍ଟିକ ବୋତଲ ପରିବେଶ ତଥା ସମାଜ ପାଇଁ କ୍ଷତିକାରକ। ଏହି ପ୍ଲାଷ୍ଟିକ ଖାଇ ବିଭିନ୍ନ ସମୟରେ ଗାଇଗୋରୁ ମରିଯାଉଛନ୍ତି । ସେହିପରି ମଣିଷ ମାନଙ୍କୁ ବିଭିନ୍ନ ରୋଗ ଆକ୍ରମଣ କରୁଛି । ଏବେ ଗ୍ରୀଷ୍ମ ସମୟରେ ଅଧକ ଭାବରେ ପ୍ଲାଷ୍ଟିକ ବୋତଲ ଛୁଆ ଠାରୁ ବୁଢା ଯାଏ ବ୍ୟବହାର କରୁଛନ୍ତି । ଏହି ପ୍ଲାଷ୍ଟିକ ବୋତଲ ନଳା ନର୍ଦ୍ଦମାଠୁ ଆରମ୍ଭ କରି ଖେଳ ପଡିଆରେ ପଡ଼ି ବର୍ଷବର୍ଷ ଧରି ପରିବେଶ ନଷ୍ଟ କରୁଛି । ଏହି ପ୍ଲାଷ୍ଟିକ ଆବର୍ଜନା ନଷ୍ଟ ହେବାପାଇଁ ସର୍ବନିମ୍ନ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବଢି ବଢି ଚାଲିଛି। ତାକୁ ଲକ୍ଷ୍ୟ କରି ପ୍ରକୃତି ବନ୍ଧୁ ସରୋଜ ମେହେର ୧ ଲିଟର ଓ ୨ ଲିଟର ପାଣି ବୋତଲ ବିଭିନ୍ନ ସ୍ଥାନ ରୁ ସଂଗ୍ରହ କରୁଛନ୍ତି ସମାଜ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ତାଙ୍କର ଚେଷ୍ଟା ଲାଗି ରହିଛି । ଏହି ପ୍ଲାଷ୍ଟିକକୁ ସମାଜରେ କମ୍ କରିବାକୁ ହେଲେ ପ୍ଲାଷ୍ଟିକ କମ ବ୍ୟବହାର କରିବାକୁ ହେବ। ତା' ସହିତ ଯାହା ପ୍ଲାଷ୍ଟିକ ବୋତଲ ଆଣୁଛୁ ତାହାକୁ ଯଦି ଘରର ଉପକରଣରେ ସିମୀତ ରଖି ଛୋଟ ଛୋଟ ଖେଳନା ତିଆରି କରବା ଓ ବୋତଲରେ ଗଛ ଲଗାଇବା ଭଳି କାର୍ଯ୍ୟରେ ବିନିଯୋଗ କରନ୍ତେ ଏବଂ ଅଦରକାରୀ ପ୍ଲାଷ୍ଟିକକୁ ସଂଗ୍ରହ କରି ପୋଡ଼ି ଦେବା ତେବେ ପରିବେଶ ନିଶ୍ଚିନ୍ତ ସୁଧୁରି ପାରିବ। ଏଥିପ୍ରତି ପ୍ରତ୍ୟେକ ସ୍ତରରେ ସଚେତନ ରହିବା ସହ ଏ ଦିଗରେ ସଠିକ୍ ଉଦ୍ୟମ କରାଯାଇ ପାରିଲେ ଆଗାମୀ ଦିନରେ ନିଶ୍ଚିତ ଜନଜୀବନ ସୁଧୁରି ପାରନ୍ତା ବୋଲି ପ୍ରକୃତି ବନ୍ଧୁ ଆହ୍ୱାନ ଦେଇଛନ୍ତି।

# କାୟାକଳ୍ପ ପୁରସ୍କାର ଶୀର୍ଷରୁ ୧୫ ନମ୍ବରକୁ ଖସିଲା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

**ଚମ୍ପୁଆ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ବର୍ଷ ୨୦୨୫-୨୬ ପାଇଁ ପ୍ରତିଷ୍ଠିତ 'କାୟାକଳ୍ପ' ପୁରସ୍କାର ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକାରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରଦର୍ଶନକୁ ନେଇ ସ୍ଥାନୀୟ ଅଞ୍ଚଳରେ ନୈରାଶ୍ୟ ଖେଳିଯାଇଛି। ଗତ ବର୍ଷ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଚଳିତ ବର୍ଷ ୧୫ତମ ସ୍ଥାନକୁ ଖସି ଆସିଛି। ସୂଚନାଯୋଗ୍ୟ ଯେ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛତା, ସଂକ୍ରମଣ ନିୟନ୍ତ୍ରଣ ଏବଂ ସେବା ପ୍ରଦାନର ମାନକୁ ପରଖିବା ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରା ଯାଇଥାଏ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଯାଞ୍ଚ କରାଯାଇ ମାର୍କ ଦିଆଯାଏ। ଗତ ବର୍ଷ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ନିଜର ସ୍ୱଚ୍ଛତା, ସୁନ୍ଦର ପରିବେଶ ଏବଂ ଉତ୍ତମ ସେବା ପାଇଁ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମାତ୍ର ବର୍ଷକ ମଧରେ ଏହି ସଫଳତା ଫିକା ପଡ଼ିଯାଇଛି। ପ୍ରଥମରୁ ସିଧା ପଞ୍ଚଦଶ ସ୍ଥାନକୁ ଖସିବା ଏହାର ସ୍ୱାସ୍ଥ୍ୟ ସେବା ଏବଂ ରକ୍ଷଣାବେକ୍ଷଣର ମାନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିପର୍ଯ୍ୟୟ ପଛରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) କର୍ମଚାରୀଙ୍କ ଚରମ ଅବହେଳା ହିଁ ମୁଖ୍ୟ କାରଣବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନାରେ ଶିଥିଳତା, ସ୍ୱଚ୍ଛତା ପ୍ରତି ଦୃଷ୍ଟି ନଦେବା ଏବଂ କର୍ତବ୍ୟରେ ଅବହେଳା ଯୋଗୁଁ ଆଜି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତାର ପୂର୍ବ ଗୌରବ ହରାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। 'ଯେଉଁ ହସ୍ପିଟାଲ ଦିନେ ରାଜ୍ୟ ପାଇଁ ଉଦାହରଣ ଥିଲା, ଆଜି କର୍ମଚାରୀଙ୍କ ସମନ୍ୱୟ ଅଭାବ ଓ ଅବହେଳାରୁ ତାହା ପଛକୁ ପଡ଼ିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।' ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ପୁଣି ଥରେ କିଭଳି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଶୀର୍ଷ ସ୍ଥାନକୁ ଫେରିବ, ସେଥିପାଇଁ ଉପଯୁକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦାବୀ ହେଉଛି। ତେବେ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ବିଫଳତା ପରେ ଏବେ ସ୍ୱାସ୍ଥ୍ୟ ବିଭାଗ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।





# ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ 'ଉତ୍କଳ ନବରତ୍ନ' ସମ୍ମାନ ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଏବଂ ଜୟଦେବ ସଂସ୍କୃତି ସମ୍ମାନ ବିକାଶ ପରିଷଦ, ଭାରତ ତରଫରୁ ପ୍ରଦତ୍ତ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ କଟକ କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶା ଅପରାଧ ଶାଖା ଆଇଜି ସାର୍ଥକ ଷଡ଼ଙ୍ଗୀ ମଧ୍ୟ ଏହି ସମ୍ମାନରେ ସମ୍ମାନିତ ହୋଇଥିବା ସୂଚନା ମିଳିଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ନ୍ୟାୟମୂର୍ତ୍ତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ତଥା ବର୍ତ୍ତମାନ ଜାତୀୟ ମାନବାଧିକାର କମିଶନ ସଦସ୍ୟ, ସାଂସଦ ଯାଜପୁର ରବି ନାରାୟଣ ବେହେରା ତଥା ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ସମ୍ମାନ ପ୍ରଦାନ ଉତ୍ସବକୁ ମହିମା ମଣ୍ଡିତ କରିଥିଲେ । ପ୍ରଶାସନିକ ସେବା ଜରିଆରେ ସମାଜରେ ତଳସ୍ତରରେ ଥିବା ଲୋକଙ୍କ ପାଖକୁ ପହଞ୍ଚି ସମସ୍ୟା ବୁଝି ତୁରନ୍ତ ସମାଧାନ କରିବା ଦିଗରେ ଡ. ସାହୁଙ୍କ ଭୂମିକାକୁ ପଶଂସା କରାଯାଇଛି । ଜଣେ ସାରସ୍ୱତ ସାଧକ ଭାବରେ ମଧ୍ୟ ଡ. ସାହୁ ବେଶ୍ ପରିଚିତ । ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ଅନୁଷ୍ଠାନ ୨୦୦୨ ମସିହାରୁ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ କରିଆସୁଛି । ରାଜ୍ୟ କଳା ଗବେଷଣା ଓ ସଂସ୍କୃତି ପରିଷଦ ଇତି ପୂର୍ବରୁ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ କରିସାରିଛି । ସେମାନଙ୍କ ମଧ୍ୟରେ ସଚ୍ଚି ରାଉତରାୟ, ରଘୁନାଥ ପାଣିଗ୍ରାହୀ, ଗିରିଧାରୀ ଗମାଙ୍ଗ, ଯାଦୁନାଥ ଦାଶ ମହାପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ପ୍ରଫୁଲ୍ଲ କର ପ୍ରମୁଖ ଅଛନ୍ତି । ଏହି ସମ୍ମାନ ଜନକ ସମ୍ବର୍ଦ୍ଧନା ପାଇଁ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାର କୋଣ ଅନୁକୋଣରୁ ଜିଲ୍ଲାପାଳ ଡ. ସାହୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଆବୁଧାବିରେ ୨୨ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆରବୀୟ ଦେଶ ଆବୁଧାବିରେ ଏକ କମ୍ପାନୀରେ କାମ କରୁଥିବା ଓଡ଼ିଆ ଶ୍ରମିକମାନଙ୍କୁ ପ୍ରଥମେ ଜେଲ୍ ଦଣ୍ଡ ଏବଂ ପରେ ସେଠାରୁ ହାତକଡ଼ି ପିନ୍ଧାଇ ବିମାନ ବନ୍ଦରରେ ଛାଡ଼ିଦେବା ଭଳି ନିର୍ଯାତନା ଘଟଣା ପଦାକୁ ଆସିଛି । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍‌ର ୨୨ଜଣ ଶ୍ରମିକ ଆବୁଧାବି ଯାଇ ସେଠାରେ ସେମାନେ ଏନ୍‌ଏସ୍‌ଏସ୍ ନାମରେ ଏକ କମ୍ପାନୀରେ କାମ କରୁଥିଲେ । କିଛି ମାସ କାମ କରିବା ପରେ ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ କୌଣସି କାରଣରୁ ହଟାଇ ଦେଇଥିଲେ । ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ ପାରିଶ୍ରମିକ ଦେବା ତ ଦୂରର କଥା ବରଂ ଆସବାବପତ୍ର, ମୋବାଇଲ୍, ଚୁକ୍ତିପତ୍ର ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଛଡ଼ାଇ ରଖିଦେଇଥିଲେ । ଏହାପରେ ଶ୍ରମିକମାନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ଲଗାଇ ଥାନାକୁ ନେଇ ସେଠାରୁ ଆବୁଧାବିର ଜେକସ୍ଥିତ ଜେଲ୍‌ରେ ଭର୍ତ୍ତି କରିଦେଇଥିଲେ । ଏହାପରେ ହାତକଡ଼ି ପିନ୍ଧାଇ ଭିସା ଓ ଟିକଟ ଦେଇ ବିମାନ ବନ୍ଦରରେ ଛାଡ଼ି ଦେଇଥିଲେ ବୋଲି ସେଠାରୁ ଫେରିଥିବା ଶ୍ରମିକମାନେ ଖଲ୍ଲିକୋଟ ନିକଟସ୍ଥ ଡାଲଖାଇ ମନ୍ଦିରରେ ଏକତ୍ରିତ ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋହଭରା କଣ୍ଠରେ କହିଛନ୍ତି । ସୂଚନା ଅନୁଯାୟୀ ୬ ମାସ ତଳେ ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ, ବେଗୁନିଆପଡ଼ା ବ୍ଲକର ଗୁଞ୍ଜଗଲା, ଖଲ୍ଲିକୋଟ ବ୍ଲକର ପାଳଧିଆପଲ୍ଲୀ, କେନ୍ଦୁପାଟ, ବାଣପୁର, କିମ୍ବିରିପନା ଓ ବି. ନୂଆପଲ୍ଲୀ ଗ୍ରାମର ୨୨ ଜଣ ଯୁବକ ବାଲୁଗାଁ ଅଞ୍ଚଳର ଜଣେ ଶ୍ରମିକ ଏଜେଣ୍ଟଙ୍କ ଜରିଆରେ ଆବୁଧାବି ଯାଇଥିଲେ । ଶ୍ରମିକଙ୍କୁ ଜଣ ପିଛା ୭୦ ହଜାର ଟଙ୍କା ଲେଖାଏଁ ଏଜେଣ୍ଟ ଦେଇଥିଲେ । ଏହା ସହ ଭିସା ବ୍ୟବସ୍ଥା କରାଇଥିଲେ । ଦୁଇ ବର୍ଷ ପାଇଁ ଚୁକ୍ତି ମଧ୍ୟ କରାଯାଇଥିଲା । ଖାଇବା, ରହିବା ଓ ଔଷଧ ଖର୍ଚ୍ଚ ବାଦେ ମାସିକ ମଜୁରୀ ଦିଆଯିବାର ପ୍ରତିଶ୍ରୁତି ଦେଇ ଏଜେଣ୍ଟ୍ ଶ୍ରମିକମାନଙ୍କୁ ଆବୁଧାବିକୁ ପଠାଇଥିଲେ । ସେଠାରେ ଶ୍ରମିକମାନେ ଏନ୍‌ଏସ୍‌ଏସ୍ କମ୍ପାନୀରେ ନିଯୁକ୍ତି ପାଇଥିଲେ । ହେଲେ କମ୍ପାନୀ କର୍ତ୍ତୃପକ୍ଷ ପୂର୍ବ ସୂଚନା ନଦେଇ ଛଟେଇ କରିବାରୁ ଗଞ୍ଜାମ ସମେତ ଅନ୍ୟ ରାଜ୍ୟର ଶ୍ରମିକମାନେ ଏହାର ପ୍ରତିବାଦରେ କମ୍ପାନୀ ସମ୍ମୁଖରେ ହୋହାଲ୍ଲା କରିବା ସହ ମାର୍ଚ୍ଚ ମାସର ମଜୁରୀ ଦାବି କରିଥିଲେ । ତେବେ କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ଲଗାଇ ଶ୍ରମିକମାନଙ୍କୁ ନିର୍ଯାତନା ସହ ଜେଲ୍‌ରେ ଭର୍ତ୍ତି କରିଦେଇଥିଲେ । ଜେଲ୍‌ରେ ୭ ରୁ ୧୫ ଦିନ ରଖିବା ପରେ ହାତକଡ଼ି ପିନ୍ଧାଇ ଟିକଟ ସହ ବିମାନବନ୍ଦରରେ ଛାଡ଼ିଦେଇଥିଲେ । ଶ୍ରମିକମାନେ ଭୋକ ଉପାସରେ ଘରୁ ପଇସା ମାଗି ମୁମ୍ବାଇରୁ ଭିଟାମାଟିକୁ ଫେରିଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଶ୍ରମିକମାନେ ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଡାଲଖାଇ ମନ୍ଦିରରେ ଏକତ୍ରିତ ହେବା ସହ ଜିଲ୍ଲା ଶ୍ରମ ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ କାମ କରୁଥିବା ୪ ଜଣ ଶ୍ରମିକଙ୍କ ମୃତଦେହ ଖଲ୍ଲିକୋଟ ବ୍ଲକ୍‌ର ବିଭିନ୍ନ ଗ୍ରାମର ଭିଟାମାଟିକୁ ଫେରିଛି ।



# ତାରିଣୀ ମନ୍ଦିରରୁ ମୂର୍ତ୍ତି ଭାଙ୍ଗି ଅଳଙ୍କାର ଓ ଦାନ ହୁଣ୍ଡି ଲୁଟି ନେଲେ ଦୁର୍ବୃତ୍ତ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ଥାନା ବେହେଡା ସ୍ଥିତ ତାରିଣୀ ମନ୍ଦିରର ଗର୍ଭ ଗୃହ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ମା'ଙ୍କର ରୁପାରେ ତିଆରି ଆଭୂଷଣ ସହ ଦାନ ହୁଣ୍ଡୀ ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଥିବା ଘଟଣା ସମ୍ପର୍କରେ ଉମରକୋଟ ଥାନାରେ ଅଭିଯୋଗ ହେଇଛି । ଏ ନେଇ କମିଟି ସଭାପତି ଓ ସଦସ୍ୟମାନେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଗତ ଶନିବାର ଦିନ ମାଆଙ୍କର ସନ୍ଧ୍ୟା ଆଳତୀ ଓ ନିତିକାନ୍ତି ପରେ ରାତିରେ ଦ୍ୱାର ବନ୍ଦ କରାଯାଇଥିଲା । ରବିବାର ସକାଳେ ଗାଁର କିଛି ପିଲା ମନ୍ଦିର କବାଟ ଭଙ୍ଗା ଯାଇଥିବା ଓ ଶାଢି ବାକ୍ସ ଏଣେ ତେଣେ ପଡ଼ିଥିବା କମିଟି ସଦସ୍ୟ ମାନଙ୍କୁ ଜଣାଇଥିଲେ । ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀ ଆସି ଦେଖିଲା ବେଳକୁ ମନ୍ଦିରର କବାଟ ତାଲା ଭଙ୍ଗା ହେବା ସହ ଗର୍ଭ ଗୃହରେ ମାଆଙ୍କର ପ୍ରତିମାକୁ ଦୁର୍ବୃତ୍ତମାନେ ଭାଙ୍ଗି ଚାନ୍ଦୀର ଖୋଚିତ ଆଖି, ମଥାର ରୁପା ମୁକୁଟ, ମୁଖ ଶୃଙ୍ଗାର ଉଦ୍ଦିଷ୍ଟ ରୁପାର ସାମଗ୍ରୀ ଲୁଟିବା ସହ ଦାନ ହୁଣ୍ଡୀ ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଥିବା ପ୍ରକାଶ କରିଛନ୍ତି । ଅଳଂକାରକୁ ଛାଡି ଦାନ ହୁଣ୍ଡୀ ବାକ୍ସରୁ ୫୦୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଆକଳନ ହେବ ବୋଲି କମିଟି ସଦସ୍ୟ କହିଛନ୍ତି । ମନ୍ଦିରର ପୂର୍ବ ପୂଜାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ରହିଛି ବୋଲି ଏତଲାରେ ଦର୍ଶାଇଥିବା ବେଳେ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ଜଣାପଡିଛି ।

### ////// ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ //////

# 'ସାହିତ୍ୟ କୋଳାହଳ ଭିତରେ ନରହି ନିର୍ଜନତା ଭିତରେ ଥାଏ'

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ସ୍ଥିତ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ରବିବାର ଦିନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୋକର୍ଣ୍ଣିକାର ସଭାପତି ଡକ୍ଟର ରାମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ କଥାକାର ଡ଼କ୍ଟର ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାହିତ୍ୟ କୋଳାହଳ ଭିତରେ ନଥାଏ, ନିସଙ୍ଗ ଆଉ ନିର୍ଜନତା ଭିତରେ ଥାଏ । ଆମେ ଠାକୁରଙ୍କୁ ପୂଜା କରୁଛେ ହେଲେ ମଣିଷକୁ ଭଲପାଉନାହୁଁ ବୋଲି ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ । ପ୍ରଥିତଯଶା କଥାଶିଳ୍ପୀ ସତ୍ୟପ୍ରିୟ ମହାଳିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏବେ ମଶାଣି ପାଇଁ ମାଟିନାହିଁ ଗାଁ ଆଉ ସହରରେ । ଏବେ କିଣା ବିକାରେ ଚାଲିଛି ଜୀବନ । ମିଛକୁ ସତ ସଜେଇ ପାରିବା ହେଉଛି ଯାଦୁକାରୀତା । ସେ କଳା କେବଳ ରାଜନେତାଙ୍କୁ ଜଣା ବୋଲି ସେ କହିଥିଲେ । ପ୍ରଫେସର ଗୁରୁଚରଣ ବେହେରା ଓ ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତି ହେଉଛି ଆମର ପ୍ରକୃତ ଶିକ୍ଷକ । ବର୍ତ୍ତମାନର ଗଳ୍ପ କବିତା ନିଦରେ ଶୋଇଥିବା ଲୋକଙ୍କୁ ଉଠାଇବା ପାଇଁ ବୋଲି ସେମାନେ କହିଥିଲେ । ଏହି ଅବସରରେ ଗୋକର୍ଣ୍ଣିକା ବିଷୁବ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଡ଼କ୍ଟର ରମାକାନ୍ତ ଜେନାଙ୍କ ବିବିଧ ବିମର୍ଶ ପ୍ରବନ୍ଧ ପୁସ୍ତକ ଓ ଡ଼କ୍ଟର ରଶ୍ମିରାଣୀ ଦାସଙ୍କ ଗବେଷଣା ପୁସ୍ତକକୁ ନାରାୟଣ ସାହୁଙ୍କ ନାଟକ ଉତ୍ତର ଆଧୁନିକତା ଓ କବି ନୃସିଂହ ତରାଇଙ୍କ କବିତା ପୁସ୍ତକ ପ୍ରଶ୍ନକାଳ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଚଳିତ ବର୍ଷର ଗୋକର୍ଣ୍ଣିକା ପୁରସ୍କାର ଡ଼କ୍ଟର ଗୌରହରି ଦାସଙ୍କୁ ପ୍ରଦାନ କରାଯାଇଥିବା ବେଳେ ପ୍ରଫେସର ଗୁରୁଚରଣ ବେହେରାଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ସ୍ମୃତି ପୁରସ୍କାର, ପ୍ରଫେସର ପ୍ରସନ୍ନ କୁମାର ମିଶ୍ରଙ୍କୁ ବଂଶୀଧର ଶତପଥୀ ସ୍ମୃତି ପୁରସ୍କାର, ଡ଼କ୍ଟର ସତ୍ୟପ୍ରିୟ ମହାଳିକ ଗୋକର୍ଣ୍ଣିକା ବିଷୁବ କଥା ସମ୍ମାନ, ଇନରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମିନତୀ ସାହୁଙ୍କୁ ଗୋକର୍ଣ୍ଣିକା ସମାଜସେବୀ ସମ୍ମାନ, ପ୍ରଫେସର ମଣିନ୍ଦ୍ରକୁମାର ମେହେର, ଡ଼କ୍ଟର ସଂଘମିତ୍ରା ଭଞ୍ଜ, ଡ଼କ୍ଟର ଜ୍ଞାନୀ ଦେବାଶିଷ ମିଶ୍ର, ଡ଼କ୍ଟର ଦେବି ପ୍ରସାଦ ଶତପଥୀଙ୍କୁ ପ୍ରବନ୍ଧ ସମ୍ମାନ ପ୍ରଦାନ କରାଯାଇଥିଲା । ଗୋକର୍ଣ୍ଣିକା ବିଷୁବ କବିତା ସମ୍ମାନ କବି କମଳ କୁମାର ମହାନ୍ତି, କବି ନୃସିଂହ ତରାଇ, କବି ବୃନ୍ଦାବନ ଦାସ, ଗୋକର୍ଣ୍ଣିକା ବିଷୁବ ଗଳ୍ପ ସମ୍ମାନ ଡ଼କ୍ଟର ଜୟନ୍ତୀ ସାହୁ, ପତ୍ରିକା ସମ୍ପାଦନା ସମ୍ମାନ ଭୁବନ ମୋହନ ମହାନ୍ତି, ଟୀକାୟତ ସପ୍ତର୍ଜୀର୍ସ ଟ୍ରଷ୍ଟ କୁନି ପ୍ରତିଭା ସମ୍ମାନ ବାଦଲ ନାୟକ, ଶ୍ରୀଭାଷ ସମଦର୍ଶୀ, ସୁଶ୍ରୀ ପ୍ରତିସ୍ୱିନୀ ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯାଇଥିଲା । ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ମହେଶ୍ୱର ପାଢ଼ୀ ସୂଚନା ସହ ଗୋକର୍ଣ୍ଣିକା ଇତିହାସ ଉପରେ ଆଲୋକପାତ କରିଥିଲେ । ସମ୍ପାଦିକା ଡ଼କ୍ଟର ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକ ଆବୃତ୍ତି କରିଥିଲେ । ଗୋକର୍ଣ୍ଣିକା କାର୍ଯ୍ୟକାରୀ ସଭାପତି ଡ଼କ୍ଟର ରୁଦ୍ରନାରାୟଣ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କବି ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବହୁ ବିଶିଷ୍ଟ କବିମାନେ କବିତା ପାଠ କରିଥିଲେ ।




# ମାଳିପଶି ଗ୍ରାମରେ ଡାଇରିଆ ଆତଙ୍କ

## ପ୍ରଶାସନିକ ଅବହେଳା ଓ କୁକୁଡ଼ା ଫାର୍ମକୁ ନେଇ ଜନଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବ୍ଲକ ଉଚ୍ଚବାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଳିପଶି ଗ୍ରାମରେ ଏବେ ଡାଇରିଆର ପ୍ରାଦୁର୍ଭାବ ଦେଖାଦେଇଛି । ଗ୍ରାମର ଏକାଧିକ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷର ବାତାବରଣ ଖେଳିଯାଇଛି । ତେବେ ଏହି ସଙ୍କଟ ସମୟରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କ ଅବହେଳା ଏବଂ ଗ୍ରାମ ମଧ୍ୟରେ ଥିବା ଏକ ବେଆଇନ୍ କୁକୁଡ଼ା ଫାର୍ମ ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରୋଗ ବ୍ୟାପିବା ପରେ ସେମାନେ ସ୍ଥାନୀୟ ଆଶା କର୍ମୀ ଓ ଏଏନ୍‌ଏମ୍ ଦିଦିଙ୍କୁ ଓଆର୍‌ଏସ୍ ପ୍ୟାକେଟ୍ ମାଗିଥିଲେ । କିନ୍ତୁ ସ୍ୱାସ୍ଥ୍ୟ କର୍ମୀମାନେ ପାଖରେ ଔଷଧ ନଥିବା କହି ରୋଗୀଙ୍କୁ ଡାକ୍ତରଖାନା ଯିବାକୁ କହି ଦାୟିତ୍ୱ ସାରିଦେଇଥିଲେ । ଯଦି ଜରୁରୀ ସମୟରେ ଆମକୁ ସାଧାରଣ ଓଆର୍‌ଏସ୍ ଟିକେ ମିଳିବନାହିଁ, ତେବେ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକର୍ମୀ ରହି କି ଲାଭ ବୋଲି ଗ୍ରାମବାସୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସରକାରୀ ସ୍ତରରେ ଗାଁ ଗାଁରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବଡ଼ ବଡ଼ ଦାବି କରାଯାଉଥିବା ବେଳେ, ଜରୁରୀ ସମୟରେ ଓଆର୍‌ଏସ୍ ଟିକେ ନମିଳିବା ସ୍ୱାସ୍ଥ୍ୟ ବିଭାଗର ଅସଲ ମୁଖା ଖୋଲିଦେଇଛି । ତେବେ ଗ୍ରାମରେ ଡାଇରିଆ ବ୍ୟାପିବା ଖବର ପାଇବାପରେ ସ୍ଥାନୀୟ ସିଏଚ୍‌ଓ ସଙ୍ଗେ ସଙ୍ଗେ ଗ୍ରାମରେ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ରୋଗୀ ମାନଙ୍କୁ ଚିକିତ୍ସା ବ୍ୟବସ୍ଥା କରିଥିଲେ ଏବଂ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷେ ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମ କାଳ ସାଜିଥିବା କୁହାଯାଉଛି । ଏହି ଫାର୍ମ ମାଲିକ ସରକାରୀ ନିୟମକୁ ଫୁଁ' କରି ଗ୍ରାମର ଜନବସତିରୁ ମାତ୍ର ୧୦୦ ମିଟର ଦୂରତାରେ ବ୍ରଏଲର କୁକୁଡ଼ା ଫାର୍ମ କରିଛନ୍ତି, ଯାହା ସରକାରୀ ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧ । ନିୟମ ଅନୁଯାୟୀ, ଜନବସତି ଠାରୁ ଅତି କମ୍‌ରେ ୫୦୦ ମିଟର ଦୂରତାରେ ଫାର୍ମ ରହିବା କଥା, ମାତ୍ର ଏଠାରେ ସବୁ ନିୟମକୁ ବେଖାତିର କରାଯାଇଛି । ଫାର୍ମ ଯୋଗୁଁ ଗାଁରେ ଅସଂଖ୍ୟ ମାଛି ବ୍ୟାପୁଛନ୍ତି । ଲୋକେ ଶାନ୍ତିରେ ଖାଇପାରୁନାହାନ୍ତି କି ଶୋଇପାରୁନାହାନ୍ତି । ଖାଦ୍ୟ ପଦାର୍ଥରେ ମାଛି ବସିବା ଫଳରେ ଲୋକେ ଡାଇରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଏହାସହ ଗାଁ ଜନବସତି ନିକଟରେ ଥିବା କୁକୁଡ଼ା ଫାର୍ମକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ସେମାନେ ଦାବି କରିଛନ୍ତି । ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ମାଳିପଶି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ସହ ବେଆଇନ୍ ଫାର୍ମ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ଏହି ଡାଇରିଆ ମହାମାରୀ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି । ଏ ସମ୍ପର୍କରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମ୍‌ପ୍ରକାଶ ବାରିକଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ଥିତି ଭଲ ଅଛି ଆଗକୁ ଆମେ ସଜାଗ ହୋଇ ରହିଛୁ କୌଣସି ଅସୁବିଧା ହେବନାହିଁ ବୋଲି କହିଥିଲେ ।



# ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ଅନୁକୂଳ ପାଇଁ ବିଶ୍ୱକର୍ମାମାନଙ୍କୁ ଆଜ୍ଞାମାଳ ପ୍ରଦାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ପ୍ରସିଦ୍ଧିଲାଭ କରିଥିବା ମୁଦୁପୁର ପଞ୍ଚାୟତ ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ରଥ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ମନ୍ଦିର ପୁରୀ ରିତୀ ନୀତିକୁ ଅନୁସରଣ କରି ଠାକୁରାଜା ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲଙ୍କ ଆବାସିକ କାର୍ଯ୍ୟାଳୟରେ ପୁରୋହିତ ସୁଶାନ୍ତ କୁମାର ଦାଶଶର୍ମାଙ୍କ ଦ୍ୱାରା ସମସ୍ତ ପୂଜା ପାଠ କରାଯାଇଥିଲା । ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଠାକୁରରାଜା ଜିଲ୍ଲାପାଳ ଜେ ସୋନାଲଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ପ୍ରଦାନ କରିଥିଲେ । ଏହାପରେ ଠାକୁରରାଜା ଜେ ସୋନାଲ ଚଳିତ ବର୍ଷ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ବିଶ୍ୱକର୍ମା ସତ୍ୟବାଦୀ ମହାରଣା, ବଟକୃଷ୍ଣ ମହାରଣା, ନଟବର ମହାରଣା ପ୍ରମୁଖଙ୍କୁ ପୁଷ୍ପମାଲ୍ୟ, ଉପଢ଼ୌକନ ଦେଇ ଆଜ୍ଞା ମାଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀତ ତନୟା ମହାନ୍ତି, ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟର ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିବା ବେଳେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ନଦୀବନ୍ଧ ସୁରକ୍ଷା ପାଚେରୀ ନିର୍ମାଣରେ ବୈଷୟିକ ମାନଦଣ୍ଡକୁ ଜଳାଞ୍ଜଳି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ମଲ୍ଲିମାହାରା ଏସ୍କେପ୍‌ର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମ ପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରୀ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ୨୦ ମିଟର ଲମ୍ବର ପ୍ଲେନ୍ କଂକ୍ରିଟ ଗ୍ରାଭିଟି ରିଟେନିଂ ୱାଲ୍‌ରେ ବୈଷୟିକ ଜ୍ଞାନକୌଶଳକୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି । ମଲ୍ଲିମାହାରା ଏସ୍କେପ୍ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ୍ ବନ୍ୟା ଜଳ ପ୍ରବାହିତ ହୋଇଥାଏ । ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁଁ ଏସ୍କେପ୍‌ର ଆବଟମେଣ୍ଟ ୱାଲ୍ ବାରମ୍ବାର ଭୁଶୁଡ଼ିଛି । ନିକଟରେ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି । ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରୀ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତିକମ୍‌ରେ ଏମ୍–୨୫ ଗ୍ରେଡ୍ କଂକ୍ରିଟ୍ ମିଶ୍ରଣ ବ୍ୟବହାର ହେବା କଥା । ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଣ୍ଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି, ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି । ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବା ବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଜଣାପଡ଼ିଛି । ଏପରିକି ନିର୍ମାଣସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ । ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଞ୍ଚଳରେ ଏମ୍–୨୫ ଗ୍ରେଡ୍ (୧:୧:୨) କିମ୍ବା ଅତିକମ୍‌ରେ ଏମ୍–୨୦ ଗ୍ରେଡ୍ (୧:୧.୫:୩) ବ୍ୟବହାର ହେବା ଉଚିତ୍ । ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ । ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚ ମାନର ଓପିସି (OPC) କିମ୍ବା ଅନୁମୋଦିତ ସିମେଣ୍ଟ ବ୍ୟବହାର ହେବା କଥା, ମାତ୍ର କଂପୋଜିଟ ସିମେଣ୍ଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପ୍ଲେନ୍ କଂକ୍ରିଟ ଗ୍ରାଭିଟି ୱାଲ୍‌ର ବେସ୍ ମାଟିର ଚାପ ଓ ଜଳର ପାର୍ଶ୍ୱ ଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର । ନିର୍ମାଣର ସ୍ଥାୟିତ୍ୱ ପାଇଁ ଅତିକମ୍‌ରେ ୧୪ ରୁ ୨୧ ଦିନ ପର୍ଯ୍ୟନ୍ତ କାନ୍ଥକୁ ପାଣି ଦେଇ ଭିଜାଇ ରଖିବା ନିତାନ୍ତ ଆବଶ୍ୟକ, ନଚେତ୍ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହେବ । ପାଚେରୀ ପଛପଟେ ଉତ୍ତମ ମାନର ଗୋଡ଼ି ଓ ବାଲି ଦ୍ୱାରା ପ୍ୟାକିଂ କରାଯିବା ଉଚିତ୍‌ୟ, ଯାହାଦ୍ୱାରା ଜଳ ନିଷ୍କାସନ ସହଜ ହେବ । ସେହିପରି କାନ୍ଥ ମଧ୍ୟରେ ପାଣି ଜମି ରହିବାକୁ ରୋକିବା ପାଇଁ ନିର୍ଦ୍ଧାରିତ ବ୍ୟବଧାନରେ ଛିଦ୍ର ରଖିବା ଜରୁରୀ । ସ୍ଥାନୀୟ ଲୋକଙ୍କ କହିବା କଥା, ଯଦି ସରକାରୀ ଟଙ୍କାରେ ଏଭଳି ନିମ୍ନମାନର କାମ ଜାରି ରହେ, ତେବେ ଆଗାମୀ ବନ୍ୟାରେ ଏହି ପାଚେରୀ ଧୋଇଯିବାର ସମ୍ଭାବନା ଅଧିକ । ଏଥିପ୍ରତି ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି । ସେପଟେ ନିରୀକ୍ଷଣ ଦାୟିତ୍ୱରେ ଥିବା ଜଳ ସଂପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ରବିବାର କାମ କରିବାକୁ ମନା ହୋଇଥିଲା । ତେବେ କାମର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।



# ସଡ଼କ ଦୁର୍ଘଟଣାରେ ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକଙ୍କ ମୃତ୍ୟୁ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ସଡ଼କ ଦୁର୍ଘଟଣାରେ ରାୟଗଡ଼ା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ମୃତ୍ୟୁବରଣ କରିଛନ୍ତି । ସକାଳେ ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ ଖୋର୍ଦ୍ଧା ନିକଟରେ ବସ୍‌ରୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିବା ସମୟରେ ଗୋଟିଏ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଦୁର୍ଘଟଣା ସ୍ଥଳରୁ କିଛି ଦୂରରେ ଶ୍ରୀ ସାହୁଙ୍କୁ ଅପେକ୍ଷା କରିଥିବା ପୁଅ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ସୂଚନାରୁ ଜଣାପଡିଛି ୨ଦିନ ଛୁଟି ପଡିଥିବାରୁ ଶ୍ରୀ ସାହୁ ବସ୍ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଇଥିଲେ । କିନ୍ତୁ ବସ୍‌ରୁ ଓହ୍ଲାଇଲା ପରେ ଚାଲିଚାଲି ଯାଉଥିବା ସମୟରେ ଶ୍ରୀ ସାହୁ ଦୁର୍ଘଟଣାର ଶିକାର ହୋଇଥିଲେ । ଶ୍ରୀ ସାହୁଙ୍କ ବିୟୋଗ ଖବର ପହଞ୍ଚିବା ପରେ ପ୍ରଶାସନିକ ସ୍ତରରେ ଶୋକର ଛାୟା ଖେଳିଯାଇଛି । ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଜିଲ୍ଲା ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ ଜେନା, ସାଲାର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ସ୍ଥାନୀୟ ଲୋକ ଶୋକପ୍ରକାଶ କରିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ୨୯ରେ ସାମ୍ବାଦିକମାନଙ୍କ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ସାମ୍ବାଦିକ ସଂଘ ବିଗତ ଦିନରେ ସାମ୍ବାଦିକ ମାନଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ପୂର୍ବ ସରକାରଙ୍କୁ ଘେରିଛି । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସାମ୍ବାଦିକ ମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିନାହିଁ । ସାମ୍ବାଦିକମାନେ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରି ବହୁତ ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ଯେମିତିକି ସାମ୍ବାଦିକ ସୁରକ୍ଷା ଆଇନ, ଅବସର କାଳୀନ ଭତ୍ତା, ଅଧିକରୁ ଅଧିକ ଅଧିସ୍ୱୀକୃତି ପ୍ରଦାନ, ପରିବାରର ବାପା ମାଆ ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ପୁଅ ଝିଅମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଯୋଡିବା ଏବଂ ସାମ୍ବାଦିକ ସୁରକ୍ଷା ଆଇନ୍ ରାଜ୍ୟରେ ଲାଗୁ କରିବା ଦାବି ନେଇ କେନ୍ଦ୍ରାପଡା ଜିଲ୍ଲା ତଥା ସମସ୍ତ ବ୍ଲକର ସାମ୍ବାଦିକ ବନ୍ଧୁମାନେ ୨୯ ତାରିଖ ବୁଧବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ସଂଘ ପକ୍ଷରୁ କୁହାଯାଇଛି । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ । ଏହା ସତ୍ତ୍ୱେ ଯଦି ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ଆସନ୍ତା ମେ' ୧ ତାରିଖ ଦିନ ସମସ୍ତ ସାମ୍ବାଦିକ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ ସାମ୍ବାଦିକ ବନ୍ଧୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଶୁ୨ / ମଂବୃ | ଲର | ବୁମଂଶ ୧୨ / ରା ୧୧ |
| ୪ | ୧୨ / ୬ | ୧୦ |
| କେ୫ / ୬ଚ | ୭ | ୯ / ୮ |

ସନ– ୧୪୩୩ ସାଲ, ଶକାବ୍ଦ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୮।୦୪।୨୦୨୬, ବୈଶାଖ ଦି୧୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ– ଘ ୫।୨୧।୪୨ ଚନ୍ଦ୍ରୋଦୟ– ଦିଘ ୩।୨୩।୫୧**

ଦ୍ୱାଦଶୀ ସଂଘ ୬।୫୪ ପର୍ଯ୍ୟନ୍ତ । ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର ରାଘ ୧୦।୩୮ ପର୍ଯ୍ୟନ୍ତ, **କନ୍ୟା ଚନ୍ଦ୍ର–** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର–** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ–** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ପୋଇ ଓ ମସୁର ଡାଲି ସଂଘ ୬।୫୪ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୮।୩୫ ଗତେ ଦିଘ ୧୦।୩୦ ମଧ୍ୟେ । ଦିଘ ୧।୦୩ ଗତେ ଦିଘ ୧।୨୦ ମଧ୍ୟେ । **ପର୍ବୋତ୍ସବ–** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ।



**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।



**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନ ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସମସ୍ୟା ଦେଖାଦେବାର ସୂଚନା ।



**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।



**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବର ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।



**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ରରେ ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ । ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।



**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୯।୦୪।୨୦୨୬, ବୈଶାଖ ଦି୧୬ନ, ବୁଧବାର**

**ସୂର୍ଯ୍ୟୋଦୟ– ଘ ୫।୨୧।୦୩ ଚନ୍ଦ୍ରୋଦୟ– ଦିଘ ୪।୧୫।୦୮**

ତ୍ରୟୋଦଶୀ ରାଘ ୭।୫୩ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର ରାଘ ୧୨।୧୮ ପର୍ଯ୍ୟନ୍ତ, **କନ୍ୟା ଚନ୍ଦ୍ର–** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର–** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ–** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ବାଇଗଣ ରାଘ ୭।୫୩ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୫।୨୩ ଗତେ ଦିଘ ୭।୦୬ ମଧ୍ୟେ । ଦିଘ ୧୦।୧୧ ଗତେ ଦିଘ ୧୧।୧୯ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏଆଇ ପାଇଁ ବିପଦରେ ଆଇଟି ସେକ୍ଟର

ଆଇଟି ସେକ୍ଟରର ପ୍ରମୁଖ ନିଫ୍ଟି ଆଇଟି ଇଣ୍ଡେକ୍ସ ଜୁନ୍ ୨୦୨୩ ପରେ ତଳ ସ୍ତରରେ ପହଞ୍ଚିଛି । ଗତ ବର୍ଷ ଏହି ସେକ୍ଟର ପାଖାପାଖି ୧୧୫ ଅରବ ଡଲାରର କ୍ଷତି ସହିଛି । ବଜାର ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି । କାରଣ ନିଫ୍ଟି ୫୦ରେ ଆଇଟି କମ୍ପାନୀଙ୍କ ଭାଗ ପାଖାପାଖି ୧୦% । ବିଶ୍ୱ ସ୍ତରରରେ ଅନିଶ୍ଚିତତା ବିଶେଷ କରି ଇରାନ ସହ ଜଡ଼ିତ ଭୂ-ରାଜନୈତିକ ପ୍ରଭାବ କମ୍ପାନୀର ଟେକ୍ ଖର୍ଚ୍ଚକୁ ସୀମିତ କରିଛି । ଗ୍ରାହକ ଏବେ ବଡ଼ ଓ ଦୀର୍ଘ ସମୟର ପ୍ରାଜେକ୍ଟକୁ ମନା କରୁଥିବା ବେଳେ କେବଳ ଜରୁରୀ ଖର୍ଚ୍ଚ ଉପରେ ଧ୍ୟାନ ଦେଉଛି । ଭାରତୀୟ ଆଇଟି କ୍ଷେତ୍ର ଏବେ ଏକ ଗଭୀର ସଙ୍କଟ ଦେଇ ଗତି କରୁଛି । ଦେଶର ଦିଗ୍ଗଜ ଆଇଟି କମ୍ପାନୀ ଇନଫୋସିସ୍ ଏବଂ ଏଚ୍‌ସିଏ ଟେକ୍ନୋଲୋଜିସ୍ ର ଦୁର୍ବଳ ଆର୍ଥିକ ପରିଣାମ ନିବେଶକମାନଙ୍କ ମନରେ ଭୟ ସୃଷ୍ଟି କରିଛି । ଗତ କିଛି ମାସ ମଧ୍ୟରେ ଏହି ସେକ୍ଟରର ମାର୍କେଟ୍ ଭାଲ୍ୟୁ ବା ବଜାର ପୁଞ୍ଜି ପ୍ରାୟ ୧୧୫ ଅରବ ଡଲାର ପ୍ରାୟ ୯.୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ଦୁଇଟି ପ୍ରମୁଖ କାରଣ ଯାହା ଆଇଟି ସେକ୍ଟରକୁ କଲା ଧରାଶାୟୀ । ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଏବେ ଦୋହରା ଚାପର ସମ୍ମୁଖୀନ ହେଉଛନ୍ତି । ଏଆଇର ଦ୍ରୁତ ବିସ୍ତାର: ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାରମ୍ପରିକ ଆଇଟି ସର୍ଭିସ ମଡେଲକୁ ଦ୍ରୁତ ଗତିରେ ବଦଳାଇ ଦେଉଛି । କ୍ଲାଏଣ୍ଟମାନେ ଏବେ ସାଧାରଣ ସଫ୍ଟୱେୟାର ସେବା ଅପେକ୍ଷା ଏଆଇ ଆଧାରିତ ସମାଧାନ ଖୋଜୁଛନ୍ତି, ଯେଉଁଥିପାଇଁ ଭାରତୀୟ କମ୍ପାନୀଗୁଡ଼ିକୁ ନିଜର ରଣନୀତି ପରିବର୍ତ୍ତନ କରିବାକୁ ପଡୁଛି । ବିଶ୍ୱସ୍ତରୀୟ ଅନିଶ୍ଚିତତା: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୂ-ରାଜନୈତିକ ତିକ୍ତତା ଯୋଗୁଁ ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି । ଏହି କାରଣରୁ ବିଦେଶୀ କ୍ଲାଏଣ୍ଟମାନେ ସେମାନଙ୍କର ଟେକ୍ନୋଲୋଜି ଖର୍ଚ୍ଚ କମାଇ ଦେଇଛନ୍ତି ଏବଂ ବଡ଼ ପ୍ରୋଜେକ୍ଟଗୁଡ଼ିକୁ ସ୍ଥଗିତ ରଖୁଛନ୍ତି । ଆଇଟି ସେକ୍ଟରର ପ୍ରମୁଖ ଇଣ୍ଡେକ୍ସ 'ନିଫ୍ଟି ଆଇଟି' ଜୁନ୍ ୨୦୨୩ ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ଚଳିତ ବର୍ଷ ନିଫ୍ଟି ଆଇଟି ଇଣ୍ଡେକ୍ସ ପ୍ରାୟ ୨୫ ପ୍ରତିଶତ ହ୍ରାସ ପାଇଛି, ଯାହା ଏହାକୁ ଭାରତର ସବୁଠାରୁ ଖରାପ ପ୍ରଦର୍ଶନକାରୀ ସେକ୍ଟରରେ ପରିଣତ କରିଛି । ନିଫ୍ଟି-୫୦ ରେ ଆଇଟି କମ୍ପାନୀଗୁଡ଼ିକର ପ୍ରାୟ ୧୦ ପ୍ରତିଶତ ଅଂଶଧନ ରହିଥାଏ, ତେଣୁ ଆଇଟି ସେକ୍ଟରର ଏହି ଦୁର୍ଦ୍ଦଶା ସାରା ବଜାରକୁ ପ୍ରଭାବିତ କରିଛି । ସଙ୍କଟ ସତ୍ତ୍ୱେ କିଛି କମ୍ପାନୀ ପରିସ୍ଥିତି ସହ ତାଳ ମିଳାଇବାକୁ ଚେଷ୍ଟା କରୁଛନ୍ତି । କମ୍ପାନୀ ଏବେ ଏଆଇ ଇନଫ୍ରାଷ୍ଟ୍ରକଚର ଏବଂ ଡାଟା ସେଣ୍ଟର ପାଇଁ ବିଶ୍ୱର ବଡ଼ ଟେକ୍ କମ୍ପାନୀଙ୍କ ସହ ଭାଗୀଦାରୀ ଆରମ୍ଭ କରିଛି । ଏହା ନିଜର ଉତ୍ପାଦ ଏବଂ ସେବାରେ ଏଆଇକୁ ସାମିଲ କରି ଖର୍ଚ୍ଚ କମାଇବା ଏବଂ କ୍ଲାଏଣ୍ଟଙ୍କୁ ଅଧିକ ଭାଲ୍ୟୁ ଦେବା ଉପରେ ଗୁରୁତ୍ୱ ଦେଉଛି । ବ୍ଲୁମବର୍ଗର ବରିଷ୍ଠ ବିଶେଷଜ୍ଞ ଅନୁରାଗ ରାଣାଙ୍କ କହିବା ଅନୁଯାୟୀ, ଆର୍ଥିକ ଅନିଶ୍ଚିତତା ଯୋଗୁଁ କ୍ଲାଏଣ୍ଟମାନେ କେବଳ ଅତି ଜରୁରୀ ପ୍ରୋଜେକ୍ଟରେ ହିଁ ଖର୍ଚ୍ଚ କରୁଛନ୍ତି । କମ୍ପାନୀଗୁଡ଼ିକ ପାଖରେ ଆଗାମୀ କିଛି ମାସ ପାଇଁ କୌଣସି ସ୍ପଷ୍ଟ ଚିତ୍ର ନାହିଁ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---------------



### ଚଉଦିଗେ ଝଡ଼

ଝଡ଼ ଝଡ଼ ଝଡ଼
ଏ ତ ପ୍ରଳୟର ଝଡ ।
ସମସ୍ତେ ନିରବ ନିଷ୍ପନ୍ଦ
ଭିତରେ ଭିତରେ

ଝଞ୍ଜା ବହିଲାଣି
କ'ଣ ନା ଅଂଶୁଘାତ ।
କାହା ଦୁଃଖକୁ କିଏ ବୁଝିବ ।
ସମସ୍ତେ ଚଉଦ ପା' ।
ବକ୍ତାର ବକ୍ତୃତା ଆଉ
ଶ୍ରୋତା ଶୁଣୁ ନାହିଁ ।
ନିଦ୍ରିତ ମାନବ ମନ
ମରୀଚିକାର ସ୍ୱପ୍ନରେ ବିଭୋର
ସେ କାହିଁ ଭଗବାନଙ୍କ-
ବାଣୀକୁ ପ୍ରତୀକ୍ଷା କରିବ
ପଣଷ ଖାଇ ଅଠା ବୋଲନ୍ତି
ଭଗବାନଙ୍କ ନାଁ'ରେ
ଦିଅଁ ଖାଇ ଖଟୁଲି
ଉପରେ ନଜର
ତଥାପି ଛଳନା ଯାଉନାହିଁ
ଭଗବାନ ଆମର କ'ଣ କଲେ କି ?
ଏତେ ଡାକି ଡାକି ।
କିନ୍ତୁ
"ଭିତରେ ଭିତରେ ସାତ କଂସା
ଘଇତା ଦେଖିଲେ ଦାନ୍ତଘଷା" (କ୍ରମଶଃ....)

# ଓଡ଼ିଆ ଜାତିର ମହାନାୟକ ମଧୁବାବୁ



ପ୍ରଭୁକଲ୍ୟାଣ ମହାପାତ୍ର
ଭୁବନେଶ୍ୱର
ମୋ: ୯୯୩୭୭୧୧୩୮୯

ଆଜି ଆମେ ଯେଉଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅଧିବାସୀ ଭାବରେ ଗର୍ବ ଅନୁଭବ କରୁଛନ୍ତି, ତାହା ମଧୁସୂଦନ ଦାସ ବା ମଧୁବାବୁଙ୍କ ଜୀବନବ୍ୟାପୀ ତ୍ୟାଗ ଓ ଉଦ୍ୟମ ଯୋଗୁଁ ହିଁ ସମ୍ଭବ ହୋଇପାରିଛି । ସାରା ଜୀବନ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପରିହାର କରି ସେ ତାଙ୍କର ସମସ୍ତ ଶକ୍ତି ଏବଂ ସାମର୍ଥ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବିନିଯୋଗ କରିଥିଲେ । ସ୍ୱତନ୍ତ୍ର ରାଜ୍ୟ ଗଠନ ଲାଗି ତାଙ୍କର ଅନାବିଳ ଆନ୍ତରିକତା, ଅବଦମିତ ପ୍ରଚେଷ୍ଟା ତଥା ଅପ୍ରତିହତ ମାନସିକ ଦୃଢ଼ତା ଲାଗି ଅବଶ୍ୟ ମଧୁବାବୁ ଓଡ଼ିଆ ଜାତିର ଚିର ବନ୍ଦନୀୟ ହୋଇ ରହିବେ । ତାଙ୍କ ଭଳି ଜଣେ ମହାନ ଦେଶପ୍ରମୀ ତଥା ଜନସେବକଙ୍କ ଲାଗି ପୃଥିବୀର ଯେକୌଣସି ଦେଶର ଲୋକ ନିଶ୍ଚୟ ଗର୍ବ ଅନୁଭବ କରିବେ ।

ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ନିଜକୁ ସମର୍ପିତ କରି ଦେଇଥିବା ଓଡ଼ିଆ ଜାତିର ଏହି ମହାନାୟକ ଜଣକ ତାଙ୍କ ସମୟର ପ୍ରବୀଣ ରାଜନିତିଜ୍ଞମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ । ସେ ଥିଲେ ନିର୍ଭୀକ, ନୀତିନିଷ୍ଠ, ଚମତ୍କାର ବକ୍ତା, ପ୍ରଖ୍ୟାତ ରାଜନେତା ଏବଂ ବିଚକ୍ଷଣ ଆଇନଜ୍ଞ । ରାଜନୀତିକ ମହାନୁଭବତା ଓ ସ୍ୱାଧୀନ ଚିନ୍ତା ପାଇଁ ସେ ସର୍ବଜନ ବିଦିତ ଥିଲେ । ନିଜର ନିଷ୍ଠା ଓ ଦକ୍ଷତା ବଳରେ ନିଜ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବା ମଧୁବାବୁ ତାଙ୍କ ସମୟ ଠାରୁ ଥିଲେ ଯଥେଷ୍ଟ ଆଗରେ । ବ୍ରିଟିଶ ସରକାର ଅଧୀନରେ ମନ୍ତ୍ରୀ ହେବାକୁ ସେତେବେଳେ ସ୍ୱାଧୀନତା ସଂଗ୍ରାମୀମାନେ ଘୋର ନାପସନ୍ଦ କରୁଥିଲେ । କିନ୍ତୁ ମଧୁବାବୁ ମନ୍ତ୍ରୀ ଥିବାବେଳେ ଯେଭଳି କାର୍ଯ୍ୟ କରିଥିଲେ, ତାକୁ ଖୋଦ୍ ମହାତ୍ମାଗାନ୍ଧୀ ଉଚ୍ଚ ପ୍ରଶଂସା କରିଥିଲେ । ଗାନ୍ଧିଜୀ କହିଥିଲେ, ଯେକୌଣସି ବ୍ୟକ୍ତି ମିଷ୍ଟର ଦାସଙ୍କ ଭଳି ମନ୍ତ୍ରୀ ହୋଇ କାମ କଲେ, ସେ ତାଙ୍କୁ ସ୍ୱାଗତ କରିବେ । ମଧୁ ବାବୁ ଥିଲେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମାର୍ଗଦର୍ଶକ । ଅନେକ କ୍ଷେତ୍ରରେ ଗାନ୍ଧିଜୀ ମଧୁବାବୁଙ୍କୁ ଗୁରୁବୋଲି ମନେ କରି ସମ୍ମାନ ଜଣାଉଥିଲେ । ମହାତ୍ମାଗାନ୍ଧୀ ୧୯୩୦ ମସିହାରେ ଦେଶରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବାର ୪୭ ବର୍ଷ ପୂର୍ବରୁ (୧୮୮୩ ମସିହାରେ) ମଧୁବାବୁ ତାହା ଓଡ଼ିଶାରେ ରୂପାୟନ କରି ସଫଳ ହୋଇଥିଲେ । ସେହିପରି ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମ ଗ୍ରହଣ କରିବା ପୂର୍ବରୁ ମଧୁବାବୁ ଉତ୍କଳ ଟ୍ୟାନେରୀରେ ହରିଜନମାନଙ୍କୁ ସାମିଲ କରି ସେହି ପଦକ୍ଷେପର ଶୁଭାରମ୍ଭ କରି ସାରିଥିଲେ । ମଧୁବାବୁଙ୍କ ଅସ୍ପୃଶ୍ୟତା ବିରୋଧୀ ଉଦ୍ୟମ ବିଷୟରେ ବାପୁ ୧୯୩୪ ସେପ୍ଟେମ୍ବର ୬ ତାରିଖ 'ହରିଜନ' ପତ୍ରିକାରେ ଉଲ୍ଲେଖ କରିଥିଲେ, ''ମଣିଷ ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅବିଚାର କରି ଚାଲିଛେ, ସ୍ୱର୍ଗତ ଦାସ (ମଧୁବାବୁଙ୍କ ମୃତ୍ୟୁର ୨ ମାସ ପରେ) ସେଥିନେଇ ମୋର ଆଖି ଖୋଲି ଦେଇଥିଲେ । ଆମେ ଯେଉଁ ଅପରାଧ କରି ଚାଲିଛେ, ତା'ର ପ୍ରାୟଶ୍ଚିତ ଓ ନିରାକରଣ ପାଇଁ ସେ ଶିକ୍ଷାମୂଳକ ଭାବେ ଉତ୍କଳ ଟ୍ୟାନେରୀ ଖୋଲିଥିଲେ । ତାଙ୍କର ଏହି ଉଦ୍ୟୋଗ ଆଶାତୀତ ସଫଳତା ହାସଲ କରିପାରି ନଥିଲେ ସୁଦ୍ଧା ସେ କଟକର ଶହ ଶହ ଜୋତା କାରିଗରଙ୍କୁ ଉନ୍ନତ ଜୀବନ ଧାରଣର ପନ୍ଥା ଯୋଗାଇବାର ଗୁରୁଦାୟିତ୍ୱ ବହନ କରିଥିଲେ ।'' ଗାନ୍ଧିଜୀ ଚରଖା ପ୍ରବର୍ତ୍ତନ କରିବା ପୂର୍ବରୁ ମଧୁବାବୁଙ୍କ ଶିଳ୍ପାୟନ ପଦକ୍ଷେପ ତାଙ୍କ ସ୍ୱଦେଶ ପ୍ରୀତିର ସଂକେତ ବହନ କରିଥିଲା, ଯାହା ବାପୁଙ୍କ ବହୁଳ ଭାବରେ ଅନୁପ୍ରାଣୀତ କରିଥିଲା । ୧୯୨୫ ରୁ ୧୯୩୮ ମସିହା ଦୀର୍ଘ ୧୩ ବର୍ଷ ପର୍ଯ୍ୟନ୍ତ ମଧୁବାବୁଙ୍କୁ ନିଜର ମାର୍ଗଦର୍ଶକ ରୂପେ ଅଭିହିତ କରି ଗାନ୍ଧିଜୀ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ନାମୋଲ୍ଲେଖ କରିଥିଲେ । ସର୍ବୋପରି ମଧୁବାବୁ ତାଙ୍କ ପାଇଁ ଦ୍ୱିତୀୟ ଟଲଷ୍ଟୟ ଥିଲେ ବୋଲି ମୋହନ ଦାସ କରମଚାନ୍ଦ ଗାନ୍ଧୀ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ । ବର୍ତ୍ତମାନ ଜନସେବାରେ ବ୍ରତୀ ରାଜନେତାମାନେ ତାଙ୍କର ଦରମା, ଭତ୍ତା, ପେନସନ ବୃଦ୍ଧି ଲାଗି ଅହେତୁକ ତତ୍ପରତା ପ୍ରକାଶ କରୁଛନ୍ତି । ସେଥିପାଇଁ ୨୦୨୫ ମସିହା ବିଧାନସଭାର ଶୀତକାଳୀନ ଅଧିବେଶନରେ ମନ୍ତ୍ରୀ, ବିଧାୟକମାନଙ୍କ ବେତନ ବୃଦ୍ଧି ସମ୍ପର୍କିତ ବିଲ୍‌ଗୁଡ଼ିକ ଅବିଳମ୍ବେ ନିର୍ବିରୋଧରେ ଗୃହର ଅନୁମୋଦନ ଲାଭ କରିଥିଲା । ତେବେ ସେଥିନେଇ ଜନସାଧାରଣଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁଁ ସେହି ବିଲ୍‌ଗୁଡ଼ିକ ୨୦୨୬ ମାର୍ଚ୍ଚ ୨୬ ତାରିଖରେ ବିଧାନସଭାରେ ପ୍ରତ୍ୟାହାର କରି ନିଆଯାଇଛି । ମାତ୍ର ମଧୁବାବୁ ସେଥିନେଇ ଜଣେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ବ୍ୟକ୍ତିତ୍ୱ ଥିଲେ । ବିନା ବେତନରେ ମନ୍ତ୍ରୀ ପଦର ଗୁରୁଦାୟିତ୍ୱ ତୁଲାଇବା ପାଇଁ ବିଧାନ ପରିଷଦରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ପରେ ସେ ସେଥିନେଇ ରାଜ୍ୟପାଳଙ୍କ ନିକଟକୁ ନିର୍ଭୀକ ଭାବରେ କଠୋର ଭାଷାରେ ଯେଉଁ ଚିଠି ଲେଖିଥିଲେ, ତାହା ଆଜି ମଧ୍ୟ ପ୍ରାସଙ୍ଗିକ ମନେ ହୁଏ । ଶହେ ବର୍ଷ ତଳେ ମଧୁବାବୁ ୧୯୨୩ ମାର୍ଚ୍ଚ ୮ ତାରିଖରେ ବିହାର-ଓଡ଼ିଶା ରାଜ୍ୟପାଳ ଏଚ୍. ହ୍ୱିଲରଙ୍କ ନିକଟକୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ, ''ମନ୍ତ୍ରୀ ପଦଟି ସମ୍ପୂର୍ଣ୍ଣ ଅବୈତନିକ ହେବା ଉଚିତ ବୋଲି ପୂର୍ବରୁ ମୁଁ ସ୍ପଷ୍ଟ ଭାବରେ ଜଣାଇ ଦେଇଛି । ବର୍ତ୍ତମାନ ମଧ୍ୟ ମୋର ସେହି ମତ ଅପରିବର୍ତ୍ତିତ ରହିଛି । ସାରା ପ୍ରଦେଶରେ ଜିଲ୍ଲା ବୋର୍ଡ଼ ଓ ଲୋକାଲ ବୋର୍ଡ଼ ଭଳି ସ୍ୱାୟତ୍ତଶାସନ ସଂସ୍ଥାରେ ବିନା ବେତନରେ କାମ କରୁଥିବା ଶହ ଶହ କର୍ମଚାରୀଙ୍କୁ ଅନୁପ୍ରାଣୀତ କରିବାକୁ ହେଲେ, ବିଭାଗୀୟ ମନ୍ତ୍ରୀ ପଦ ମଧ୍ୟ ସମ୍ପୂର୍ଣ୍ଣ ଅବୈତନିକ ହେବା ଉଚିତ । ମୋତେ ଯଦି ଓକିଲାତି କରି ଜୀବିକାର୍ଜନ କରିବାକୁ ଅନୁମତି ମିଳିବ, ତେବେ ମୁଁ ଅବୈତନିକ ମନ୍ତ୍ରୀ ଭାବରେ କାମ କରିବାକୁ ସମ୍ପୂର୍ଣ୍ଣ ସମ୍ମତ ଅଛି । ଓକିଲାତି କରିବା ଦ୍ୱାରା ମନ୍ତ୍ରୀ ହିସାବରେ ଯଥାର୍ଥ କର୍ତ୍ତବ୍ୟ ପାଳନରେ ମୁଁ ଅବହେଳା କରିବାର ପ୍ରଶ୍ନ ଉଠୁ ନାହିଁ । ଅନ୍ୟ କୌଣସି ସୂତ୍ରରୁ ମୋର ଆୟର ଯଦି କିଛି ବାଟ ଥାଆନ୍ତା, ତେବେ ମୁଁ କେବେ ହେଲେ ଓକିଲାତି କରିବାକୁ ଅନୁମତି ଲୋଡ଼ନ୍ତି ନାହିଁ । ଜଣେ ବ୍ୟକ୍ତି ଓକିଲାତି କରିବା ସଙ୍ଗେସଙ୍ଗେ ମନ୍ତ୍ରୀ ହେବାରେ କିଛି ଅସୁବିଧା ବା ଅସ୍ୱାଭାବିକତା ନାହିଁ । ପୂର୍ବରୁ ଜଣେ ଜମିଦାର ମଧ୍ୟ ଭାଇସରାୟଙ୍କ ଏକ୍‌ଜିକ୍ୟୁଟିଭ୍ କାଉନସିଲର ସଭ୍ୟ ହୋଇ ପାରିଛନ୍ତି । ଦରଭଙ୍ଗାର ମହାରାଜାଧିରାଜ ହେଉଛନ୍ତି ପ୍ରଥମ ଭାରତୀୟ, ଯିଏ ଏକଜୁକ୍ୟୁଟିଭ୍ କାଉନ୍‌ସିଲର ସଭ୍ୟ ହୋଇଥିଲେ । ସେହିପରି ମହାମୁଦାବାଦ ରାଜା ଯୁକ୍ତପ୍ରଦେଶ କାଉନସିଲର ଜଣେ ଅବୈତନିକ ସଭ୍ୟ ଭାବରେ ନିଯୁକ୍ତି ପାଇଛନ୍ତି । ଆମ ଦେଶରେ ଆଇନ ବ୍ୟବସାୟକୁ ସର୍ବଦା ଏକ ସମ୍ମାନଜନକ ଆସନ ଦିଆଯାଇଛି । ଦେଶର ଆଇନଜୀବୀମାନଙ୍କ ମଧ୍ୟରୁ ଅନେକଙ୍କୁ ବିଭିନ୍ନ ପ୍ରାଦେଶିକ ଓ ଭାରତ ସରକାର ଏକଜିକ୍ୟୁଟିଭ୍ ପ୍ରାଦେଶିକ ତଥା କେନ୍ଦ୍ର ସରକାରରେ କାର୍ଯ୍ୟ କରିଛନ୍ତି ଏବଂ କାର୍ଯ୍ୟକାଳ ସମାପନ ପରେ ସେମାନେ ପୁଣି କଚେରିରେ ଓକିଲାତି କରିଛନ୍ତି । ତେଣୁ ମନ୍ତ୍ରୀ ହୋଇ ଓକିଲାତି କରିବାରେ ସମ୍ମାନହାନୀର କୌଣସି ପ୍ରଶ୍ନ ଉଠି ନ ପାରେ । ତେବେ ମଧୁବାବୁଙ୍କର ଏହି ପ୍ରସ୍ତାବକୁ ରାଜ୍ୟପାଳ ଅଗ୍ରାହ୍ୟ କରିଦେବାରୁ ସେ ଇସ୍ତଫା ଦେଇ ମନ୍ତ୍ରୀ ପଦରୁ ଅବ୍ୟାହତି ନେଇଥିଲେ । ଆଜି ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ସ୍ୱଚ୍ଛଳ ବା ଧନୀକ ମନ୍ତ୍ରୀ, ବିଧାୟକମାନେ ଗରିବ ଟିକସଦାତାଙ୍କ ଅର୍ଥରାଶିରେ ପ୍ରଦତ୍ତ ସେମାନଙ୍କ ଦରମା ଓ ଭତ୍ତା ନେବା ଲାଗି ସାମାନ୍ୟତମ ସଂକୋଚ ବା ଲଜ୍ଜ୍ୟା ଅନୁଭବ କରୁ ନାହାନ୍ତି । ଏଭଳି ପରିସ୍ଥିତିରେ ଓକିଲାତି କରି ନିଜର ଜୀବିକାର୍ଜନ ଲାଗି ପ୍ରସ୍ତାବ ବାଢ଼ିବା ଏବଂ ସମ୍ପୂର୍ଣ୍ଣ ଅବୈତନିକ ମନ୍ତ୍ରୀ ପଦର ଗୁରୁଦାୟିତ୍ୱ ନିର୍ବାହ ପାଇଁ ମଧୁବାବୁଙ୍କ ବଳିଷ୍ଠ ଯୁକ୍ତି ଏବର ମନ୍ତ୍ରୀ, ବିଧାୟକମାନଙ୍କ ନିମନ୍ତେ 'ଗୁରୁମନ୍ତ୍ର' ହୋଇପାରିଲେ, ତାହା ତାଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

# ଏ ଜାତିର ଚିର ସ୍ୱାଭିମାନ ମଧୁବାବୁ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ଦୂରଭାଷ : ୭୮୪୬୯୨୧୪୦୦
Mail: meerabeura74@gmail.com

'ଉତ୍କଳସ୍ୟ ସମୋଦେଶ ନାସ୍ତି ମହୀତଳେ'– ଯେଉଁ ଓଡ଼ିଶାରେ ସୁନାର ବୋଇତ ଲାଗୁଥିଲା, ଇଣ୍ଡୋନେସିଆ, ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବ୍ରହ୍ମଦେଶ, ସିଂହଳ ଭଳି ଦ୍ୱୀପପୁଂଜରେ – ଯାହାକୁ ନେଇ ଏ ବୀର ଓଡ଼ିଆ ଜାତି ଗର୍ବରେ ମୁଣ୍ଡ ଟେକି ଚାଲିଛି ଏବଂ ଯେଉଁ ଦୁଃସାହସିକ କଳିଙ୍ଗ ଯୁଦ୍ଧରେ ଏ ଦୁର୍ଦ୍ଧର୍ଷ ଜାତିର ମହାନ ବଳ ବୀର୍ଯ୍ୟର ପରିଚୟ ଦେଇ ସମଗ୍ର ବିଶ୍ୱ ଇତିହାସର ସୁନେଲି ପୃଷ୍ଠା ଥରାଇ ଦେଇଥିଲେ ଐତିହାସିକମାନେ ମଧ୍ୟ ଚେତା ହରାଇଥିଲେ, ଯେଉଁ ଜାତିର କଳା କୋଣାର୍କର ନିଦର୍ଶନ ପର୍ଯ୍ୟଟକଙ୍କ ଆଖିରୁ ନିଦ ହଜାଇ ଦେଇଥିଲା, ପୁଣି ଯେଉଁ ରାଜ୍ୟର ରାଜା ରାଜ୍ୟ ଓ ରାଜ ସିଂହାସନ ପରିତ୍ୟାଗ କରି ବିଶ୍ୱ ଐତିହ୍ୟର ଜୟଯାତ୍ରା ରଥ ଯାତ୍ରାରେ ଝାଡୁଦାର ହେବାପାଇଁ ଅଧିକ ପସନ୍ଦ କରିଥିଲେ; ଏହି ସେହି ଉତ୍କଳ । "ବନ୍ଦେ ଉତ୍କଳ ଜନନୀ" ସଂଗୀତ ଯେଉଁଠି ତାର ତରଙ୍ଗରେ ଝଙ୍କୃତ କରେ ପ୍ରତିଟି ଓଡ଼ିଆକୁ, ବାରଶହ ବଢ଼େଇଙ୍କ ଜୀବନ ରକ୍ଷା ପାଇଁ ଓଡ଼ିଆ ଶିଶୁ ଧରମା ଚନ୍ଦ୍ରଭାଗାକୁ ଲମ୍ଫ ପ୍ରଦାନ କରିଥିଲା ଓ ସେଦିନ ଶିଶୁ ବାଜି ରାଉତ ସିପାହୀଙ୍କ ଗୁଳିକୁ ଭ୍ରୂକ୍ଷେପ କରି ନଥିଲା । ଏହି ତ୍ୟାଗ ଓ ଆଦର୍ଶ କେବଳ ଓଡ଼ିଆ ଜାତିର ହିଁ ଥିଲା ଅନ୍ୟ କୌଣସି ଜାତିର ଏହିଭଳି ଜାତୀୟତାବୋଧ ପ୍ରାୟତଃ ଦେଖା ଯାଏନାହିଁ । ଓଡ଼ିଆ ଜାତିର ସାହିତ୍ୟର ଇତିହାସରେ ଯେଉଁ ମହାନ ସ୍ୱାଧୀନତା ସଂଗ୍ରାମୀ ନିଜର ଧନ, ମାନ ଓ ଯଶ – ସବୁକିଛିକୁ ବଳି ଚଢ଼ାଇ ଓଡ଼ିଆ ଜାତିକୁ ସମୃଦ୍ଧ କରିବାକୁ କେବଳ ସ୍ୱପ୍ନ ଦେଖୁ ନଥିଲେ ବରଂ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରି ଏ ଓଡ଼ିଆ ମାଟିର ଚିର ସ୍ୱାଭିମାନ ପାଲଟି ଯାଇଥିଲେ, ସେମାନଙ୍କ ମଧ୍ୟରେ ସବୁଠାରୁ ଶୀର୍ଷରେ ଥିଲେ କୁଳବୃଦ୍ଧ ଓଡ଼ିଆ ଜାତିର ପ୍ରାଣ ପ୍ରତିଷ୍ଠାତା ମଧୁ ସୂଦନ ଦାସ । ଓଡ଼ିଶାର ପୁରପଲ୍ଲୀରେ ସେ ମଧୁ ବାରିଷ୍ଟର ଭାବରେ ବେଶ୍ ସୁପରିଚିତ । ପ୍ରତ୍ୟେକ ମା ଚାହୁଁଥିଲା ତା' ପୁଅ ମଧୁବାବୁ ପରି ବାରିଷ୍ଟରଟିଏ ହେଉ । ପ୍ରତ୍ୟେକ ଓଡ଼ିଆ ଶିଶୁ ସେଦିନ ଗାଉଥିଲା:

" ପାଠ ପଢ଼ିବି
ପାଠ ପଢ଼ିବି,
କାଳିଆ ଘୋଡ଼ାରେ ଚଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି ।"

ପ୍ରକୃତରେ ମଧୁବାବୁ ଥିଲେ ଏ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ । ସେ ହିଁ ଥିଲେ ଏକମାତ୍ର ଓଡ଼ିଆ ଯିଏ ନିଜର ନିର୍ଭିକତା ଉଦାରତା, ସ୍ପଷ୍ଟବାଦୀତା, ସାହସିକତା ଓ କର୍ତ୍ତବ୍ୟ ପରାୟଣତା ପାଇଁ ପ୍ରତିଟି ଓଡ଼ିଆଙ୍କ ପାଖରେ ଚିର ଅମର ହୋଇଛନ୍ତି । ଓଡ଼ିଆ ଜାତୀୟତାର ଜନକ ମଧୁବାବୁ ମୁମୂର୍ଷୁ ଓଡ଼ିଆ ପ୍ରାଣର ଜାତିପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ଜାଳି ଦେଇଥିଲେ । ସେଦିନ ତାଙ୍କର ଓଡ଼ିଆ ଭାଷୀ ଅଂଚଳର ଏକତ୍ରୀ କରଣ ଆଗ୍ନେୟ ଶପଥ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ରହିଥିଲା । ଦୀର୍ଘ ଯାତ୍ରାରେ ମଧୁବାବୁ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଓ ଓଡ଼ିଶା ଇତିହାସର ନିୟମାକ । ମଧୁବାବୁ ହିଁ ନବଉତ୍କଳର ସଫଳ ନେତା । ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଉଜ୍ଜଳତମ ଧ୍ରୁବତାରା, ଯାହାର ଆଲୋକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ଏବଂ ଓଡ଼ିଆ ପୁଅ ଗର୍ବିତ ଓ ଗୌରବାନ୍ୱିତ ହୋଇଥିଲା । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାପାଇଁ ଜୀବନ ବ୍ୟାପୀ ସ୍ୱପ୍ନ ଦେଖି ତାକୁ ସାକାର କରିବାପାଇଁ ମଧୁବାବୁଙ୍କୁ ବହୁ ସାଧନାର ଦୁର୍ଗମ ପଥ ଗତି କରିବାକୁ ପଡ଼ିଥିଲା । ଅତି ପିଲାଟି ଦିନରୁ " ତୁମ ପରି ଛୋଟ ପିଲାଟିଏ" କବିତାରେ ତାଙ୍କ ବ୍ୟକ୍ତିତ୍ୱର ଆଭାସ ମିଳିଥିଲା । ତତ୍କାଳୀନ ଓଡ଼ିଶାର ଦୟନୀୟ ଛାୟାଚିତ୍ର ତାଙ୍କୁ ଅଧିକ ବ୍ୟଥିତ କରିଥିଲା । ଆଜି ମଧୁବାବୁଙ୍କ ପାଇଁ ଆମର ବୌଦ୍ଧିକ, ଶୈକ୍ଷିକ, ରାଜନୈତିକ, ସାଂସ୍କୃତିକ, ସାହିତ୍ୟିକ, ସାମାଜିକ, ଆର୍ଥିକ ଉନ୍ନତ ମାନବ ସମ୍ବଳ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ ହୋଇଛି । ସେଦିନ ଓକିଲାତିକୁ ପେଶା କରି ମଧୁବାବୁ ଚାହିଁଥିଲେ ଅଜସ୍ର ଟଙ୍କା ଉପାର୍ଜନ କରି ଆନନ୍ଦ ଭୋଗ ବିଳାସ ସମ୍ପନ୍ନ ଜୀବନ ଯାପନ କରି ମହାନନ୍ଦରେ ଆଜିର ଯୁବପୀଢ଼ିମାନଙ୍କ ପରି ବିଦେଶରେ ରହି ପାରିଥାନ୍ତେ । ମାତ୍ର ମଧୁବାବୁ ଥିଲେ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ । ସେହି ପ୍ରଜ୍ଞାପୁରୁଷ ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷାର ଉନ୍ନତି ପାଇଁ ନାରୀ ଶିକ୍ଷାର ବିକାଶ ପାଇଁ, ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ନିଜର ଉପାର୍ଜନ ଅର୍ଥକୁ ସଂପୂର୍ଣ୍ଣ ବ୍ୟୟ କରି ନିସ୍ୱ ଦରିଦ୍ର ହେବାପାଇଁ ଆଦୌ କୁଣ୍ଠା ପ୍ରକାଶ କରିନଥିଲେ । ଏଭଳି ଚିର ସ୍ୱାଭିମାନୀ ନିର୍ଭୀକ ଉଦାର ଚିନ୍ତାଧାରାର ବ୍ୟକ୍ତି ସମଗ୍ର ଭାରତ ବର୍ଷରେ ମଧ୍ୟ ବିରଳ । ଓଡ଼ିଶାର ସଂସ୍କୃତି, ପରଂପରା, କଳା, ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ ଦର୍ଶନତତ୍ତ୍ୱକୁ ନେଇ ଯଦି କିଏ ବିଶ୍ୱ ଦରବାରରେ ପହଞ୍ଚାଇ ଥିଲେ ସେ ଥିଲେ ଏକମାତ୍ର ବୀରପୁରୁଷ ଚିର ସ୍ୱାଭିମାନୀ ମଧୁବାବୁ । ଇଂରେଜମାନଙ୍କର ଅହଂକାର ପାଖରେ କେବେ ବି ମଥା ନୁଆଁଇ ନଥିଲେ ମଧୁବାବୁ । ସେଥିପାଇଁ ସେଦିନ ସେ ଲେଖିଥିଲେ – ତୁ ପରା ବୋଲାଉ ଉତ୍କଳ ସନ୍ତାନ ତେବେ କଂପା ତୁହି ଭୀରୁ ତୋହର ଜନନୀ ରୋଦନ କରିଲେ କହିବାକୁ କିମ୍ପା ଡରୁ ? ତୋ' ପୂର୍ବ ପୁରୁଷ ଜୟ କରିଥିଲେ ଗଂଗାଠୁ ଗୋଦାବରୀ ତାଙ୍କରି ଔରସେ ଜନ୍ମହୋଇ କେଉଁ ଗୁଣେ ତାଙ୍କୁ ସରି ।।

ମଧୁବାବୁ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ୧୯୦୩ ମସିହାରେ ମଧୁବାବୁ ପ୍ରତିଷ୍ଠା କରିଥିଲେ ଉତ୍କଳ ସମ୍ମିଳନୀ । ୧୯୦୩ ମସିହାରେ ମାନ୍ଦ୍ରାଜ ଅଧିବେଶନରେ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଆ ଭାଷାଭାଷୀ ଅଂଚଳରେ ଏକତ୍ରୀକରଣକୁ ସମର୍ଥନକୁ କରିନଥିଲା ମଧୁବାବୁ ବାଧ୍ୟ ହୋଇ କଂଗ୍ରେସ ସହିତ ନିଜର ସଂପର୍କ ଛିନ୍ନ କରିଥିଲେ । ବଙ୍ଗ ଲେଜିସଲେଟିଭ କାଉନସିଲର ପ୍ରତିନିଧିଭାବେ ମଧୁବାବୁ ରେଭେନ୍ସା ମହାବିଦ୍ୟାଳୟର ଉନ୍ନତିପାଇଁ ଅନୁଦାନ ଦେବାକୁ ସରକାରଙ୍କ ଉପରେ ଚାପ ପକାଇଥିଲେ । ତାଙ୍କରି ଉଦ୍ୟମ ଯୋଗୁ ୧୯୦୭ ମସିହାରେ ଓଡ଼ିଶାର ଏକମାତ୍ର ବାଳିକା ବିଦ୍ୟାଳୟ ବନ୍ଦହେବା ପରିବର୍ତ୍ତେ ତାଙ୍କର ପାଳିତ କନ୍ୟା ଶୈଳବାଳା ମୁଖ୍ୟ ଶିକ୍ଷୟିତ୍ରୀ ଭାବରେ ଏହାର ଦାୟିତ୍ୱ ବହନ କରିବା ହେତୁ ଏହା ତିଷ୍ଠି ପାରିଥିଲା । ଏବଂ ପରବର୍ତ୍ତୀ ସମୟରେ ଏହା ଶୈଳବାଳା ମହାବିଦ୍ୟାଳୟ ରୂପେ ଉଭା ହୋଇ ଓଡ଼ିଶାରେ ନାରୀଶିକ୍ଷାକୁ ପ୍ରସାରିତ କରିଥିଲା । ମଧୁବାବୁ ମଧ୍ୟ ନାରୀମାନଙ୍କର ଭୋଟ ଦେବାର ଅଧିକାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ ଯାହା ଭବିଷ୍ୟତରେ କାର୍ଯ୍ୟକାରୀ ହୋଇଥିଲା । ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ସେ ଓଡ଼ିଶାର ପାରଂପାରିକ " ତାରକସୀ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିଥିଲା । ଆଉ ମଧ୍ୟ କଟକରେ " ଓଡ଼ିଶାରେ ଆର୍ଟ ୱାୟାର୍ସ" (Orissa Art Wares) ସ୍ଥାପନ କରିଥିଲେ । ଚମଡ଼ାଶିଳ୍ପର ବିକାଶ ପାଇଁ ସେଦିନ କଟକରେ ଉତ୍କଳ ଟ୍ୟାନେରୀ ନାମରେ ଏକ ଯୋତା କାରଖାନା ପ୍ରତିଷ୍ଠା କରିଥିଲେ । ତାଙ୍କର ଉଦ୍ୟମରେ ସେଦିନ ତାଳଗୁଡ଼ କାରଖାନା ମଧ୍ୟ ସ୍ଥାପିତ ହୋଇଥିଲା । ଓଡ଼ିଶାର ଅର୍ଥନୀତିକୁ ପ୍ରଗତିଶୀଳ କରିବା ପାଇଁ ମଧୁବାବୁ ଅପ୍ରାଣ ଉଦ୍ୟମ କରିଥିଲେ । କେବଳ ସେତିକି ନୁହେଁ ୧୯୦୨ ମସିହାରେ ଇଂରେଜ ସରକାର ପୁରୀ ଜଗନ୍ନାଥ ମନ୍ଦିରର ପରିଚାଳନା ପାଇଁ ଯେତେବେଳେ ଜଣେ ଡେପୁଟି ମାଜିଷ୍ଟ୍ରେଟ୍‌ଙ୍କୁ ନିଯୁକ୍ତି କରିଥିଲେ ମଧୁବାବୁ ଏହା ବିରୁଦ୍ଧରେ କଲିକତା ହାଇକୋର୍ଟରେ ଏକ ମକଦ୍ଦମା ଦାୟର କରି ପରଂପରା ଅନୁସାରେ ଗଜପତି ମହାରାଜାଙ୍କୁ ଏହି ମନ୍ଦିର ପରିଚାଳନା ଦାୟିତ୍ୱ ମିଳିବାପାଇଁ ସେ ସେଦିନ ଯୁକ୍ତି କରିଥିଲେ । ଏବଂ ପରେ ଏହାକୁ ସମ୍ମାନ ଜଣାଇ ମାନ୍ୟବର ହାଇକୋର୍ଟ ଗଜପତି ମହାରାଜାଙ୍କୁ ମନ୍ଦିରର ପରିଚାଳନା ଦାୟିତ୍ୱ ଦେଇଥିଲେ । ୧୯୩୪ ମସିହା ଫେବ୍ରୁଆରୀ ୪ ତାରିଖ ଦିନ ଅସ୍ତମିତ ହୋଇଥଲା ଶତାବ୍ଦୀର ସୂର୍ଯ୍ୟ । ଶୈଳବାଳା ମହିଳା ମହାବିଦ୍ୟାଳୟ ଠାରୁ ତୁଳସୀପୁର ଗୋରାକବର ପର୍ଯ୍ୟନ୍ତ ହଜାର ହଜାର ସମବେତ ଜନତା ଅଶ୍ରୁଳ ନୟନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମଧୁବାବୁଙ୍କୁ । ୧୯୩୬ରେ ଉତ୍କଳ ପ୍ରଦେଶ ଗଠନ ହୋଇଛି । ପ୍ରକୃତରେ ସେ ହିଁ ଥିଲେ ଓଡ଼ିଶାର ମହାନାୟକ । ତାଙ୍କୁ ସମ୍ମାନ ଜଣାଇ ଓଡ଼ିଶାରେ ଗଢ଼ି ଉଠିଛି 'ଉତ୍କଳ ଗୌରବ ମଧୁସୂଦନ ସେତୁ' (୨୦୧୮), 'ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ' (୨୦୨୧) ଓ 'ମଧୁବାବୁ ପେନସନ ଯୋଜନା' (ଭିନ୍ନକ୍ଷମ ଲୋକମାନଙ୍କ ପାଇଁ - ୧୯୮୫ ଓ ବାର୍ଦ୍ଧକ୍ୟ ଲୋକମାନଙ୍କପାଇଁ - ୧୯୮୯) । ମଧୁବାବୁ ଏ ମାଟିରୁ ବିଦାୟ ନେଲେ ସତ ମାତ୍ର ତାଙ୍କର ଅଦମ୍ୟ ସାହସ, ହିମାଳୟ ପରି ଦୃଢ଼ ବିଶ୍ୱାସ, ଅକଳନୀୟ ଉତ୍ସାହ ଯଦି ପ୍ରତିଟି ଓଡ଼ିଆ ଯୁବକଙ୍କୁ ପ୍ରେରଣା ଦେବ ଏବଂ ତାଙ୍କରି ପ୍ରେରଣାରେ ଏ ଜାତି ଆହୁରି ସମୃଦ୍ଧ ହୋଇ ବିଶ୍ୱର ଗୁରୁ ହେବ ତେବେ ତାହାହିଁ ହେବ ତାଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ।

# ଆମ ଓଡ଼ିଶା ଓ ମଧୁବାବୁ



ଦାଶରଥୀ ଶତପଥୀ
ପ୍ରାକ୍ତନ ସଚିବ
ଓଡ଼ିଶା ବିଧାନସଭା

ଊନ୍ନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭ ଓଡ଼ିଶା ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାଭାଷୀ ଆନ୍ଦୋଳନ ଓ ଏହାକୁ କେନ୍ଦ୍ର କରି ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାର ପ୍ରୟାସ । ଭାଷାର ସୁରକ୍ଷା, ଓଡିଆମାନଙ୍କୁ ନେଇ ବିଚ୍ଛିନ୍ନାଞ୍ଚଳ ଓଡିଶାର ଏକତ୍ରୀକରଣ ସହ ଜାତୀୟତାବାଦର ଉତ୍ପତ୍ତି ଓ ସ୍ୱତନ୍ତ୍ର ଓଡିଶା ଗଠନ ସହ ଓଡିଆ ଜାତିର ସଂହତି ଓ ସମୃଦ୍ଧି ଆଦିକୁ ସୁରକ୍ଷିତ ରଖିବା ପାଇଁ ପ୍ରଚେଷ୍ଟା କରାଯାଇଥିଲା ।

ପ୍ରାଚୀନ କାଳରୁ ଓଡିଶା ଭାରତ ବର୍ଷର ଏକ ଗୌରବମୟ ବିମଣ୍ଡିତ ଐଶ୍ୱର୍ଯ୍ୟଶାଳୀ ଭୂଖଣ୍ଡ ଭାବରେ ପରିଚିତ ଥିଲା । ୧୫୬୮ ରୁ ୧୮୦୩ ଦିର୍ଘ ୨୩୫ ବର୍ଷ ଓ ପରେ ୧୮୬୬ ମସିହା ଓଡିଶାର 'ନ' ଅଙ୍କ ଦୁର୍ଭିକ୍ଷ ଓଡିଶାବାସୀଙ୍କର ଥିଲା ଦୁଃଖ ଓ ଯନ୍ତ୍ରଣାର ଦିନ । ବିଶାଳ ଓଡ଼ିଶା ଖଣ୍ଡ ବିଖଣ୍ଡ ହୋଇଗଲା । ଓଡିଆ ଭାଷାର ବିଲୋପ ପାଇଁ ଚାଲିଲା ଚକ୍ରାନ୍ତ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ବିପଦ ଦେଖାଦେଲା । ଏହି ସମୟ ଓଡିଶା ରାଜନୈତିକ ଓ ସାମାଜିକ ଜୀବନରେ ଦୁର୍ଭାଗ୍ୟର ବେଳ ଆସିଥିଲା । ଓଡିଆ ଭାଷା ଓ ସଂସ୍କୃତିକୁ ରକ୍ଷା କରିବା ପାଇଁ ଆଚାର୍ଯ୍ୟ ପ୍ୟାରିମୋହନ, କର୍ମବୀର ଗୌରୀଶଙ୍କର, ବ୍ୟାସକବି ଫକିରମୋହନ, ନୀଳମଣୀ ବିଦ୍ୟାରତ୍ନ, ବାମଣ୍ଡା ରାଜା ବାସୁଦେବ ପ୍ରମୁଖ ଆପ୍ରାଣ ଚେଷ୍ଟା ଚଳାଇଲେ ଏବଂ ଶେଷରେ କୃତକାର୍ଯ୍ୟ ହେଲେ ।

ଓଡିଆ ଭାଷାକୁ ରକ୍ଷା କରି ପ୍ରସାର ଓ ପ୍ରଚାର ପାଇଁ ଉତ୍କଳ ସାହିତ୍ୟ ସମ୍ମିଳନୀ, ଗଂଜାମ ଉତ୍କଳ ହିତବାଦିନୀ ସଭା, ବାଲେଶ୍ୱରରେ ସାହିତ୍ୟ ସଭା, ଉତ୍କଳ ସଭା ସମିତି ଆଦି ବହୁ ଅନୁଷ୍ଠାନ ଗଠନ କରାଯାଇ ପ୍ରସାର କରାଗଲା । ଶେଷରେ ସେତେବେଳର ପରିବେଶ ଓ ପରିସ୍ଥିତିକୁ ନେଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ବିଚ୍ଛିନ୍ନାଞ୍ଚଳ ଓଡିଶାର ଏକତ୍ରୀକରଣ ପାଇଁ ୧୯୦୩ରେ ଗଢାଗଲା 'ଉତ୍କଳ ସମ୍ମିଳନୀ' । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସ୍ୱତନ୍ତ୍ର ଓଡିଶା ଗଠନ କରି ଓଡିଆମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା । ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଓ ବିଚ୍ଛିନ୍ନାଞ୍ଚଳକୁ ଏକତ୍ରୀକରଣ କରିବାରେ ମଧୁବାବୁଙ୍କ ସହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଂଜ, ମହାରାଜା ରାମଚନ୍ଦ୍ର ମର୍ଦ୍ଦରାଜ, ବିଶ୍ୱନାଥ କର, ଗୌରୀଶଙ୍କର ରାୟ, ନିଳମଣି ବିଦ୍ୟାରତ୍ନ, ନନ୍ଦକିଶୋର ବଳ, ସଦାଶିବ ବିଦ୍ୟାଭୂଷଣ, ଗୋଦାବରିଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ପାଣିଗ୍ରାହୀ, ନନ୍ଦକିଶୋର ଚୌଧୁରୀ, ଫକିରମୋହନ ସେନାପତିଙ୍କ ଭୂମିକା ଚିର ସ୍ମରଣୀୟ । ଓଡିଆ ଜାତିକୁ ଜାଗ୍ରତ କରିବା ପାଇଁ ମଧୁବାବୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଉତ୍କଳ ସମ୍ମିଳନୀର ସଭାମାନ ଅନୁଷ୍ଠିତ କରାଗଲା । ସମ୍ମିଳନୀ ମଣ୍ଡପରେ ମଧୁସୂଦନ ଦାସ ଦଣ୍ଡାୟମାନ ହୋଇ ଓଡିଆକୁ ଆହ୍ୱାନ ଦେଇଥିଲେ ।

'ଏହି ସମ୍ମିଳନୀ
ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣବିନ୍ଦୁଧରେ
ତୋ'ର ପ୍ରାଣବିନ୍ଦୁ
ମିଶାଇ ଦେ' ଭାଇ
ଡେଇଁପଡି ସିନ୍ଧୁ ନୀରେ' ।

ଓଡିଆ ଜାତିକୁ ଆଗେଇ ନେବାର ସେ ଯେଉଁ ଆଶା ପୋଷଣ କରିଥିଲେ ସେଥିପାଇଁ ସେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୌଣ କରି ଜାତିଗତ ସ୍ୱାର୍ଥକୁ ମୁଖ୍ୟସ୍ଥାନ ଦେଇ ଓଡିଆ ମାନଙ୍କ ପ୍ରାଣରେ ଜାତିପ୍ରେମର ବହ୍ନି
ଜଳାଇ ଦେଇଥିଲେ ।
ମଧୁବାବୁ କହିଥିଲେ.....
"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡେ ନାଚ
ଛାତିକୁ ମିଶାଇ ଛାତି ।

ଏହି ମୁଲ୍ୟବାନ ପଂକ୍ତିଗୁଡିକ ଉତ୍କଳର କୋଣ ଅନୁକୋଣରେ ଜାତୀୟ ଜୀବନରେ ବିକାଶ ପାଇଁ ଜନଗଣଙ୍କ ହୃଦୟରେ ଜାଗରଣ ସୃଷ୍ଟି କରି ଇଂରେଜମାନଙ୍କ ବିରୁଦ୍ଧରେ ଏକ ଜନଆନ୍ଦୋଳନ ସୃଷ୍ଟି କରିଥିଲା । ଓଡିଆ ଭାଷାକୁ ରକ୍ଷା କରିବା, ସୁପ୍ତ ଓଡିଆ ଜାତିକୁ ଜାଗ୍ରତ କରିବା ପାଇଁ ମଧୁସୂଦନ ଦାସଙ୍କ ପ୍ରାଣ ସଦାସର୍ବଦା କାନ୍ଦୁଥିଲା । ଓଡିଶା ପାଇଁ ତାଙ୍କର ତ୍ୟାଗର ପଟାନ୍ତର ନାହିଁ । ୧୯୨୭ରେ ସାଇମନ କମିଶନଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବୀ କରାଯାଇଥିଲା ଏବଂ ଏହାର ପରେ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଅନ୍ୟ ଜଣେ ମହାରଥୀ ହେଉଛନ୍ତି ପାରଳାର ମହାରାଜା ଗଜପତି ନାରାୟାଣ ଦେବ ଯିଏକି ୧୯୩୧ରେ ଇଂଲଣ୍ଡରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ ଦୃଢଭାବେ ଉପସ୍ଥାପନ କରିଥିଲେ ଏବଂ ଏଠାରେ ଥିବା ସମସ୍ତ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ (ଯିଏକି ପରବର୍ତ୍ତୀ ମୁହୂର୍ତ୍ତରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଅବସ୍ଥାପିତ ହୋଇଥିଲେ) ।

କଠିନ ସଂଗ୍ରାମ ପରେ ୧୯୩୫ରେ ଭାରତ ଶାସନ ଆଇନ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ଗଠନ ବିଚାରାଧିନ ରହିଲା ଏବଂ ୧୯୩୬ ମସିହା ଅପ୍ରେଲ ପହିଲାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଂଜାମ ଓ କୋରାପୁଟ ଛଅଟି ଜିଲ୍ଲାକୁ ନେଇ ଭାଷାଭିତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା ଏବଂ ପରବର୍ତ୍ତୀ ସମୟରେ ଆମ ରାଜ୍ୟ ଓଡ଼ିଶା ୧୩ଟି ଜିଲ୍ଲା ଓ ବର୍ତ୍ତମାନ ୩୦ଟି ଜିଲ୍ଲାରେ ପରିଣତ ହୋଇଛି ସ୍ୱତନ୍ତ୍ର ଓଡିଶା । ଏହି ଅବସରରେ ଭକ୍ତିଯୁକ୍ତ ପ୍ରଣାମ ଜଣାଉଛି ସେହି ମହାନ ଓଡିଆ ଉତ୍କଳ ଗୌରବ ମଧୁସୂଦନଙ୍କୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅପ୍ରେଲ ୨୦୨୬ ମଙ୍ଗଳବାର





# ପ୍ରଭୁ ସିଂହନାଥ ଅନ୍ଧକାରରେ:ପ୍ରଶାସନ ନିଦ୍ରାରେ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ବଡମ୍ବା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଧାର୍ମିକ ପୀଠ ବାବା ସିଂହନାଥ ମନ୍ଦିରରେ ଓ ଦୀର୍ଘତମ ଟି-ସେତୁରେ ଲାଇଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇପଡିଛି। ସନ୍ଧ୍ୟା ପରେ ସମ୍ପୂର୍ଣ୍ଣ ପୀଠ ଅନ୍ଧକାରରେ ଥିବାରୁ ଭକ୍ତମାନେ ନାହିଁନଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ୍ୟ । ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଦେବୋତ୍ତର ବିଭାଗ ସମ୍ପୂର୍ଣ୍ଣ ନିଜ ମୁଣ୍ଡରୁ ଦାୟିତ୍ୱ ଖସେଇ ଦେଇ ବସିଯାଇଛି, ବଡମ୍ବା ତହସିଲଦାର କହୁଛନ୍ତି ଏତେ ଟଙ୍କା ଦେବୁ କେଉଁଠୁ ? ଆମ ପାଖରେ ଏତେ ଟଙ୍କା ନାହିଁ, କିନ୍ତୁ ମନ୍ଦିରର ଆୟ କହିଲେ ସିଂହନାଥ ହାଟ, ମନ୍ଦିର ହୁଣ୍ଡୀ ଓ ସିଂହନାଥଙ୍କ ସମ୍ପତି ଦଶ ଏକରରୁ ଉର୍ଦ୍ଧ୍ୱ ଏକ ଆମ୍ବ ବଗିଚାରୁ ଆୟ ହୁଏ। ମନ୍ଦିରରେ ଥିବା ସେବାୟତ ପ୍ରଶାସନ ଠାରୁ ପାଉଣା ନିଅନ୍ତିନାହିଁ କିମ୍ବା ତାଙ୍କୁ ଦିଆଯାଏନାହିଁ, ସେବାୟତମାନେ ଭକ୍ତମାନଙ୍କ ଦକ୍ଷିଣାରୁ ଯାହା ମିଳେ ସେତିକିରେ ସନ୍ତୁଷ୍ଟ ହେବାକୁପଡେ । କିନ୍ତୁ ବାବାଙ୍କର ସମ୍ପତ୍ତିର ଆୟ ଯାଉଛି କୁଆଡେ ? ଦୋକାନ ଘର ଭଡା, ଯାତ୍ରାରେ ସାଇକେଲ୍ ଷ୍ଟାଣ୍ଡର ଆୟ ସବୁ ଦେବୋତ୍ତର ବିଭାଗ ନେଉଥିବାବେଳେ ମନ୍ଦିରର ବ୍ୟବସ୍ଥା ପାଇଁ ଟଙ୍କାଟିଏ ଖର୍ଚ୍ଚ ହେଉନଥିବା ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ସୂଚନା ମିଳୁଛି । ପୂର୍ବରୁ ଯେଉଁ ଲାଇଟ୍ ବ୍ୟବସ୍ଥା ହୋଇଥିଲା ତାହା ସମ୍ପୂର୍ଣ୍ଣ ବନ୍ଦ, ମନ୍ଦିର ପରିସରରେ ଯେଉଁ ସୋଲାର ଲାଇଟ୍ ଲଗାଯାଇଥିଲା ତାହା ମଧ୍ୟ ଅକାମି ହୋଇଯାଇଛି। ୨୦୧୯ ମସିହାରେ ସରକାରଙ୍କ ତରଫରୁ ୨୧ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଜେନେରେଟର ପୀଠକୁ ଆସିଥିଲା, ସେ ଜେନେରେଟର କୁଆଡେ ଗଲା ତାହା କେହି କହିପାରୁନାହାନ୍ତି । ସେ ଜେନେରେଟର ଗଲା କୁଆଡେ ? ଯଦି ପ୍ରଶାସନ ଓ ସରକାର କୁମ୍ଭକର୍ଣ୍ଣ ସାଜିଛନ୍ତି ବାବାଙ୍କ ସମ୍ପତ୍ତିର ଆୟ ହେଉଥିବା ଅର୍ଥ ମନ୍ଦିର କାମରେ ଲାଗୁନି କାହିଁକି ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି । ମନ୍ଦିର ଆୟରେ ଇଲେକ୍ଟ୍ରି ବିଲ୍ ମଧ୍ୟ ଦେଇପାରିଥାନ୍ତେ, ତାହା ନକରି ଓଡ଼ିଶାର ଏକ ପ୍ରସିଦ୍ଧ ଧାର୍ମିକ ଶୈବପୀଠକୁ ଅନ୍ଧାରରେ ଠେଲିଦେଇ ଚୁପ୍ ହୋଇ ବସିଯିବାଟା କେତେଦୂର ଠିକ୍ ? ଲୋକଙ୍କ କହିବା ଅନୁଯାୟୀ ରାତି ସମୟରେ ଲାଇଟ୍ ନଥିବାରୁ ସୁରକ୍ଷା ନେଇ ଗଭୀର ଚିନ୍ତା ଉପସ୍ଥିତ ହେଉଛି । ଯାହାଫଳରେ ସେତୁ ମଧ୍ୟ ଦେଇ ନିଶା କାରବାର ଠାରୁ ଆରମ୍ଭ କରି ଗୋ ଚାଲାଣ ଅବାଧରେ ଚାଲିଛି । ମଦ୍ୟପ ମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି ଟି-ସେତୁ । ଏହା ସହିତ ପର୍ଯ୍ୟଟକମାନେ ମଧ୍ୟ ଅସନ୍ତୁଷ୍ଟ ହୋଇ ପଛକୁ ଫେରୁଥିବାର ଦେଖାଯାଉଛି, ଯାହା ଏହି ପୀଠର ପର୍ଯ୍ୟଟନ ମୂଲ୍ୟାଙ୍କୁ ହାନି କରୁଛି । ତଥାପି ପ୍ରଶାସନର ନିରବତା ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି, ଭକ୍ତଙ୍କ ସୁରକ୍ଷା ପ୍ରତି କିଏ ଦାୟୀ ? ଏହି ପୀଠ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ହେଉଥିବା ସତ୍ତ୍ୱେ ଏଭଳି ଅବହେଳାକୁ ସ୍ଥାନୀୟ ଲୋକ ଓ ଭକ୍ତ ମାନଙ୍କୁ ଆକ୍ରୋଶିତ କରିଛି । କେବଳ ଆଶ୍ୱାସନା ନୁହେଁ, ତୁରନ୍ତ କାର୍ଯ୍ୟ ନହେଲେ ଏହା ବିରୋଧରେ ତୀବ୍ର ଆନ୍ଦୋଳନ ହେବା ନିଶ୍ଚିତ ବୋଲି ସତର୍କ କରାଯାଇଛି।



# ପୁନରୁଦ୍ଧାର ହେବ ପ୍ରସିଦ୍ଧ ବମକୋଇ ପାଟ:ମିଳିଛି ଜିଆଇ ଟ୍ୟାଗ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅନ୍ୟତମ ପାରମ୍ପରିକ ହସ୍ତତନ୍ତ ବମକୋଇ ପାଟର ପ୍ରଚାର ଓ ପ୍ରସାର ତଥା ବୁଣାକାରଙ୍କୁ ସୁବିଧା ସୁଯୋଗ ଯୋଗାଇଦେବାକୁ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବମକୋଇ ଗ୍ରାମରେ ନିର୍ମାଣ ହେବ ସିଏଫ୍ସି । ଏଥିପାଇଁ ବମକୋଇ ଗ୍ରାମ ଛକରେ ଏକ ସରକାରୀ ଜାଗା ଚିହ୍ନଟ କରାଯାଇଛି । ସେଠାରେ ତନ୍ତ ସ୍ଥାପନ, ବସ୍ତ୍ର ବିକ୍ରିକେନ୍ଦ୍ର ସହ ବମକୋଇ ଗ୍ରାମର ବୁଣାକାରଙ୍କୁ ବାସଗୃହ ଯୋଗାଇ ଥଇଥାନ ପାଇଁ ଯୋଜନା ହୋଇଛି । ଗଞ୍ଜାମ ଜିଲ୍ଲାର ବମକୋଇ ଏବଂ ପଦ୍ମନାଭପୁର ଗ୍ରାମରୁ ଉତ୍ପନ୍ନ ହେଉଥିବା ଏହି ହସ୍ତତନ୍ତ କଳା ପାରମ୍ପରିକ କୌଶଳ ଓ ସାଂସ୍କୃତିକ ପରିଚୟକୁ ପ୍ରତିନିଧିତ୍ୱ କରେ । ଦୀର୍ଘବର୍ଷ ତଳେ ବମକୋଇ ଗ୍ରାମରେ ୬୦ ବୁଣାକାର ପରିବାର ବମକୋଇ ପାଟ, ଶାଢ଼ି, ଗାମୁଛା, ଓଢ଼ଣୀ, ଖଦି, ଲୁଙ୍ଗି ଭଳି ବସ୍ତ୍ର ବୁଣାବୁଣି କରୁଥିଲେ । ୨୦୧୦ରେ ବମକୋଇ ଶାଢ଼ିର ସ୍ୱତନ୍ତ୍ର ଡ଼ିଜାଇନ୍କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଥିଲା । ହେଲେ ଗ୍ରାମରେ ଅଗ୍ନିକାଣ୍ଡ ଘଟିବା ପରେ ଅଧିକାଂଶ ପରିବାର ନିଜ ଜୀବିକା ହରାଇଥିଲେ । ସେବେଠାରୁ ଗ୍ରାମରେ ବୁଣାକାରଙ୍କ ସଂଖ୍ୟା କମିବାରେ ଲାଗିଛି । ଦିଗପହଣ୍ଡି ବ୍ଲକ୍ର ପଦ୍ମନାଭପୁର ଗ୍ରାମରେ ପ୍ରାୟ ୨୦ ପରିବାର ବମକୋଇ ପାଟ ଓ ବସ୍ତ୍ର ବୁଣାବୁଣି କରୁଥିବାରୁ ଏହି କଳାକୌଶଳ ବଞ୍ଚି ରହିଛି । ଦିଲ୍ଲୀ, ମୁମ୍ବାଇ, ହରିଆଣା ଭଳି ବାହାର ରାଜ୍ୟରେ ବମକୋଇ ପାଟ ଓ ଶାଢ଼ିର ବିଶେଷ ଚାହିଦା ରହିଛି । ଆଜିକାଲି ବଜାରରେ ବମକୋଇ ବସ୍ତ୍ରର ଯେତିକି ଚାହିଦା ରହୁଛି ସେହି ଅନୁପାତରେ ଉତ୍ପାଦନ ହୋଇପାରୁନାହିଁ । ବମକୋଇ ଗ୍ରାମରେ ନୂତନ ବୁଣାକାର ସୃଷ୍ଟି ହେଉନଥିବାରୁ ଯେତିକି ବୁଣାକାର ନିଜ କୌଶଳ ବୃତ୍ତିରେ ରହିଛନ୍ତି ସେହି ପରିବାରଙ୍କୁ ସୁବିଧାସୁଯୋଗ ଯୋଗାଇ ଦେଇ ଏହି ପାରମ୍ପରିକ ହସ୍ତତନ୍ତ କୌଶଳକୁ ବଞ୍ଚାଇ ରଖିବାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ବୁଣାକାରଙ୍କ ଜୀବିକା ସୁରକ୍ଷା, ସ୍ଥାୟିତ୍ୱ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୁଣାକାର ପରିବାରଙ୍କୁ ଇନ୍ଭର୍ଟର ସହିତ ବ୍ୟାଟେରୀ, ପଙ୍ଖା, ଏଲଇଡ଼ି ବତି ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ତନ୍ତ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି । ବମକୋଇ ସହିତ ପାରମ୍ପରିକ ଡିଜାଇନ୍ ଗୁଡ଼ିକର ପୁନରୁଦ୍ଧାର ପାଇଁ ବିଶେଷ ପ୍ରକଳ୍ପ ଗଠନ କରାଯାଇ ଡିଜାଇନ୍ ଡେଭଲପମେଣ୍ଟ ଉତ୍ପାଦର ବିବିଧିକରଣ ଏବଂ ବଜାର ସଂଯୋଜନ ଉପରେ ଗୁରୁତ୍ୱ ଦେଇ ପ୍ରଶିକ୍ଷଣ ତଥା ତାଲିମ୍ ପ୍ରଦାନ ପାଇଁ ଯୋଜନା ରହିଛି ବୋଲି ବ୍ରହ୍ମପୁର ସ୍ଥିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକ ହୃଷିକେଶ ମାହାଳି କହିଛନ୍ତି । ଅନ୍ୟପକ୍ଷରେ ସରକାରୀ ଜାଗାରୁ ବୁଣାକାରଙ୍କୁ ଉଚ୍ଛେଦ କରିବା ବଦଳରେ ସେଠାରେ ଥଇଥାନ କରିବାକୁ ବୁଣାକାରମାନେ ଦାବି କରିଛନ୍ତି । ସେହିପରି ଏହି ସ୍ୱତନ୍ତ୍ର ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ହେଲେ ରାଜ୍ୟ ସରକାର ବୁଣାକାରଙ୍କୁ ଇନ୍ପୁଟ୍ ସବ୍ସିଡ଼ି ପ୍ରଦାନ କରିବା ଉଚିତ୍ ବୋଲି ବହୁ ବରିଷ୍ଠ ବୁଣାକାର ମତ ଦେଇଛନ୍ତି ।



# ୨୯ରେ ଉତ୍କଳ ସାମ୍ବାଦିକ ସଂଘର ପ୍ରତିବାଦ ସଭା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସାମ୍ବାଦିକ ବିରୋଧୀ ମାନସୀକତା ପ୍ରତିବାଦରେ ଆମ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆସନ୍ତା ଏପ୍ରିଲ ୨୯ ତାରିଖ ବୁଧବାର ଦିନ ରାଜ୍ୟବ୍ୟାପୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ବିକ୍ଷୋଭ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତଦିନ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶାଖା ପକ୍ଷରୁ ମଧ୍ୟ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧିକରୁ ଅଧିକ ସଂଖ୍ୟାରେ ସଦସ୍ୟ ଓ ସାମ୍ବାଦିକମାନେ ସକାଳ ୯ଟା ସମୟରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପାଇଁ ନିଷ୍ପତ୍ତି ହୋଇଛି। ସାମ୍ବାଦିକମାନଙ୍କ ବୃତ୍ତିଗତ ଓ ସାମାଜିକ ସୁରକ୍ଷା ତଥା ସମ୍ମାନ ପାଇଁ ଏହା ଅତ୍ୟନ୍ତ ଜରୁରୀ ଅଟେ । ଏ ସମ୍ପର୍କରେ ଜିଲ୍ଲା ଶାଖା ପକ୍ଷରୁ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ସୂଚନା ଦିଆଯାଇଛି।

# ହରିଶଙ୍କରରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆରମ୍ଭ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପବିତ୍ର ଧର୍ମକ୍ଷେତ୍ର ତଥା ପଶ୍ଚିମ ଓଡ଼ିଶାର ଐତିହାସିକ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଠାରେ ସୋମବାର ଠାରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଆରମ୍ଭ ହୋଇଛି । ଚଳିତ ବର୍ଷ ବୈଶାଖ ମେଳା ମେ ୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ମେଳା ହେବ ବୋଲି ଜଣାଯାଇଛି। ସାଂସ୍କୃତିକ, ପୌରାଣିକ, ଧାର୍ମିକ, ଐତିହାସିକ ଓ କିମ୍ବଦନ୍ତୀ ଅନୁସାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ସ୍ୱତନ୍ତ୍ରତା ରହିଆସିଛି । ଗନ୍ଧମାର୍ଦ୍ଦନ ପାହାଡ଼ର ଗୋଟିଏ ପଟେ ବଲାଙ୍ଗିର ଜିଲ୍ଲାର ହରିଶଙ୍କର ଓ ଅନ୍ୟପଟେ ବରଗଡ଼ ଜିଲ୍ଲାର ନୃସିଂହନାଥ ପୀଠ ରହିଛି । ଅତି ପୁରାତନ କାଳରୁ ଗନ୍ଧମାର୍ଦ୍ଦନ ପାହାଡ ଉପରେ ପାଣି ଝରଣା ବାହାରି ଦୁଇ ଜିଲ୍ଲାର ତୀର୍ଥ ସ୍ଥାନରେ ପଡିଥିବା ଦେଖାଯାଏ । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ବୈଶାଖ ଚତୁର୍ଦ୍ଦଶୀ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ । ଓଡ଼ିଶା ତଥା ଅନ୍ୟ ରାଜ୍ୟ ସୁଦୂର ଛତିଶଗଡ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ିବାର ମଜା ନେଇଥାନ୍ତି। ମେଳା ସମୟରେ ଶ୍ରଦ୍ଧାଳୁମାନେ ଦିନ ରାତି ଦୁର୍ଗମ ପାହାଡ଼ ଚଢ଼ି ଜହ୍ନ ରାତିରେ ହରିଶଙ୍କରରୁ ନୃସିଂହନାଥ ଯିବା ଆସିବା କରି ପାହାଡ଼ ଚଢ଼ିବାର ମଜା ନେଇଥାନ୍ତି। ଅନ୍ୟ ବର୍ଷ ଭଳି ଚଳିତ ବର୍ଷ ପ୍ରଶାସନ ତଥା ପାଟଣାଗଡ ଦେବୋତ୍ତର ବିଭାଗ ତରଫରୁ ମେଳା ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ଏହି ଅବସରରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ଭିଡ଼ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ପୋଲିସ ପ୍ରଶାସନ, ବେନିୟମ କଳାବଜାରୀ ଆଦିକୁ ପ୍ରାଧାନ୍ୟ ଦିଆଯାଇଛି । ମେଳାରେ କିଭଳି ଶାନ୍ତି ଓ ଶୃଙ୍ଖଳା ହେବ ସେଥିପାଇଁ ୧୦ ପ୍ଲାଟୁନ୍ ପୋଲିସ ମୁତୟନ ରହିବେ ବୋଲି ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି । ସେହିପରି ବିଭିନ୍ନ ବିଭାଗ ତରଫରୁ ୪୦ ଗୋଟି ପ୍ରଜ୍ଞାପନ ମେଢ଼ ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ଠାରୁ ସୂଚନା ମିଳିଛି । ପାଞ୍ଚ ଦିନ ଧରି ବିଭିନ୍ନ ସଂସ୍କୃତିକୁ କାର୍ଯ୍ୟକ୍ରମ, ଦଣ୍ଡନୃତ୍ୟ ପ୍ରଥମ ଷ୍ଟେଜ୍ ଏବଂ ଦ୍ୱିତୀୟ ଷ୍ଟେଜ୍ରେ ହେବାକୁ ଥିବାବେଳେ ୩୦ ତାରିଖରେ ଉମାକାନ୍ତ ବାରିକଙ୍କ ଦ୍ୱାରା ଷ୍ଟାର୍ ନାଇଟ୍ ଆର୍କେଷ୍ଟ୍ରା ଆକର୍ଷଣୀୟ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ଠାରେ ପାଟଣାଗଡ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନୀଲ ମେହେରଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ଶନିବାର ଅନୁଷ୍ଠିତ ହୋଇଥିବାବେଳେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଖପ୍ରାଖୋଲ ତହସିଲଦାର ଆନନ୍ଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାଏକ, ବେଲପଡା ତହସିଲଦାର ଅଭିନାଶ କିଷାନ ଏବଂ ଦେବୋତ୍ତର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ରାସ୍ତା ପାଲଟିଛି ନାଳ:ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମହିଳା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ପତ୍ରାପାଲି(କ) ଗାଁରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗାଁର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ହେବ ଡ୍ରେନେଜ୍ ସୁବିଧା ନଥିବାରୁ ଏବେ ସାଧାରଣ ଯାତାୟାତ ପାଇଁ ରାସ୍ତାଟି ଏକ ନର୍ଦ୍ଦମାରେ ପରିଣତ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ଉପଯୁକ୍ତ ନାଳନଥିବାରୁ ଲୋକେ ବ୍ୟବହାର କରୁଥିବା ପାଣି ସହ ଷ୍ଟାଣ୍ଡ ପୋଷ୍ଟର ପିଇବା ପାଣି ମଧ୍ୟ ରାସ୍ତା ଉପରକୁ ଛାଡ଼ି ଦିଆଯାଉଛି। ଫଳରେ ରାସ୍ତା ସାରା ପାଣି ଓ କାଦୁଅ ଜମି ରହୁଛି। ଏହି ଅପରିଷ୍କାର ପାଣି ଯୋଗୁଁ ଦୁର୍ଗନ୍ଧ ହେବା ସହ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି, ଯାହା ଗାଁରେ ସଂକ୍ରାମକ ରୋଗ ବ୍ୟାପିବାର ଭୟ ସୃଷ୍ଟି କରୁଛି। ଏହି ସମସ୍ୟାକୁ ନେଇ ଗାଁର ମହିଳାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପିଲାମାନେ ସ୍କୁଲ ଯିବା ଆସିବାବେଳେ ଏହି ଅପରିଷ୍କାର ପାଣିରେ ପଡିଯାଉଛନ୍ତି। ଗାଁରେ ତୁରନ୍ତ ଏକ ଡ୍ରେନ୍ ନିର୍ମାଣ କରି ପରିମଳ ବ୍ୟବସ୍ଥା ଠିକ୍ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସ୍ଥାୟୀ ପ୍ରତିକାର କରାଯାଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି।

# ପ୍ରଥମଥର ପାଇଁ ବାଲିଗୁଡ଼ା ବନଖଣ୍ଡରୁ ପୁରୀ ଗଲା ଶ୍ରୀଜୀଉଙ୍କ ରଥ କାଠ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଲାଗିଲା କାଳିଆର ଡୋରୀ । ଘୋଷ ଯାତ୍ରା ପାଇଁ ବାହାରିଲା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡରୁ ରଥକାଠ । ପ୍ରଥମଥର ପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ବନାଞ୍ଚଳରୁ ପୁରୀ ଅଭିମୁଖେ ବାହାରିଛି ରଥ ନିର୍ମାଣ ପାଇଁ ୪୦ ଫୁଟ୍ ଲମ୍ବର ୨୩ ଖଣ୍ଡ ଧଉରା କାଠ । ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ, ଏସଡିପିଓ ସୁଭମ୍ ଭୋଷଲେ, ଡିଏଫ୍ଓ ଘନଶ୍ୟାମ ମହାନ୍ତଙ୍କ ସମେତ ସମସ୍ତ ବନ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବାଲିଗୁଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରି କାଠ ବୋଝେଇ ଟ୍ରଲରକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ପାଛୋଟି ନେଇ ବିଦାୟ ଦେଇଛନ୍ତି ଅଞ୍ଚଳବାସୀ । ପ୍ରଥମଥର ପାଇଁ କନ୍ଧମାଳର ବାଲିଗୁଡ଼ା ବନଖଣ୍ଡରୁ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥ କାଠ ପ୍ରେରଣ କରିବାର ସୁଯୋଗ ମିଳିଥିବାରୁ ଆମେ ଧନ୍ୟ । ଜଗତରନାଥ ଜଗନ୍ନାଥଙ୍କ କୃପାରୁ ଆମକୁ ଏହି ସୌଭାଗ୍ୟ ମିଳିଥିବାରୁ ଆମ ଜୀବନ ଧନ୍ୟ ହୋଇଗଲା ବୋଲି କହିଛନ୍ତି ଜିଲ୍ଲାପାଳ, ଡିଏଫଓଙ୍କ ସମେତ ଅଞ୍ଚଳବାସୀ । ସେପଟେ ପ୍ରଥମ ଥର ପାଇଁ ବାଲିଗୁଡ଼ା ଅଞ୍ଚଳରୁ ପୁରୀ ଘୋଷ ଯାତ୍ରା ନିମନ୍ତେ କାଠ ଯାଉଥିବାରୁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା ।

# ବିଜେପି ମହିଳା ମୋର୍ଚ୍ଚାର ଜନ ଆକ୍ରୋଶ ସମାବେଶ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନାରୀବନ୍ଦନ ଅଧିନିୟମ ଅନ୍ତର୍ଗତ ୩୩% ମହିଳା ଆରକ୍ଷଣ ଓ ନୂତନ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଓ ସାଂସଦଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ବିଧେୟକ ପାର୍ଲାମେଣ୍ଟରେ ନାକଚ ହୋଇଥିବା ପରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସହରର ନୂଆ ବସ୍ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ଏହି ସମାବେଶରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ମହିଳା ସମାବେଶରେ ଏକତ୍ରୀତ ହୋଇଥିଲେ। ଏହି ବିଧେୟକ ଅନ୍ତର୍ଗତ କୌଣସି ସାଂସଦଙ୍କର ସିଟ୍ କଟାଯିବନାହିଁ। ଅଧିକନ୍ତୁ ସିଟ୍ ସଂଖ୍ୟା ବଢାଇ ମହିଳାମାନଙ୍କୁ ଅତିରିକ୍ତ ସିଟ୍ ପ୍ରଦାନ କରାଯିବ ଓ ପ୍ରତ୍ୟେକ ରାଜ୍ୟର ବର୍ତ୍ତମାନ ଅନୁପାତ ଅବିକଳ ରଖାଯାଇ କେବଳ ମୋଟ୍ ସିଟ୍ ସଂଖ୍ୟା ବଢିବ ବୋଲି ପ୍ରାବଧାନ ଥିଲେ ମଧ୍ୟ ବିରୋଧୀ ଦଳମାନେ ଏହି ବିଲ୍କୁ ବିରୋଧ କରି ଭୋଟ୍ ଦେବାରୁ ବିଲ ଗୃହୀତ ହୋଇପାରିନାହିଁ। ଫଳରେ ମହିଳା ମାନଙ୍କର ନାର୍ଯ୍ୟ ଅଧିକାର ଓ ଦାବି ବ୍ୟାଘାତ ଘଟୁଥିବା ଓ ମହିଳାମାନଙ୍କ ପ୍ରତି ବିରୋଧୀ ଦଳ ମାନଙ୍କ ଅସୂୟା ମନୋଭାବ ପଦାରେ ପଡିଯାଇଛି ବୋଲି ଉପସ୍ଥିତ ନାରୀନେତ୍ରୀମାନେ କଂଗ୍ରେସ୍, ବିଜେଡ଼ି, ଶିବସେନା ପ୍ରଭୃତି ଅନ୍ୟ ବିରୋଧୀ ଦଳ ମାନଙ୍କୁ ତୀବ୍ର ସମାଲୋଚନା କରିଥିଲେ। ବରିଷ୍ଠ ନାରୀ ନେତ୍ରୀ ଡଃ. ଜ୍ୟୋସ୍ନା ରାଣୀ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ବିଜେପି ହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପସଭାପତି ତଥା କେନ୍ଦ୍ରାପଡା ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, କେନ୍ଦ୍ରାପଡା ବିଧାନସଭାର ନେତ୍ରୀ ଗୀତାଞ୍ଜଳି ସେଠୀ, ମହାକାଳପଡା ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ଉପସଭାପତି ମନୀଷା ପଣ୍ଡା, ସମ୍ପାଦିକା ଝିଲିରାଣୀ ଦାସ, ନମିତା ବଳ, ତିଳୋତ୍ତମା ବରାଳ, ସସ୍ମିତା ସାହୁ, ବିଜୟାଲକ୍ଷ୍ମୀ ନନ୍ଦ, ସସ୍ମିତା ପାଢି, ସ୍ୱର୍ଣ୍ଣପ୍ରଭା ମହାସୁଆର, ମନୀଷା ବେହେରା, ରଶ୍ମି ମହାପାତ୍ର, ସୁଚିସ୍ମିତା ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ମହିଳା ମାନଙ୍କୁ ଉଦ୍ବୋଧନ ଦେବାସହ ମହିଳା ମାନଙ୍କ ନାର୍ଯ୍ୟ ଦାବି ଓ ଅଧିକାର ହାସଲ ପାଇଁ ଏକଜୁଟ୍ ହୋଇ ଲଢେଇ କରିବାକୁ ଆହ୍ୱାନ୍ ଦେଇଥିଲେ। ଜିଲ୍ଲା ସମ୍ପାଦିକା ପ୍ରତିମା ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଜ୍ୟୋସ୍ନାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିରୋଧୀ ଦଳ ନେତା ସମୂହଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।




# ମେ' ୧ରେ ଉମରକୋଟରେ ଶ୍ରମିକମାନଙ୍କ ପଦଯାତ୍ରା

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ଅପରାହ୍ନ ୪ଟା ସମୟରେ ଉମରକୋଟ ରାଜମିସ୍ତ୍ରୀ ମହା ସଂଘର ଓ ମିଳିତ ଟ୍ରେଡ୍ ୟୁନିଅନ୍ ତରଫରୁ ଆସନ୍ତା ମେ ୧ ବିଶ୍ୱ ଶ୍ରମିକ ଦିବସ ଅବସରରେ ଗୋଟିଏ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ରୁପେ ଯୋଗଦେଇଥିଲେ ଜିଲ୍ଲା ରାଜମିସ୍ତ୍ରୀ ମହା ସଂଘର ସଭାପତି ବିପିନ୍ ନାଗ, ଉପ ସଭାପତି ନରସିଂହ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ, ସହ ସମ୍ପାଦକ ରାଜେଶ୍ ଜାନୀ, ଜିଲ୍ଲା କୋଷାଧ୍ୟକ୍ଷ ରାମଧର ନାୟକ ପ୍ରମୁଖ ଅତିଥି ରୁପେ ଯୋଗଦେଇ ଥିଲେ । ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ବ୍ଲକର ପ୍ରତ୍ୟେକ ରାଜମିସ୍ତ୍ରୀ ବଢ଼େଇ କୁଲି, ରେଜାକୁଲି, ଜିଲ୍ଲାର ସମସ୍ତ କୁଲି ଖଲାସୀ ଓ ମହିଳା ଶ୍ରମିକ, ମୋଟର କର୍ମଚାରୀ ସଂଘର ସଦସ୍ୟ, ଅଟୋ ଡ୍ରାଇଭର, ବସ୍ କର୍ମଚାରୀ, ଟ୍ରକ୍ ଡ୍ରାଇଭର ଓ କର୍ମଚାରୀ, ମୋଟର ସାଇକେଲ ମେକାନିକ୍ ସଂଘର ସଦସ୍ୟ ଓ କେନ୍ଦୁପତ୍ର ତୋଳାଳୀ, ଚାଷୀ ମୁଲିଆ ସଂଘର ସଦସ୍ୟ ମାନଙ୍କୁ ଜଣାଇ ଦିଆଯାଉଛି ଯେ ଆସନ୍ତା ମେ ୧ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଉମରକୋଟ ଠାରେ ପାଳିତ କରାଯିବ । ଏଥିପାଇଁ ସେଦିନ ସକାଳୁ ୧୧.୩୦ ମି ସମୟରେ ଉମରକୋଟ ଡିଏନ୍କେ ଠାରୁ ଉମରକୋଟ ଗଜପତି ଛକ ପର୍ଯ୍ୟନ୍ତ ଶ୍ରମିକମାନଙ୍କ ପଦଯାତ୍ରା କରାଯିବ ଶେଷରେ ଗୋଟିଏ ସାଧାରଣ ସଭାର ଆୟୋଜନ ହେବ । ଏଣୁ ପ୍ରତ୍ୟେକ ଶ୍ରମିକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେଦିନ ଏହି ଐତିହାସିକ ପଦଯାତ୍ରାରେ ସାମିଲ୍ ହୋଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିବେ।

# ମାତୃ ଶକ୍ତି ସହ ବିଶ୍ୱାସଘାତ କରିଛନ୍ତି ବିରୋଧୀ:ବିଜେପି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସଂସଦରେ ବିଧାନସଭା ଏବଂ ଲୋକସଭା ପାଇଁ ଆଗତ ମହିଳା ସଂରକ୍ଷଣ ବିଲ୍ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ବିରୋଧ କରି କଂଗ୍ରେସ ଓ ବିରୋଧୀ ଦଳ ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି । ବିଲ୍କୁ ପାରିତ ନକରିବା ଯାହାକି ବିରୋଧୀ ଦଳର ମହିଳା ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି ବୋଲି ବିଜେପି ପକ୍ଷରୁ ସୋନପୁର ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବିଜେପି ଦଳ ପକ୍ଷରୁ କୁହାଯାଇଛି ଯେ ରାଜନୀତିରେ ମହିଳାଙ୍କ ଭାଗିଦାରୀ ବଢ଼ାଇବାକୁ ମୋଦୀ ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଥିଲେ କିନ୍ତୁ ବିରୋଧି ତାକୁ ପାସ୍ କରାଇ ନଦେଇ ନାରୀମାନଙ୍କୁ ଅପମାନ ତଥା ତାଙ୍କ ପଛରେ ଛୁରୀ ଭୂଷିଛନ୍ତି ବିରୋଧି । ସ୍ୱାଧୀନତା ପରଠାରୁ ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପ୍ରତିନିଧି ଯେତିକି ହେବା କଥା ହୋଇନାହିଁ । ମହିଳାମାନଙ୍କୁ ସେମାନଙ୍କର ଅଧିକାର ଦେବାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉଭୟ ଲୋକସଭା ଏବଂ ବିଧାନସଭା ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳାଙ୍କ ଆସନ ସଂରକ୍ଷଣ ଉଦ୍ଦେଶ୍ୟରେ ଲୋକସଭାରେ ବିଲ୍ ଆଗତ କରିଥିଲେ । ଉଭୟ ଲୋକସଭା ଏବଂ ବିଧାନସଭା ସୀମା ପୁନଃ ନିର୍ଦ୍ଧାରଣ ବିନା ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବା ଅସମ୍ଭବ । ଏଣୁ ବିରୋଧୀ ଦଳ ଏହାକୁ କରାଇନଦେବା ସେମାନଙ୍କର ମହିଳା ବିରୋଧୀ ନୀତିକୁ ସ୍ପଷ୍ଟ କରିଛି ବୋଲି ବିଜେପି କହିବା ସହ ଏଭଳି ଆଭିମୁଖ୍ୟକୁ କଡ଼ା ନିନ୍ଦା କରିଛି । ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନଳିନୀ ପଣ୍ଡା, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ପୂର୍ବ ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବରିଷ୍ଠ ବିଜେପି ନେତା ଅଶୋକ ପୁଜାହାରୀ, ଜିଲ୍ଲା କିଷାନ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ବିଜୟ ମହାକୁର, ବିଶ୍ୱମ୍ଭର ମିଶ୍ର, ପୂର୍ବ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ଷଡ଼ଙ୍ଗୀ, ଜିଲ୍ଲା ପର୍ଯ୍ୟବେକ୍ଷକ ଭାରତୀ ମହାନନ୍ଦ, ଜିଲ୍ଲା ପ୍ରଭାରୀ ସୁରେଶ୍ୱର ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ପ୍ରମିଳା କଲତା, ଚନ୍ଦ୍ରମା ଅଗ୍ରୱାଲ, ସୁରୁଚି ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ପରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ମହିଳାଙ୍କୁ ନେଇ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜନ ହୋଇଥିଲା ଯେଉଁଥିରେ ବିରୋଧି ଦଳ ଉପରେ ଖୁବ୍ ବର୍ଷିଥିଲେ ପ୍ରମୁଖ ବିଜେପି ମହିଳା ନେତ୍ରୀ । କହିଥିଲେ ଯେ ବିରୋଧି ଦଳ ଗୁଡିକ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍ କିନ୍ତୁ ସେମାନେ ମିଳିମିଶି ସମଗ୍ର ମହିଳାଙ୍କ ସହ ବିଶ୍ୱାସଘତକତା କରିବା ସହ ପଛପଟୁ ଛୁରୀ ମାରିଛନ୍ତି ସମସ୍ତ ବିରୋଧୀ ଦଳ । ଏହାର ଜବାବ ଏହି ଦେଶର ନାରୀ ଶକ୍ତି ଆଗାମୀ ୨୦୨୯ ନିର୍ବାଚନରେ ନିଶ୍ଚୟ ଦେବେ।

## ସିଜିମାଳିରେ ପୋଲିସ-ଆନ୍ଦୋଳନକାରୀ ସଂଘର୍ଷ ଘଟଣା

# ଏଆଇସିସି ଟିମ୍ର ସ୍ଥିତି ଅନୁଧ୍ୟାନ:କଂଗ୍ରେସର ସତ୍ୟାଗ୍ରହ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳରେ ପହଞ୍ଚିଛି ଏଆଇସିସି ଟିମ୍। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଟିମ୍ କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳରେ ଯାଇଥିଲେ। ଏଣେ ଯୁବ କଂଗ୍ରେସ ପକ୍ଷରୁ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ପ୍ରଥମେ ଖଣି ପ୍ରଭାବିତ କଣ୍ଟାମାଳ ଓ ପରେ ଶାଗବାରୀ ଗ୍ରାମରେ ଏହି ଟିମ୍ ପହଞ୍ଚି ଲୋକଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। କେଉଁ ପରିସ୍ଥିତିରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହେଲା ସେ ନେଇ ମତାମତ ସଂଗ୍ରହ କରିଥିଲେ। ତେବେ ପ୍ରଭାବିତ ମାନଙ୍କ ସହ ଆଲୋଚନା କରି କଂଗ୍ରେସ ନେତାମାନେ ପୋଲିସ ଓ ପ୍ରଶାସନର ଅମାନୁସିକ କାର୍ଯ୍ୟକୁ ନିନ୍ଦା କରିଥିଲେ। ସିଜିମାଳି ପାହାଡ଼ ଉପରେ ଆଦିବାସୀ ମାନଙ୍କ ସମ୍ପୂର୍ଣ୍ଣ ଅଧିକାର ଅଛି ବୋଲି କଂଗ୍ରେସ ନେତାମାନେ ପ୍ରକାଶ କରିବା ସହ ସିଜିମାଳି ଖଣି ଖନନକୁ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି ବୋଲି ପ୍ରଭାବିତ ମାନଙ୍କୁ କହିଥିଲେ। ଖଣି ପ୍ରଭାବିତ ମାନଙ୍କ ସହ ଆଲୋଚନା ସରିବା ପରେ ଏହି ଟିମ୍ ରାହୁଲ ଗାନ୍ଧୀଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି ଦଳ ତରଫରୁ କୁହାଯାଇଛି। କଂଗ୍ରେସର ଏହି ତଥ୍ୟ ଅନୁସନ୍ଧାନକାରୀ ଦଳ ସହ ପିସିସି ପ୍ରଭାରୀ ଅଜୟ କୁମାର ଲାଲୁ, ଏଆଇସିସି ସମ୍ପାଦକ ମନୀଶ ଶର୍ମା, ସାଂସଦ ସପ୍ତଗିରି ଉଲ୍ଲାକା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ୍, ଜାତୀୟ ଆଦିବାସୀ ସେଲ୍ ସଭାପତି ବିକ୍ରାନ୍ତ ଭୁରିଆ, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଣେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ବେଳେ ଯୁବ କଂଗ୍ରେସ ନେତା ସୁଦୀପ ସାମଲ, ଗଣେଶ ସାହୁ, ବାଦଲ ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ଖୁସି ଟିଗା, ଶାନ୍ତିଲତା ବେହେରା, ବେଣୁପାଣି ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ସିଜିମାଳି ଖଣି ଲିଜ୍ ବାତିଲ ଓ ପୁନର୍ବାର ଗ୍ରାମସଭା କରିବା ଦାବିରେ ଏହି ସତ୍ୟାଗ୍ରହ କରାଯାଇଛି।

## ସିଡ୍ୟୁଲ୍ ରେଟ୍ର ଟେଣ୍ଡର ପାଇଁ ଠିକାଦାର ମହାସଂଘର ନିଷ୍ପତ୍ତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସଦର ସ୍ଥିତ ବୀଣାପାଣି ମଣ୍ଡପ ପରିସରରେ ଜଗତସିଂହପୁର ଜିଲ୍ଲା ଠିକାଦାର ମହାସଂଘର ବୈଠକ ସଭାପତି ଅରବିନ୍ଦ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଆଲୋକ କୁମାର ଦାସ, ଦେବକାନ୍ତ ମଲ୍ଲିକ୍, ସମ୍ପାଦକ ବାହୁବଳେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକରେ ସର୍ବସମ୍ମତି କ୍ରମେ ସିଡ୍ୟୁଲ ରେଟରେ ସମସ୍ତ ଠିକାଦାର ଟେଣ୍ଡର ପକାଇବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଯେଉଁ ଠିକାଦାର ସଂଘର ନିୟମ ବିରୋଧରେ ସେମାନଙ୍କ କାର୍ଯ୍ୟମାନ ଯାଞ୍ଚ କରାଯିବ । ଏକ ୩୦ ଜଣିଆ କମିଟି ଗଠନ କରାଯାଇ ଲେସ୍ରେ ଟେଣ୍ଡର ପକାଇଥିବା ଠିକାଦାରଙ୍କ କାମକୁ ଯାଞ୍ଚ କରାଯିବା ସହିତ ଜିଲ୍ଲାପାଳ ଓ ଭିଜିଲାନ୍ସକୁ ତଦନ୍ତ ନିମନ୍ତେ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ସଭାପତି ଓ ସଭ୍ୟମାନେ ଉପସ୍ଥିତ ରହିଥିଲେ ।

# ଇଟିପୁର ଗ୍ରାମରେ ପାନୀୟ ଜଳ ସମସ୍ୟା:ଲୋକେ ହନ୍ତସନ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇଟିପୁର ଗ୍ରାମରେ ହନୁମାନ ଛକରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇବାରେ ସମସ୍ୟା ହେଉଥିବା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସମାଧାନ କରିବାକୁ ଦାବି କରିଛନ୍ତି। ଏଥିସହିତ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମରେ ଦୁଇଟି ସ୍କୁଲ ଥିବା ସହିତ ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ଗ୍ରାମବାସୀ ପାନୀୟ ଜଳ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଇଟିପୁର ଛକରୁ ପାଇପ୍ରେ ଦିଆଯାଉଥିବା ପାନୀୟ ଜଳ ପ୍ରତ୍ୟେକ ଘଣ୍ଟାରେ ବନ୍ଦ କରୁଥିବାରୁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏବଂ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଉକ୍ତ ପାଇପ୍ ଲାଇନ୍କୁ କାଟି ନିଜ ମନ ମୁତାବକ ନିଜ ଘରେ ସଂଯୋଗ କରୁଥିବାରୁ ଗ୍ରାମବାସୀମାନେ ପାନୀୟ ଜଳ ପାଇବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରଦୀପ ବେହେରା, ବିଜୟଲକ୍ଷ୍ମୀ ପ୍ରଧାନ, ରଶ୍ମିରଞ୍ଜନ ପ୍ରଧାନ, ଅଶ୍ୱିନୀ କୁମାର ପ୍ରଧାନ, ବିବେକାନନ୍ଦ ପ୍ରଧାନ ପ୍ରମୁଖ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି।

## ଓସିଏ ଆନ୍ତଃଜିଲ୍ଲା ମହିଳା କ୍ରିକେଟ

# କିଟ୍ ଏକାଦଶ ମହିଳା ଦଳ ବିଜୟୀ



**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି-୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ସୋମବାର ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ କିଟ୍ ଏକାଦଶ, ଭୁବନେଶ୍ୱର ମହିଳା ଦଳ କୋରାପୁଟ ଜିଲ୍ଲା ମହିଳା ଦଳକୁ ୩୮ ରନରେ ପରାସ୍ତ କରି ବିଜୟୀ ହୋଇଛି।

କିଟ୍ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ରାଣୀ ଟୁଡୁ ୫୮ ରନ୍ ଓ ବର୍ଷାରାଣୀ ସିଂ ୨୭ ରନ୍ କରିଥିଲେ।

ପତ୍ୟୁତ୍ତରରେ କୋରାପୁଟ ଦଳ ୨୦ ଓଭରରେ ୬ ୱିକେଟ୍ ହରାଇ ମାତ୍ର ୯୩ ରନ୍ କରି ୩୮ ରନ୍‌ରେ ପରାସ୍ତ ହୋଇଥିଲା। କୋରାପୁଟ୍ ଦଳ ପକ୍ଷରୁ ସୁଧୃତି ରାଉତ ୨୪ ରନ୍ ଓ ଭାବନା ବର୍ମା ୨୦ ରନ୍ କରିଥିଲେ। କିଟ୍ ଦଳ ପକ୍ଷରୁ ବର୍ଷାରାଣୀ ସିଂ ଓ କୁନି ବଦରା ପ୍ରତ୍ୟକ ୨ଟି ଲେଖାଏଁ ୱିକେଟ ନେଇଥିଲେ।

କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ଆନନ୍ଦ ସାହୁ, ଅଭିନାଶ ନାୟକ ଓ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ କରିଥିଲେ।

# ଦିଲ୍ଲୀକୁ ୯ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମ୍‌ଦାର ପ୍ରଦର୍ଶନ କରିଛି। ବେଙ୍ଗାଲୁରୁ ଟିମ୍ ଏହି ମ୍ୟାଚ୍‌କୁ ୯ ୱିକେଟ୍‌ରେ ଜିତିଛି। ଦିଲ୍ଲୀକୁ ପ୍ରଥମେ ୧୬.୩ ଓଭରରେ ୭୫ ରନ୍‌ରେ ଅଟକାଇଥିଲା। ପରେ ୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ୬.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା ବେଙ୍ଗାଲୁରୁ।

ବେଙ୍ଗାଲୁରୁ ୭୭ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଜୋକୋବ ବେଥେଲ ବ୍ୟକ୍ତିଗତ ଭାବେ ୨୦ ରନ୍ ସଂଗ୍ରହ କରିଥିଲେ। ସେ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ବିରାଟ କୋହଲି ଅପରାଜିତ ୨୩ ରନ୍ ସଂଗ୍ରହ କରିଥିଲେ। ସେ ୧୫ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ସେହିପରି ଦେବଦୂତ୍ତ ପଡ୍ଡିକଲ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୩୪ ରନ୍ ସଂଗ୍ରହ କରିଥିଲେ।

ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ବିପର୍ଯ୍ୟର ସାମ୍ନା କରିଥିଲେ। ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରି ଆସିଥିଲେ। ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ। ବେଙ୍ଗାଲୁରୁର ତୃତୀୟ



ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍‌ଭି (ଶୂନ୍ୟ ରନ୍) ଏବଂ ଟ୍ରିସ୍ତାନ ଷ୍ଟବ୍ (୫ ରନ୍) ହୋଇଥିଲେ। ଦଳର ଆଗଧାଡ଼ିର ୪ ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ। ସେ ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ। ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ।

କେଏଲ୍ ରାହୁଲ, ନିତିଶ ରାଣା, ସମୀର ରିଜ୍‌ଭି, ଟ୍ରିସ୍ତାନ ଷ୍ଟବ୍‌ସ ଏବଂ ଅକ୍ଷର ପଟେଲ ଭଳି ତାରକା ତଥା ଯୁବ ବ୍ୟାଟରମାନେ ଆଜି ଦମ୍ଭ ଦେଖାଇପାରି ନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍‌ସର ଶକ୍ତିଶାଳୀ ଖେଳାଳିମାନଙ୍କର ବ୍ୟାଟ୍ ନିଷ୍କ୍ରିୟ ହୋଇଯାଇଛି। ଘରୋଇ ମାଟିରେ ଏହି ଖେଳାଳିମାନେ ବିପକ୍ଷ ଦଳର ବୋଲରଙ୍କ ହାତରେ ଆତ୍ମସମର୍ପଣ କରିଛନ୍ତି। ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ୪ ଏବଂ ଭୁବନେଶ୍ୱର କୁମାର ୩ ଦିଲ୍ଲୀ ଖେଳାଳିଙ୍କୁ ଆଉଟ୍ କରିଥିଲେ। ରସିକ ସାଲମ ଡାର, ସୂର୍ଯ୍ୟାଂଶ ଶର୍ମା ଏବଂ କ୍ରୁଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଏହାର କାରଣ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏକ ସଫଳ ରଣନୀତି ନେଇ ବୋଲିଂ କରିଥିଲା।

ରଜତ ପଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ ଟିମ୍‌କୁ ବେଙ୍ଗାଲୁର ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏଥି ସହିତ ବେଙ୍ଗାଲୁରୁ ଟିମ୍ ଏକ ସଫଳ ବୋଲିଂ ରଣନୀତି ପ୍ରସ୍ତୁତ କରିଥିଲା। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରିଛି। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍‌ର ଲକ୍ଷ୍ୟ ମିଳିଛି। ଦିଲ୍ଲୀର ରନ୍ ଚଳିତ ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ସୂଚନାଯୋଗ୍ୟ ଆଇପିଏଲ୍ ଇତିହାସରେ ସର୍ବନିମ୍ନ ସ୍କୋର ବେଙ୍ଗାଲୁରୁ ନାମରେ ରହିଛି, ଯାହା ଥିଲା ୨୦୧୭ ଏପ୍ରିଲ ୨୩ ତାରିଖ କୋଲକାତା ବିପକ୍ଷରେ। ଇଡେନ ଗାର୍ଡେନରେ ବେଙ୍ଗାଲୁରୁ ୯.୪ ଓଭରରେ ସମସ୍ତ ୱିକେଟ ହରାଇ ୪୯ ରନ୍ ସଂଗ୍ରହ କରିଥିଲା।

# ଲକ୍ଷ୍ନୌକୁ ତଳକୁ ଖସାଇ ଉପରକୁ ଚଢ଼ିଲା କେକେଆର

**ନୂଆଦିଲ୍ଲୀ**

କୋଲକାତା ଲଗାତାର ଦ୍ୱିତୀୟ ବିଜୟ ହାସଲ କରି ପଏଣ୍ଟ ଟେବୁଲର ତଳୁ ଉପରକୁ ଉଠିଛ। ଦୀର୍ଘ ସମୟ ଧରି ପଏଣ୍ଟ ଟେବୁଲରୁ ୧୦ ନମ୍ବର ସ୍ଥାନରେ ରହିଥିବା କୋଲକାତା ଏବେ ୮ ନମ୍ବରକୁ ଉଠିଛି। ସେପଟେ କୋଲକାତାଠାରୁ ପରାଜୟ ପରେ ପଏଣ୍ଟ ଟେବୁଲରେ ପୂରା ତଳେ ରହିଛି ପନ୍ତ ବାହିନୀ। ଲଗାତାର ପରାଜୟ ଦଳକୁ ତଳକୁ ଖସାଇ ଦେଇଛି। ଲକ୍ଷ୍ନୌ ଚଳିତ ସିଜିନର ୮ଟି ମ୍ୟାଚ୍‌ରେ ମାତ୍ର ୨ଟି ବିଜୟ ହାସଲ କରିପାରିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଥିବାବେଳେ ଆଗାମୀ ମ୍ୟାଚ୍‌ରେ ବିଜୟ ନହେଲେ ପୁଣି ଟ୍ରାକ୍‌ରୁ ଖସିଯିବ ବୋଲି କୁହାଯାଉଛି। ରବିବାର ଲକ୍ଷ୍ନୌ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ରିଙ୍କୁ ସିଂହ ଏବଂ ସୁନୀଲ ନାରାୟଣ ସୁପର ଓଭରରେ କମାଲ କରିବା ସହ ଦଳକୁ ବିଜୟୀ କରାଇଥିଲେ। ନାରାୟଣ ସୁପର ଓଭରରେ ମାତ୍ର ଗୋଟିଏ ରନ୍ ଦେଇ ନିକୋଲାସ ପୁରନ ଏବଂ ଇଡେନ ମାକ୍ରମଙ୍କୁ ପାଭିଲିନ ପଠାଇଥିଲେ। ସେ ମାତ୍ର ୧ ରନରେ ଲକ୍ଷ୍ନୌକୁ ସୀମିତ ରଖିଥିଲେ। ପରେ ରିଙ୍କୁ ବ୍ୟାଟିଂ ଆସି ପ୍ରଥମ ବଲରୁ ଚୌକା ମାରି ଦଳକୁ ବିଜୟୀ କରାଇଥିଲେ। କେବଳ ଏହି ସୁପର ଓଭରର ଚୌକା ନୁହେଁ ରିଙ୍କୁ ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ସଙ୍କଟମୋଚକ ସାଜିଥିଲେ କୋଲକାତାର।

## ପାକିସ୍ତାନୀ କ୍ରିକେଟ ବିଶେଷଜ୍ଞଙ୍କ ବିବାଦୀୟ ମନ୍ତବ୍ୟ

# ବୈଭବଙ୍କ ବ୍ୟାଟରେ ଲାଗିଛି ଏଆଇ ଚିପ୍, ଏହାର ଲ୍ୟାବ୍ ଟେଷ୍ଟ ହେଉ

**ନୂଆଦିଲ୍ଲୀ**

ମାତ୍ର ୧୫ ବର୍ଷ ବୟସରେ ବୈଭବ ସୂର୍ଯ୍ୟବଂଶୀ ଭାରତର ଉଦୀୟମାନ ଷ୍ଟାର କ୍ରିକେଟର ହୋଇପାରିଛନ୍ତି। ବର୍ତ୍ତମାନ ସେ ବିଶ୍ୱ କ୍ରିକେଟ୍ କ୍ରିକେଟରେ ରାଜ୍ କରୁଛନ୍ତି। ଚାରିଆଡ଼େ କେବଳ ତାଙ୍କ ନାଁର ଚର୍ଚ୍ଚା। ଆଇପିଏଲ୍ ୨୦୨୬ ରେ ଧୂଆଁଧାର ବ୍ୟାଟିଂ କରି ଶତକ କରିସାରିଛନ୍ତି। ଏହି ବାମହାତୀ ବ୍ୟାଟରଙ୍କୁ ନେଇ ପାକିସ୍ତାନ କ୍ରିକେଟ ବିଶେଷଜ୍ଞଙ୍କ ନୌମାନ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ବୈଭବ ସୂର୍ଯ୍ୟବଂଶୀଙ୍କୁ ଟାର୍ଗେଟ କରି ନିଆଜ ଦାବି କରିଛନ୍ତି ଯେ ତାଙ୍କ ବ୍ୟାଟରେ ଏକ ଇଓ ଚିପ୍ ଅଛି, ଯାହା ତାଙ୍କ ସଟ୍‌କୁ ଅଧିକ ଶକ୍ତିଶାଳୀ କରିଥାଏ।

ନିୟାଜ 'ସ୍ଲାଶହିଟ୍' ନାମକ ଏକ ଶୋ'ରେ କହିଥିଲେ, ଟିକେ ଭାବନ୍ତୁ, ଏ ପିଲା ଜଣକ କିଏ? ତାଙ୍କ ବ୍ୟାଟର ଯାଞ୍ଚ କରନ୍ତୁ। ଯେପରି ୱାଡା (ୱାର୍ଲ୍ଡ



ଆଣ୍ଟି-ଡୋପିଂ ଏଜେନ୍ସି) ଡୋପିଂ, ସେଭଳି ବ୍ୟାଟ୍‌କୁ କୌଣସି ଲ୍ୟାବ୍‌କୁ ପଠାନ୍ତୁ। ବୋଧହୁଏ ସେ ନିଜର ବ୍ୟାଟ୍‌ରେ ଏଆଇ ଚିପ୍ ଲଗାଇଛନ୍ତି। ଏହା ନିଶ୍ଚିତ ପକ୍ଷେ ଅବିଶ୍ୱସନୀୟ। କି ଖେଳାଳି! ମୁଁ ଭାବୁଥିଲି ସେ ଟିକେ ଧୀରେ ଖେଳୁଥିଲା। ଏହା ମୋତେ ଆଶ୍ଚର୍ଯ୍ୟ କରୁଛି, ଏହି ବ୍ୟକ୍ତି କିଏ? ଯେତେବେଳେ ତୁମେ ୧୮ ବର୍ଷ ବୟସର ହେବ, ତୁମେ ମାଂସପେଶୀ, ବାଇସେପ୍ସ ଏବଂ ଟ୍ରାଇସେପ୍ ବିକଶିତ ହୋଇଥାଏ। ସେ କେବଳ ୧୬ ବର୍ଷ ବୟସର। ସେ ସେତେବେଳେ ଜନ୍ମ ହୋଇଥିଲେ ଯେତେବେଳେ ବିରାଟ କୋହଲି ବିଶ୍ୱ ଚାମ୍ପିଅନ ଥିଲେ। ଏଥିରେ ପାୱାର ଗେମ୍ ଅପେକ୍ଷା ଅଧିକ ଟେକ୍ନୋଲୋଜି ରହିଛି। ଯଦି ଆପଣ କେବେ ତାଙ୍କର ଆର୍କ ଦେଖନ୍ତି, ତେବେ ସେ ପୂରା ୩୬୦ ଡିଗ୍ରୀର ବ୍ୟବହାର କରନ୍ତି।' ବୈଭବ ବିଶ୍ୱ କ୍ରିକେଟ ଜଗତରେ ନିଜର ଏକ ଅଲଗା ଛାପ ଛାଡ଼ିଛନ୍ତି। ଗୋଟିଏ ପରେ ଗୋଟିଏ ବ୍ୟାଟରଙ୍କ ରେକର୍ଡ ନିଜ ନାଁରେ କରିବାରେ ଲାଗିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ବିରୋଧରେ ୨୬ ବଲ୍‌ରେ ୭୮ ରନ୍ କରି ସେ ଆଇପିଏଲର ସବୁଠାରୁ ଦ୍ରୁତତମ ଶତକର ନିକଟତର ଥିଲେ, କିନ୍ତୁ ଅଳ୍ପକେ କରିପାରିନଥିଲେ। ତେବେ ଏହାଦ୍ୱାରା ତାଙ୍କ ସାହାସ ଉପରେ କୌଣସି ପ୍ରଭାବ ପଡ଼ିନଥିଲା। ଦୁଇଟି ମ୍ୟାଚ୍‌ରେ 'ଜିରୋ' ଓ ୮ ରନ୍ କରିବା ପରେ ୪୬ ରନ୍‌ର ଇନିଂସ ଖେଳି ବୈଭବ ଶନିବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୩୭ ବଲ୍‌ରେ ନିଜର ପ୍ରଥମ ଶତକ କରିଥିଲେ। ବୈଭବ ୮ଟି ମ୍ୟାଚ୍‌ରେ ୩୫୮ ରନ୍ କରି ଅରେଞ୍ଜ କ୍ୟାପ୍ ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କେଏଲ ରାହୁଲ, ବିରାଟ କୋହଲି ଓ ଅଭିଷେକ ଶର୍ମାଙ୍କ ଭଳି ଖେଳାଳିଙ୍କୁ କଡ଼୍ଡା ଟକ୍କର ଦେଉଛନ୍ତି। ବୈଭବଙ୍କ ନାଁରେ ଦୁଇଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ରହିଛି। ତାଙ୍କ ପରେ ରାହୁଲ ତୃତୀୟ ସ୍ଥାନରେ, ହେନରିକ୍ କ୍ଲାସେନ୍ ଚତୁର୍ଥ, ଶୁଭବନ ଗିଲ୍ ପଞ୍ଚମ ଓ କୋହଲି ଷଷ୍ଠ ସ୍ଥାନରେ ରହିଛନ୍ତି। ଟପ୍-୧୦ ହେନରିକ୍ କ୍ଲାସେନ କେବଳ ମାତ୍ର ଜଣେ ବିଦେଶୀ ଖେଳାଳି ରହିଛନ୍ତି।

# ପ୍ରଶଂସକଙ୍କୁ ଲାଗିଲା ଶକ୍ତ ଝଟ୍‌କା : ଏବେ ଫେରିବେନି ଧୋନୀ

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ କହିଛନ୍ତି ଯେ ୨୦୨୬ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପାଇଁ ମହେନ୍ଦ୍ର ସିଂହ ଧୋନିଙ୍କ ପ୍ରତ୍ୟାବର୍ତ୍ତନ ଆହୁରି ବିଳମ୍ବ ହେବ। ଏହି ଅଭିଜ୍ଞ ୱିକେଟକିପର-ବ୍ୟାଟ୍‌ସମ୍ୟାନ ଆଘାତରୁ ସୁସ୍ଥ ହେବା ସମୟରେ ଆଉ ଏକ ଝଟ୍‌କା ପାଇଛନ୍ତି।

ପ୍ରଶଂସକମାନେ ଆଶା କରିଥିଲେ ଯେ ଆଇଏପିଏଲ ୨୦୨୬ର ପ୍ରଥମ ଦୁଇ ସପ୍ତାହ ବାହାରେ ବସିବା ପରେ ଧୋନି ପଡ଼ିଆକୁ ଫେରିବେ; କିନ୍ତୁ, 'ମାହି' ବର୍ତ୍ତମାନ ପ୍ରାୟ ଗୋଟିଏ ମାସ ପାଇଁ ଟୁର୍ଣ୍ଣାମେଣ୍ଟରୁ ଦୂରେଇ ରହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ସେମାନଙ୍କର ଅଭିଯାନରେ ଆଠଟି ମ୍ୟାଚ୍ ଖେଳି ସାରିଛି, ଯେଉଁଥିରୁ ସେମାନଙ୍କର ପୂର୍ବତନ ଅଧିନାୟକ ଥରେ ମଧ୍ୟ ପଡ଼ିଆକୁ ଯାଇନାହାନ୍ତି।

ରବିବାର ଗୁଜରାଟ ଟାଇଟାନ୍ସ ହାତରେ ଚେନ୍ନାଇର ପରାଜୟ ପରେ ଏକ ଅପଡେଟ୍ ପ୍ରଦାନ କରି, ଫ୍ଲେମିଂ ପ୍ରକାଶ କରିଛନ୍ତି ଯେ ଅଭ୍ୟାସ ଅଧିବେଶନ ସମୟରେ ୪୨



ବର୍ଷୀୟ ଧୋନୀଙ୍କ ଆଘାତ ଆହୁରି ଜଟିଳ ହୋଇଯାଇଥିଲା। ପ୍ରାରମ୍ଭରେ ଏହାକୁ ଏକ ଛୋଟ ସମସ୍ୟା ବୋଲି ବିବେଚନା କରାଯାଉଥିଲା।

ରବିବାର ଚେନ୍ନାଇ ସୁପର କିଙ୍ଗ୍ସ ଗୁଜରାଟ ଟାଇଟାନ୍ସଠାରୁ ପରାସ୍ତ ହେବା ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଫ୍ଲେମିଂ କହିଥିଲେ, 'ସେ (ଧୋନୀ) ଖେଳିବାକୁ ବହୁତ ଆଗ୍ରହୀ। ତଥାପି ପେଣ୍ଡା ଆଘାତ ବହୁତ କଷ୍ଟକର। ଯଦି ସେ ଦୌଡୁଥିବା ସମୟରେ ନିଜକୁ ବହୁତ ଜୋରରେ ଚାପ ଦିଅନ୍ତି ଏବଂ ପେଣ୍ଡା ମାଂସପେଶୀ ପୁଣି ଛିଣ୍ଡିଯାଏ, ତେବେ ସେ ସମଗ୍ର ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବେ। ସେଥିପାଇଁ ଆରମ୍ଭରୁ ଏକ ଅଭ୍ୟାସ ମ୍ୟାଚ୍ ସମୟରେ ଆମେ ତାଙ୍କୁ ପରୀକ୍ଷା କରିଥିଲୁ। ମୋ ଜ୍ଞାନ ଅନୁସାରେ, ସେହି ସମୟରେ ତାଙ୍କର ଆଘାତ ପୁଣି ଥରେ ବଢ଼ିଥିଲା। ସେବେଠାରୁ, ସେ ତାଙ୍କ ଅବସ୍ଥାକୁ ଉନ୍ନତ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି, କିନ୍ତୁ ତାଙ୍କୁ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା; ଫଳସ୍ୱରୂପ, ତାଙ୍କ ପ୍ରତ୍ୟାବର୍ତ୍ତନ ଆମେ ଆଶା କରିଥିବା ଅପେକ୍ଷା ଅଧିକ ସମୟ ନେଉଛି।'

ଫ୍ଲେମିଂ ଜୋର ଦେଇ କହିଛନ୍ତି ଯେ ଧୋନୀଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଖେଳାଳି ନିଜେ ନେବେ, ଯେତେବେଳେ ଦଳର ସହାୟକ କର୍ମଚାରୀ ତାଙ୍କ ପ୍ରଗତି ଉପରେ ନଜର ରଖିଛନ୍ତି। ଫ୍ଲେମିଂ କହିଛନ୍ତି, 'ଏହି କ୍ଷେତ୍ରରେ, ସେ ଆମର ମାର୍ଗଦର୍ଶକ। ସେ ଫିଜିଓଙ୍କ ସହିତ କଠିନ ପରିଶ୍ରମ କରୁଛନ୍ତି ଏବଂ ସମସ୍ତ ପୁନର୍ବାସ ପ୍ରୋଟୋକଲ ଦେଇ ଯାଉଛନ୍ତି। ଆମେ କେବଳ ତାଙ୍କର ପରବର୍ତ୍ତୀ ଅପଡେଟ୍ ପାଇଁ ଅପେକ୍ଷା କରିଛୁ, କିନ୍ତୁ ମୁଁ କେବଳ ଏତିକି କହିପାରିବି ଯେ ଲୋକମାନେ ଏହି ପରିସ୍ଥିତିକୁ ହାଲୁକା ଭାବରେ ନେବା ବନ୍ଦ କରିବା ଉଚିତ, କାରଣ ସେ ନିରନ୍ତର ଉନ୍ନତି କରୁଛନ୍ତି ଏବଂ ତାଙ୍କ ପକ୍ଷରୁ ମାନବିକ ଭାବରେ ସବୁକିଛି କରୁଛନ୍ତି।' ଆଇପିଏଲ ୨୦୨୬ର ପ୍ରାରମ୍ଭିକ ମ୍ୟାଚ୍ ପାଇଁ ବାଦ୍ ପଡ଼ିବା ସତ୍ତ୍ୱେ, ଧୋନି ନିୟମିତ ଭାବରେ ଅଭ୍ୟାସ ଅଧିବେଶନରେ ଅଂଶଗ୍ରହଣ କରୁଛନ୍ତି। ତାଙ୍କୁ ପ୍ରାୟତଃ ନେଟ୍‌ସରେ ତାଙ୍କ ବ୍ୟାଟିଂ ଉପରେ କାମ କରୁଥିବା ଦେଖାଯାଉଛି, ତାଙ୍କର ପ୍ରାଥମିକ ଧ୍ୟାନ 'ଥ୍ରୋ-ଡାଉନ' (ବୋଲିଂ ମେସିନ କିମ୍ବା ପ୍ରଶିକ୍ଷକଙ୍କ ଦ୍ୱାରା ବିତାଇଥିବା ବଲ) ଉପରେ କେନ୍ଦ୍ରିତ। ତଥାପି, ଗତ କିଛି ଦିନ ଧରି, ସେ ଧୀରେ ଧୀରେ ତାଙ୍କର ତାଲିମ କାର୍ଯ୍ୟଭାର ବୃଦ୍ଧି କରିଛନ୍ତି। ଶନିବାର, ତାଙ୍କୁ ଦଳର ଫିଜିଓଥେରାପିଷ୍ଟଙ୍କ ତତ୍ତ୍ୱାବଧାନରେ ଦୌଡୁଥିବା ଦେଖାଯାଇଥିଲା। ଏହା ପରେ, ସେ ସ୍ପିନ ବୋଲର ଏବଂ ବ୍ୟାଟିଂ ପ୍ରଶିକ୍ଷକ ମାଇକେଲ ହସିଙ୍କ ବିତରଣର ସମ୍ମୁଖୀନ ହେବାରେ ମଧ୍ୟ କିଛି ସମୟ ବିତାଇଥିଲେ।

ଗତ ସପ୍ତାହରେ, ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ପୂର୍ବରୁ, ପୂର୍ବତନ ସିଏସକେ ଅଧିନାୟକଙ୍କୁ ୱାଙ୍ଖେଡେ ଷ୍ଟାଡିୟମରେ ଦଳର ଅଭ୍ୟାସ ଅଧିବେଶନ ସମୟରେ ୱିକେଟକିପିଂ ଗ୍ଲୋଭ୍‌ସ ପିନ୍ଧିଥିବାର ମଧ୍ୟ ଦେଖାଯାଇଥିଲା।

## 'ବିରଜାଜ୍ୟୋତି'ର ରଜତ ଜୟନ୍ତୀ ସମାରୋହ

# ବିରଜା ଚେତନାର ପ୍ରସାରଣ ପାଇଁ ଯାଜପୁରବାସୀଙ୍କ ସହଯୋଗ କାମନା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ବିରଜା ସଂସ୍କୃତି ଆଧାରିତ ଯାଜପୁରର ଏକମାତ୍ର ଷାଣ୍ମାସିକ ଗବେଷଣାଧର୍ମୀ ସାଂସ୍କୃତିକ ପତ୍ରିକା 'ବିରଜାଜ୍ୟୋତି'ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୌତମ ବୁଦ୍ଧ ସଂସ୍କୃତିଭବନରେ ପତ୍ରିକାର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସୋପାନରେ ବିରଜା ସାହିତ୍ୟ ଚର୍ଚ୍ଚା, ଦ୍ୱିତୀୟ ସୋପାନରେ ବିରଜା କବିତା ପାଠ ଉତ୍ସବ ଓ ତୃତୀୟ ଅଧିବେଶନରେ ସାଂସ୍କୃତିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିରଜା ଚେତନା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରି ଡଃ. ଜ୍ଞାନରଞ୍ଜନ ପତି ବିରଜା ଚେତନାର ଜାଗରଣ ଓ ପ୍ରସାରଣ ନିମିତ୍ତ ଉପସ୍ଥିତ ବୁଦ୍ଧିଜୀବୀ ଯାଜପୁରବାସୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଭାଷା ସଂସ୍କୃତି ଗବେଷକ ପଦ୍ମଶ୍ରୀ (ଡଃ) ଅନ୍ତର୍ଯ୍ୟାମୀ ମିଶ୍ର ସମାରୋହକୁ ଉଦ୍‌ଘାଟନ କରି ବିରଜାଙ୍କ ସମ୍ପର୍କରେ ମୌଳିକ ଗବେଷଣା କରାଯିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ, ସତ୍ୟବାଦୀ, ପୁରୀର କୁଳପତି ପ୍ରଫେସର (ଡଃ) ସତ୍ୟ ନାରାୟଣ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ବିହାର ପୁରୀର କୁଳପତି ପ୍ରଫେସର (ଡଃ) ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଭାରତୀୟ ଇତିହାସ ଗବେଷଣା ପରିଷଦ, ଦିଲ୍ଲୀର ସଦସ୍ୟ ପ୍ରଫେସର (ଡଃ) ହରିହର ପଣ୍ଡା, ଅନ୍ୟତମ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱରର ସଭାପତି ପ୍ରଫେସର (ଡଃ) ମଥୁରେନ୍ଦ୍ର ପୃଷ୍ଟି, ସାହିତ୍ୟିକ ଡା. ଜୟକୃଷ୍ଣ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ସୁରେନ୍ଦ୍ର କୁମାର ଦୋବାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ କିଛି ବିଶିଷ୍ଟ ବ୍ୟକ୍ତି ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ପରିଚାଳନାରେ ସର୍ବଶ୍ରୀ ବୃନ୍ଦାବନ ମିଶ୍ର, ପ୍ରମୋଦ କୁମାର ନାୟକ, ବୈଦ୍ୟନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଭିମନ୍ୟୁ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, KHORDHA**
**'e' Procurement Notice No. 01-(DD-KHR)of 2026-27**

32001/125/2627

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| EE,Drainage Division Khordha | EE-DD-KHR-01/2026-27 | IMPROVEMENT TO KULASARA NALLA, NILAPALI NALLA, RAMACHANDRAPUR NALLA AND PARICHALA NALLA OF MANDAKINI DRAINAGE SYSTEM. | 70.32 | 70,400/- (On Line) | 10000/- (On Line) | "B" Class | 28.04.2026 At 11.00 Hours | 12.05.2026 At 17.00 Hours | 13.05.2026 At.11.00 Hours | 09 (nine Calendar Months) |
| | EE-DD-KHR-02/2026-27 | CONSTRUCTION OF FLB OVER KANKARAJHARA NALLA NEAR VILLAGE BAGHAMARI IN RANAPUR BLOCK. | 74.15 | 74200/- (On Line | 10000/- (On Line) | "B" Class | 28.04.2026 At 11.00 Hours | 12.05.2026 At 17.00 Hours | 13.05.2026 At.11.00 Hours | 09 (nine Calendar Months |
| | EE-DD-KHR-03/2026-27 | CONSTRUCTION OF FLB OVER SULIA NALLA AT R.D.3750M NEAR VILLAGE BEGUNIAPATANA IN NAYAGARH BLOCK UNDER NAYAGARH CONSTITUENCY. | 76.22 | 76300/- (On Line) | 10000/- (On Line) | "B" Class | 28.04.2026 At 11.00 Hours | 12.05.2026 At 17.00 Hours | 13.05.2026 At.11.00 Hours | 09 (nine Calendar Months |

e-mail ID: -eeddkhurda@gmail.com
Further details conditions can be seen from Govt. website www.tenderorissa.gov.in
Sd/- Executive Engineer
Drainage Division Khordha
OIPR-32001/32458/1/26-27/0001


# ବ୍ରିଜ୍ କାମ କରୁଥିବା ବେଳେ ନଦୀକୁ ଖସି ଶ୍ରମିକ ନିଖୋଜ

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲାନିଶ୍ଚିନ୍ତକୋଇଲିବ୍ଲକ ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀରେ ଜନାର୍ଦ୍ଦନପୁରରୁ କୂଳିଆକୁ ସଂଯୋଗ ପାଇଁ ନିର୍ମାଣାଧୀନ ବ୍ରିଜ୍‌ରେ କାମ କରୁଥିବା ଶ୍ରମିକ ନଦୀ ଗର୍ଭକୁ ଖସି ଭାସିଯାଇ ନିଖୋଜ ହୋଇଛନ୍ତି। ନିର୍ମାଣାଧୀନ ଖୁଣ୍ଟର ସେଣ୍ଟରିଙ୍ଗ କାମ କରୁଥିବା ବେଳେ ଶ୍ରମିକଜଣକ ନଦୀ ଗର୍ଭକୁ ଖସି ପଡ଼ିଥିଲେ। ଖବର ପାଇ ଘଟଣାସ୍ଥଳରେ ନେମାଳ ଓ ସାଲେପୁରର ଉଭୟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଶାସନ ପହଞ୍ଚି ସନ୍ଧ୍ୟାସୁଧା ଖୋଜାଖୋଜି ଜାରି ରଖିଥିଲେ। ତେବେ ନାରାୟଣ ଦାଶ କନ୍‌ଷ୍ଟ୍ରକସନ କମ୍ପାନୀ (ଏନଡିସି) ପକ୍ଷରୁ ଶ୍ରମିକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥାକରି ନଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିଖୋଜ ଶ୍ରମିକ ମାହାଙ୍ଗା ଏରକଣାର ଘନଶ୍ୟାମ ପ୍ରଧାନଙ୍କ ବଡ଼ ପୁଅ ଗଣେଶ୍ୱର ପ୍ରଧାନ ବୋଲି ଜଣାପଡ଼ିଛି। ଘଟଣା ପରେ କମ୍ପାନୀର କର୍ମଚାରୀମାନେ ଅଫିସ ବନ୍ଦ କରି ଫେରାର ହୋଇଯାଇଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ, ଏହି



ସେତୁ କାର୍ଯ୍ୟ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ କରାଯାଉଛି। ଗ୍ରାମ ଉନ୍ନୟନ ବିଭାଗର କୌଣସି ଅଧିକାରୀ କାମବେଳେ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଛି। ନିଖୋଜ ଶ୍ରମିକର ସମ୍ପର୍କୀୟମାନେ ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିକରିଛନ୍ତି।

## ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘର ଦଶମ ପ୍ରତିଷ୍ଠା ଦିବସ

# ପ୍ରତିଯୋଗିତାମୂଳକ ଖବର ପ୍ରସାରଣ ଯୋଗୁ ପ୍ରକୃତ ସାମ୍ବାଦିକଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି ହେଉଛି

**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ ଜିଲ୍ଲା ପ୍ରେସ ୟୁନିଅନ ତାହାର ଦଶମ ପ୍ରତିଷ୍ଠା ଦିବସ ପାଳନ କରିଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟୋରିଅମ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅର୍ଗସ ଟିଭି ଚ୍ୟାନଲର ମୁଖ୍ୟ ସଂପାଦକ ଶିଶିର କୁମାର ଭଟମିଶ୍ର ଯୋଗଦାନ କରିଥିଲେ। ବର୍ତ୍ତମାନ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ଷେତ୍ରରେ କାର୍ଯ୍ୟ କରିବା ବିପଦ ସାଜିଛି। ବିଭିନ୍ନ ସାମାଜିକ ଗଣମାଧ୍ୟମର ମୂଲ୍ୟହୀନ ଖବର ପ୍ରସାର ଓ ପ୍ରତିଯୋଗିତା ମୂଳକ ଖବର ପ୍ରସାରଣ ଯୋଗୁଁ ପ୍ରକୃତ ସାମ୍ବାଦିକଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ଉପୁଜିଥିବା ନେଇ ମୁଖ୍ୟ ଅତିଥି ଶ୍ରୀ ଭଟମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ପରାମର୍ଶ ସଦସ୍ୟ ସ୍ୱାମୀ ପରମାନନ୍ଦ ସରସ୍ୱତୀ। ଋଗ୍ ବେଦର ଶ୍ଲୋକରୁ ନିଜର ପ୍ରାରମ୍ଭ ଭାଷଣ ପ୍ରଦାନ କରି ଲୋକତନ୍ତ୍ର ଭିତ୍ତିହୀନ ଲୋକଙ୍କ ଦ୍ୱାରା ପରିଚାଳିତ



ହେଉଥିବା ଯୋଗୁଁ ସମ୍ବିଧାନ ବିପଦରେ ଥିବା ପ୍ରକାଶ କରିଥିଲେ। ପ୍ରତ୍ୟକ୍ଷରେ ସମାଜକୁ ସଜାଡ଼ିବାକୁ ହେଲେ ଗଣମାଧ୍ୟମକୁ ନିଷ୍ପାର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକା ସାରଦା ଲାହାଙ୍ଗୀର ଯୋଗଦେଇ ସାମ୍ବାଦିକ କ୍ଷେତ୍ରରେ ପ୍ରତିନିଧିଙ୍କ ଶାଶ୍ୱତ ଓ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଶିବାଜୀ ଦାଶ କହିଥିଲେ ୟୁନିଅନର ପ୍ରତ୍ୟେକ ସଭ୍ୟ ପାଇଁ ସୁରକ୍ଷା ବ୍ୟବସ୍ଥା ପାଇଁ ଚେଷ୍ଟା ଚାଲିଛି। ଅସହାୟ କ୍ଷେତ୍ରରେ ସଭ୍ୟଙ୍କ ପଛରେ ପାଚେରୀ ଭାବେ ରହିଛି ୟୁନିଅନ ଏବଂ ସଭ୍ୟଙ୍କ ବିୟୋଗରେ ଅସହାୟ ପରିବାରକୁ ଭତ୍ତା ବ୍ୟବସ୍ଥା ଆମେ କରିଛୁ, ଯାହାକି ସମଗ୍ର ଭାରତରେ ଉଦାହରଣ ସୃଷ୍ଟି ହୋଇଛି। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ କଳାକାରମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରଥିଲେ। ସଭାପତି ଅମୁଲ୍ୟ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶିବାଜୀ ଦାଶ ବିବରଣୀ ପାଠ କରିଥିଲେ।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଘ ତରଫରୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୟ କୁମାର ଚୌଧୁରୀ, ନିଷ୍ଠାବାନ ଶିକ୍ଷୟିତ୍ରୀ ପାଇଁ ପ୍ରାଞ୍ଜଳି ରାଉତ, ସମାଜସେବୀ ପାଇଁ କାମେଶ୍ୱର ସାହୁ, ଚଳତି ବର୍ଷ ସିବିଏସସି ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କରଖି ଜିଲ୍ଲାରେ ଟପ୍ପର ହୋଇଥିବା ସୁଶ୍ରୀ ଶୁଭୋଶ୍ରୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ନିଷ୍ଠାବାନ ଅଧିକାରୀ ଭାବେ ଜିଲ୍ଲା ସୂଚନା ଲୋକ ସଂପର୍କ ବିଭାଗର ଉପ-ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କୁ ପ୍ରେସ୍ ୟୁନିୟନ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି, ପ୍ରସନ୍ନ ଗନ୍ତାୟତ, ଏସଡିସି ଉପାଧ୍ୟକ୍ଷା ମଞ୍ଜୁଳା ମିଣିୟାକ, ସବ୍ୟସାଚୀ ସାହୁ, ଡ. ଡିକେ ମହାନ୍ତି, ବରିଷ୍ଠ ଆଇନଜୀବି ମଦନ ମୋହନ ପାଢୀ, ରିତେଶ ସାବତ, ଲାବଣ୍ୟ ମୋହନ ପଟ୍ଟନାୟକ, ଜଗନାଥ ରାଇଗୁରୁ, ଅଦାନୀ ଗ୍ରୁପ୍‌ର ଶକ୍ତି ପାଣିଗ୍ରାହୀ, ଉତ୍କଳ ଆଲୁମିନା ର ଅମଜଦ ଅଲ୍ଲୀ, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ବରିଷ୍ଠ ନେତା ଯାଲ ଭେଙ୍କଟେଶ୍ୱର ରାଓ (କୋଣ୍ଡା ବାବୁ) ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘର ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ, ସନ୍ତୋଷ ପାଣିଗ୍ରାହୀ, ଅମୁଲ୍ୟ ନିଶଙ୍କ, ଧରଣୀଧର ପଟ୍ଟନାୟକ, ମୃତ୍ୟୁଞ୍ଜୟ ନନ୍ଦ, ସନ୍ତୋଷ ପାଢୀ, ଧରଣୀ ଧାର ପଟନାୟକ, ରଘୁନାଥ ସାମଲ, ସୁରେଶ ନାୟକ, ଏନକେଟେଶ୍ୱର ପାଢ଼ୀ, ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉଦ୍‌ଘୋଷିକା ବିଦିଶା ଶତପଥି ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ନୀଳାଞ୍ଚଳ ମିଶ୍ର।





# ଓଡ଼ିଶାର ଡାଲମା ଖାଇଲେ ଜାପାନ ରାଷ୍ଟ୍ରଦୂତ : ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସଡବ୍ଲୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଏକ ଜଏଂଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ ।



ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।''

ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) ।

ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ଉତ୍ତରାଖଣ୍ଡରେ ପତଞ୍ଜଳି ଦ୍ୱାରା ବିକଶିତ 'ଚନ୍ଦନ ଜଙ୍ଗଲ' ମଡେଲ ପ୍ରମାଣିତ

**ହରିଦ୍ୱାର:**

ଦେଶରେ ଚନ୍ଦନ ଚାଷ ଦୀର୍ଘ ସମୟ ଧରି ଦକ୍ଷିଣ ଭାରତରେ ସୀମିତ ବୋଲି ବିବେଚନା କରାଯାଉଥିଲା, କିନ୍ତୁ ଏହି ଧାରଣା ଏବେ ପରିବର୍ତ୍ତନ ହେଉଛି । ଉତ୍ତରାଖଣ୍ଡରେ ପତଞ୍ଜଳି ଦ୍ୱାରା ବିକଶିତ 'ଚନ୍ଦନ ଜଙ୍ଗଲ' ମଡେଲ ପ୍ରମାଣିତ କରିଛି ଯେ ଅନୁକୂଳ ପରିସ୍ଥିତିରେ ଉତ୍ତର ଭାରତରେ ସଫଳ ଚନ୍ଦନ ଚାଷ ସମ୍ଭବ ହୋଇପାରିଛି । ରାଜ୍ୟର ଅନେକ ଜିଲ୍ଲାରେ ସକାରାତ୍ମକ ଉଦାହରଣ ପୂର୍ବରୁ ଦେଖାଦେଇଛି ।



ହରିଦ୍ୱାରସ୍ଥିତ ପତଞ୍ଜଳିର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକୃଷ୍ଣ ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଚନ୍ଦନ ଚାଷ ସହିତ ପରୀକ୍ଷଣ ଆରମ୍ଭ କରିଥିଲେ । ସେତେବେଳେ ଉତ୍ତର ଭାରତରେ ଏହାର ଚାଷ ପ୍ରାୟତଃ ଅସ୍ତିତ୍ୱହୀନ ଥିଲା । ପତଞ୍ଜଳିର ଗବେଷଣା କେନ୍ଦ୍ର ଏବଂ ଔଷଧୀୟ ଉଦ୍ୟାନରେ ଲଗାଯାଇଥିବା ଚନ୍ଦନ ଗଛ ଉପରେ କରାଯାଇଥିବା ଅଧ୍ୟୟନ ସକାରାତ୍ମକ ଫଳାଫଳ ପ୍ରଦାନ କରିଛି, ଯାହା ରାଜ୍ୟର ଅନେକ ଜିଲ୍ଲାର ଚାଷୀ ଏବଂ ଘରୋଇ ସଂଗଠନଗୁଡ଼ିକୁ ଏହି ମଡେଲ ଗ୍ରହଣ କରିବାକୁ ପ୍ରେରଣା ଦେଇଛି ।

ବିଶେଷଜ୍ଞଙ୍କ ଅନୁଯାୟୀ, ଚନ୍ଦନ ଏକ ଅର୍ଦ୍ଧ-ପରଜୀବୀ ଗଛ ଯାହାକୁ ଏହାର ବୃଦ୍ଧି ପାଇଁ ଅନ୍ୟ ଗଛର ମୂଳରୁ ପୁଷ୍ଟିସାର ଆବଶ୍ୟକ ହୁଏ । ତେଣୁ, ଏହାର ଚାଷ ବୈଜ୍ଞାନିକ ପଦ୍ଧତି ଏବଂ ଉପଯୁକ୍ତ ପରିଚାଳନା ଉପରେ ନିର୍ଭର କରେ ।

ଆଚାର୍ଯ୍ୟ ବାଲକୃଷ୍ଣ, କିଛି ବର୍ଷ ପୂର୍ବେ ଉତ୍ତରାଖଣ୍ଡର ମଣିକୁଟ ପର୍ବତରେ ଚନ୍ଦନ ଗଛର ଉପସ୍ଥିତି ବିଷୟରେ ଏକ ଖବର ପାଠ କରିବା ପରେ, ଏହାର ସମ୍ଭାବନା ଅନୁସନ୍ଧାନ କରିଥିଲେ । ଖବର କାହାଣୀରେ ଉଲ୍ଲେଖ କରାଯାଇଥିଲା ଯେ ଚନ୍ଦନ ଗଛ ଥରେ ମଣିକୁଟ ପର୍ବତ ପାହାଡ଼ରେ ବଢ଼ିଥିଲା ଏବଂ ନଦୀ ମାଧ୍ୟମରେ ଉତ୍ତର ପ୍ରଦେଶର କନୌଜକୁ ପଠାଯାଉଥିଲା । ଆଚାର୍ଯ୍ୟ ବାଲକୃଷ୍ଣ ଏବଂ ତାଙ୍କ ଦଳ ଏହାକୁ ଯାଞ୍ଚ କରିବାକୁ ବାହାରିଥିଲେ । ବୈଜ୍ଞାନିକ ତଦନ୍ତ ପରେ ଏହା ଜଣାପଡିଲା ଯେ ଏହି ଅଞ୍ଚଳରେ ଚନ୍ଦନ ଗଛ ଥିଲା, କିନ୍ତୁ କେବଳ କମ୍ ସଂଖ୍ୟାରେ । ସେମାନେ ହରିଦ୍ୱାର ଏବଂ ଆଖପାଖ ଅଞ୍ଚଳରେ ଚନ୍ଦନ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ।

ପତଞ୍ଜଳି ଔଷଧୀୟ ଉଦ୍ୟାନରେ ଲଗାଯାଇଥିବା ଗଛଗୁଡ଼ିକ କିଛି ବର୍ଷ ମଧ୍ୟରେ 'ଚନ୍ଦନ ଜଙ୍ଗଲ'ରେ ପରିଣତ ହୋଇଥିଲା । ପରବର୍ତ୍ତୀ ସମୟରେ, ଏହି ପରୀକ୍ଷଣ ପାଉରି ଜିଲ୍ଲା ସମେତ ଅନ୍ୟାନ୍ୟ ଅଞ୍ଚଳରେ ସଫଳ ହୋଇଥିଲା । ଏହି ପଦକ୍ଷେପ ଉତ୍ତରାଖଣ୍ଡରେ ଚନ୍ଦନ ଚାଷର ସମ୍ଭାବନାକୁ ମଜବୁତ କରିଥିଲା । ଫଳସ୍ୱରୂପ 'ଚନ୍ଦନ ଜଙ୍ଗଲ'କୁ ଏକ ଉଚ୍ଚ-ମୂଲ୍ୟର ଫସଲ ଭାବରେ ଦେଖାଯାଉଛି ।

ଉତ୍ତରାଖଣ୍ଡରେ ବର୍ଦ୍ଧିତ ପ୍ରବାସକୁ ବନ୍ଦ କରିବା ପାଇଁ ଆଚାର୍ଯ୍ୟ ବାଲକୃଷ୍ଣ ଆଇଆଇଟି ରୁରକିରେ ଭିଜନ ୨୦୪୭ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଲୋକମାନେ ନିଯୁକ୍ତି ସନ୍ଧାନରେ ପର୍ବତ ଛାଡି ଯାଉଛନ୍ତି, ଯେତେବେଳେ ସ୍ଥାନୀୟ ସମ୍ବଳର ଉପଯୁକ୍ତ ବ୍ୟବହାର ଏଠାରେ ସମୃଦ୍ଧି ଆଣିପାରିବ ।

ସେ ଯମକେଶ୍ୱର ବ୍ଲକର ଏକ ଅଭିଜ୍ଞତା ବାଣ୍ଟିଥିଲେ । କିଛି ବର୍ଷ ପୂର୍ବରୁ, ସେ ସେଠାରେ ଥିବା ପାହାଡ଼ ପରିଦର୍ଶନ କରିଥିଲେ, ଯେଉଁଠାରେ ବିସ୍ତୃତ ଜମି ଶୂନ୍ୟ ଏବଂ ଶୁଷ୍କ ଥିଲା । ଏହି ଚ୍ୟାଲେଞ୍ଜକୁ ଏକ ସୁଯୋଗରେ ପରିଣତ କରିବା ପାଇଁ, ସେ ଚନ୍ଦନ ସମେତ ଜଳବାୟୁ ଅନୁକୂଳ ଗଛ ଲଗାଇବା ଆରମ୍ଭ କରିଥିଲେ । ପ୍ରାରମ୍ଭିକ ପ୍ରୟାସ ପରେ, ପରୀକ୍ଷଣ ଧୀରେ ଧୀରେ ସଫଳ ପ୍ରମାଣିତ ହେଲା ଏବଂ କିଛି ବର୍ଷ ମଧ୍ୟରେ ଅଞ୍ଚଳଟି ସବୁଜିମାରେ ଆଚ୍ଛାଦିତ ହୋଇଗଲା । ଏହି ପରିପ୍ରେକ୍ଷୀରେ, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯମକେଶ୍ୱରରେ ତାଙ୍କ ପୈତୃକ ଘର ପରିଦର୍ଶନ କରିଥିଲେ, ଯେଉଁଠାରେ ଆଚାର୍ଯ୍ୟ ବାଲକୃଷ୍ଣ ତାଙ୍କୁ ଏହି ଅଞ୍ଚଳ ଦେଖାଇଥିଲେ । ଏହା ସେହି ଜମି ଥିଲା ଯାହାକୁ ପୂର୍ବରୁ ଅନୁପଯୁକ୍ତ ଏବଂ ବ୍ୟବହାର ଅନୁପଯୋଗୀ ବୋଲି ବିବେଚନା କରାଯାଉଥିଲା, କିନ୍ତୁ ବର୍ତ୍ତମାନ ସେଠାରେ ଏକ 'ଚନ୍ଦନ ଜଙ୍ଗଲ' ଏବଂ ଘନ ସବୁଜିମା ବିକଶିତ ହୋଇଛି । ଏହି ପରିବର୍ତ୍ତନକୁ ଦେଖି ଯୋଗୀ ଆଦିତ୍ୟନାଥ କିଛି ସମୟ ପାଇଁ ଅଟକିଗଲେ, ରୋମାଞ୍ଚିତ ଏବଂ ଆଶ୍ଚର୍ଯ୍ୟ ହୋଇଗଲେ । ସେ ନିଜର ଆଶ୍ଚର୍ଯ୍ୟ ପ୍ରକାଶ କରି କହିଲେ ଯେ ଏତେ ସମୃଦ୍ଧ ସବୁଜିମା ଦେଖିବା ଅବିଶ୍ୱସନୀୟ ଥିଲା ଯେଉଁଠାରେ ପୂର୍ବରୁ କିଛି ବଢୁନଥିଲା । ଆଚାର୍ଯ୍ୟ ବାଲକୃଷ୍ଣ ଏହି ଉଦାହରଣ ବ୍ୟବହାର କରି ଦର୍ଶାଇଲେ ଯେ ଯଦି ଏହି ମଡେଲକୁ ବଡ଼ ପରିମାଣରେ ଗ୍ରହଣ କରାଯାଏ, ତେବେ ଏହା କେବଳ ଅନୁପଯୁକ୍ତ ଜମିକୁ ଉପଯୋଗୀ କରିପାରିବ ନାହିଁ ବରଂ ଚାଷୀଙ୍କ ଆୟ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିପାରିବ । ଚନ୍ଦନ କାଠ ଛୋଟ ଜମିରେ ଚାଷ କରାଯାଇପାରିବ, ଯାହା ୧୦-୧୫ ବର୍ଷ ମଧ୍ୟରେ ପରିପକ୍ୱ ହୋଇପାରେ, ପ୍ରତି ଗଛ ପାଇଁ ପ୍ରାୟ ୧ରୁ ୧.୫ ଲକ୍ଷ ଟଙ୍କା ଲାଭ ଦେଇଥାଏ । ସେ ବିଶ୍ୱାସ କରନ୍ତି ଯେ ଏପରି ପ୍ରୟାସ ପର୍ବତରେ ସ୍ଥାୟୀ ଜୀବିକା ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ପ୍ରବାସକୁ ପ୍ରଭାବଶାଳୀ ଭାବରେ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲିଙ୍ଗରାଜ ସ୍ୱତ୍ୱଲିପି କମିଟିର...

କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି । ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ଅଧ୍ୟକ୍ଷ ଜଷ୍ଟିସ ଡ.ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଛନ୍ତି, 'ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ଶ୍ରୀଲିଙ୍ଗରାଜ ମନ୍ଦିରର ଆଇନ ସଂସ୍କାର କମିଟି ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଛି । ବିଶେଷ କରି ବିଖ୍ୟାତ ଲିଙ୍ଗରାଜ ମନ୍ଦିରର ସେବା ପୂଜା ଅଧିକ ଉନ୍ନତଧରଣ, ମନ୍ଦିର ନୀତିକାନ୍ତି ଏବଂ ଉନ୍ନତିକରଣ, ଭକ୍ତଙ୍କ ସୁରକ୍ଷା, ସେବାୟତଙ୍କ ସୁବିଧା ଅସୁବିଧା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ତଥା ଦେଶର ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ ରକ୍ଷା ପ୍ରତି ରିପୋର୍ଟରେ ଧ୍ୟାନ ଦିଆଯାଇଛି । ଏଥିରେ କ'ଣ କ'ଣ ନୂଆ ପଦକ୍ଷେପ ନେବା ଦରକାର ଓ କ'ଣ ପରିବର୍ତ୍ତନ କରିବା ଦରକାର ରିପୋର୍ଟରେ ତାହା ଉଲ୍ଲେଖ ରହିଛି । ସିସିଟିଭି ବ୍ୟବସ୍ଥା, ମନ୍ଦିର ଅଧିକ ଅଲୋକୀକରଣ ଓ ସେବାୟତ ଉନ୍ନତି ପାଇଁ ପଦକ୍ଷେପ ପାଇଁ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି । ବିଭିନ୍ନ ସମୟରେ ମହାଦେବଙ୍କ ନୀତିକାନ୍ତି ବିଳମ୍ବ ହେବା ନେଇ ସୂଚନା ରହିଛି । କମିଟି ଗଠନ ପୂର୍ବରୁ ନୀତିକାନ୍ତିରେ ଅନେକ ବ୍ୟତିକ୍ରମ ହେଉଥିଲା । କମିଟି ଗଠନ ପରେ ଏହା ଅଧିକାଂଶ କମିଯାଇଛି ।' ସେ ଆହୁରି ମଧ୍ୟ କହିଛନ୍ତି, 'ମହାପ୍ରଭୁ ଜଗନ୍ନାଥ ମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ଆସିବ । ସେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅପେକ୍ଷା କରିବାକୁ ପଡ଼ିବ । କମିଟି ରିପୋର୍ଟରେ ଭକ୍ତ, ସେବାୟତ, ଏଏସଆଇ, ରାଜ୍ୟ ଗ୍ରନ୍ଥାଗାର, ଆଇନ ବିଶାରଦ ମାନଙ୍କ ମତ ରହିଛି । ଆଗାମୀ ଦିନରେ ମଧ୍ୟ ଅନେକଙ୍କ ମତ ସଂଗ୍ରହ କରାଯାଇ ଚୂଡ଼ାନ୍ତ ରିପୋର୍ଟ ଆସିପାରେ । କମିଟି ଗଠନ ପରେ ଲିଙ୍ଗରାଜ ମନ୍ଦିରରେ ବିଶୃଙ୍ଖଳା କମିବାରେ ଲାଗିଛି । ଆଗକୁ ରିପୋର୍ଟଗୁଡ଼ିକ ସରକାର ଅନୁଧ୍ୟାନ କରି ଆଇନରେ ପରିଣତ କରିବେ । ଜାନୁଆରୀ ୨୦୨୬ରେ ପ୍ରଥମ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଛି ।'

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ...

ଆହୁରି କହିଛନ୍ତି ଯେ ଏହି ରୋଡ୍ ଶୋ ମୋ ପାଇଁ କେବଳ ଏକ ରାଜନୈତିକ କାର୍ଯ୍ୟକ୍ରମ ନୁହେଁ, ବରଂ ମୁଁ ଅନୁଭବ କଲି ଯେ ଏହି ରୋଡ୍ ଶୋ ଗୁଡ଼ିକ ଏକ ତୀର୍ଥଯାତ୍ରା ସଦୃଶ । 'ମୁଁ ମା' କାଳୀଙ୍କ ଭକ୍ତମାନଙ୍କ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ହୁଏତ ସେଥିପାଇଁ ମା' କାଳୀ ମୋତେ ନିରନ୍ତର ନୂତନ ଶକ୍ତିରେ ପରିପୂର୍ଣ୍ଣ କରି ଚାଲିଛନ୍ତି । ଜାନୁଆରୀ ୨୦୨୪ରେ ଅଯୋଧ୍ୟାରେ ରାମଲଲ୍ଲାଙ୍କ ଅଭିଷେକ ଉତ୍ସବ ପୂର୍ବରୁ ମୁଁ ୧୧ ଦିନର ଆଧ୍ୟାତ୍ମିକ ପାଳନ କରିଥିଲି । ମୁଁ ଉପବାସ ରଖିଥିଲି, ଦକ୍ଷିଣ ଭାରତର ଅନେକ ମନ୍ଦିର ପରିଦର୍ଶନ କରିଥିଲି ଏବଂ ଦେବତାଙ୍କ ଆଶୀର୍ବାଦ ଲୋଡ଼ିଥିଲି । ଏହି ନିର୍ବାଚନରେ ମଧ୍ୟ ମୁଁ ସେହି ସମାନ ଅନୁଭବ କରିଛି – ଦେବୀଙ୍କ ମନ୍ଦିର ପରିଦର୍ଶନ କରିବା ସମୟରେ ଜଣେ ଯେପରି ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଅନୁଭବ କରେ । ବଙ୍ଗଳାରେ ଏହି ରାଲି ଏବଂ ରୋଡ୍ ଶୋ ସମୟରେ ସେ ଏତେ ଉଷ୍ମତା ଏବଂ ସ୍ନେହରେ ପରିପୂର୍ଣ୍ଣ ବାର୍ତ୍ତା ପାଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସେ ବିଭିନ୍ନ ପ୍ରକାରର ଚିତ୍ର ପାଇଛନ୍ତି – ଦୃଶ୍ୟ ଯାହା ସେ କେବେ ଭୁଲିପାରିବେ ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯେତେବେଳେ ତାଙ୍କର ରାଲି ଏବଂ ରୋଡଶୋ ସମାପ୍ତ କରିବା ପରେ ତାଙ୍କୁ ପ୍ରଥମ ସୁଯୋଗ ମିଳେ – ରାତି ଯେତେ ବିଳମ୍ବିତ ହେଉ ନା କାହିଁକି – ସେ ସେହି ଚିତ୍ରଗୁଡ଼ିକୁ ବହୁତ ଶାନ୍ତତାର ସହିତ ପରୀକ୍ଷା କରନ୍ତି । ସେ ସେହି ଚିତ୍ର ପଛରେ ପ୍ରତିଫଳିତ ନମ୍ର କଳାକାରମାନଙ୍କ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତି । ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ସୋମବାର ସନ୍ଧ୍ୟାରେ ଶେଷ ହୋଇଛି । ଶେଷ ଦିନରେ ହାଇଭୋଲଟେଜ୍ ପ୍ରଚାର ସହ ମତଦାତାଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି ସବୁ ରାଜନୈତିକ ଦଳ । ପ୍ରଚାର ମୈଦାନରେ ଟିଏମ୍‌ସି ଏବଂ ବିଜେପି ମଧ୍ୟରେ ଜୋରଦାର ହୋଇଛି ବାକ୍ ଯୁଦ୍ଧ । ଆରୋପ ପ୍ରତ୍ୟାରୋପ ମଧ୍ୟରେ ଶେଷ ତଥା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଥମିଛି । ଏପ୍ରିଲ ୨୯ରେ ପଶ୍ଚିମବଙ୍ଗରେ ଶେଷ ପର୍ଯ୍ୟାୟ ଭୋଟିଂ ଅନୁଷ୍ଠିତ ହେବ । ମେ' ୪ରେ ଫଳାଫଳ ପ୍ରକାଶ ପାଇବ ।

## କଲମ୍ବିଆରେ ବୋମା...

ମିଳିବା ସହିତ କଲମ୍ବିଆର ରକ୍ଷାମନ୍ତ୍ରୀ ପେଡ୍ରୋ ସାଞ୍ଚେଜ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗଭର୍ଣ୍ଣର କହିଛନ୍ତି ଯେ ଗୁରୁତର ପରିସ୍ଥିତି ସମାଲୋଚନା ପାଇଁ ଜାତୀୟ ସ୍ତରରେ ଏକ ସୁରକ୍ଷା ପରିଷଦ ଗଠନ କରାଯାଉଛି ।

## ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ...

ପ୍ରତିଶତ ପର୍ଯ୍ୟନ୍ତ ରହୁଥିଲା । ଏହି ଟିକସ ହଟିବା ଫଳରେ ଭାରତୀୟ ରପ୍ତାନିକାରୀମାନେ ବଡ଼ ଲାଭ ପାଇବେ । ଆଗ୍ରାର ଚମଡ଼ା ଶିଳ୍ପ ପାଇଁ ଏହା ବରଦାନ ସଦୃଶ ହେବ । ଜୋତା ଉପରୁ ୫% ଶୁଳ୍କ ହଟି ଶୂନ ହୋଇଯିବ । କପଡ଼ା, ଫାଇବର ଏବଂ ଘର ସଜା ସାମଗ୍ରୀ ଉପରୁ ସମସ୍ତ ଟିକସ ହଟାଇ ଦିଆଯାଇଛି । ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ ଏବେ ନ୍ୟୁଜିଲାଣ୍ଡରେ ସହଜରେ ମଞ୍ଜୁରୀ ମିଳିବ, କାରଣ ସେଠାକାର ସରକାର ଏବେ ଆନ୍ତର୍ଜାତୀୟ ନିରୀକ୍ଷଣ ରିପୋର୍ଟକୁ ଗ୍ରହଣ କରିବେ । ମସଲା, କଫି, ଚା', ଶସ୍ୟ, ଫଳ ଏବଂ ପନିପରିବା ରପ୍ତାନି ମଧ୍ୟ ଶୁଳ୍କମୁକ୍ତ ହେବ । ଏହି ଚୁକ୍ତି ଫଳରେ ନ୍ୟୁଜିଲାଣ୍ଡରୁ ରପ୍ତାନି ହେଉଥିବା ଉଲ୍, ମଦ, କାଠ, କୋଇଲା, ଆଭୋକାଡୋ ଏବଂ ବ୍ଲୁବେରୀ ଭଳି ଫଳ ଭାରତରେ ସହଜରେ ଉପଲବ୍ଧ ହେବ । ଏହାଛଡ଼ା କିୱି ଏବଂ ସେଓ ରପ୍ତାନି ପାଇଁ ମଧ୍ୟ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ । କେବଳ ବ୍ୟାପାର ନୁହେଁ, ରୋଜଗାର ଏବଂ ନିବେଶ କ୍ଷେତ୍ରରେ ମଧ୍ୟ ବଡ଼ ଘୋଷଣା ହୋଇଛି । ଭାରତୀୟ ପେସାଦାରଙ୍କ ପାଇଁ ନ୍ୟୁଜିଲାଣ୍ଡ ପ୍ରତିବର୍ଷ ୧,୬୬୭ଟି ଅସ୍ଥାୟୀ ନିଯୁକ୍ତି ଭିସା ଜାରି କରିବ । ଆଗାମୀ ୧୫ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ଭାରତରେ ପ୍ରାୟ ୨୦ ଅରବ ଡଲାର ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କାର ସିଧାସଳଖ ବିଦେଶୀ ନିବେଶ କରିବ । ଏହି ପୁଞ୍ଜି ପ୍ରଧାନତଃ ଅକ୍ଷୟ ଶକ୍ତି, ଭିତ୍ତିଭୂମି ଏବଂ କୃଷି ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ ।

## ଇରାନ ପାଇଁ ବଡ଼ ଘୋଷଣା...

ଇରାନବାସୀ ସେମାନଙ୍କର ସାର୍ବଭୌମତ୍ୱ ପାଇଁ ସାହସର ସହିତ ଲଢୁଛନ୍ତି । ସେ ଆଶା କରୁଛନ୍ତି ଯେ ଏହି କଷ୍ଟକର ସମୟ ଅତିକ୍ରମ କରିବା ପରେ ଇରାନ ଶାନ୍ତି ପାଇବ । ଆବାସ ଆରାଘଚି କହିଛନ୍ତି, ଇରାନ-ରୁଷିଆ ସମ୍ପର୍କ ଏକ ରଣନୈତିକ ସହଭାଗୀତା ଯାହା ଆହୁରି ଦୃଢ଼ ହେବ । ରୁଷ୍ ରାଷ୍ଟ୍ରପତି ମଧ୍ୟ ଜୋର ଦେଇଥିଲେ ଯେ ମସ୍କୋ ଇରାନ ସହିତ ତା'ର ରଣନୈତିକ ସମ୍ପର୍କ ଜାରି ରଖିବ । ଆରାଘଚି କାତାର, ସାଉଦି ଆରବ, ଓମାନ ଏବଂ ପାକିସ୍ତାନର ନେତାମାନଙ୍କ ସହିତ ସାକ୍ଷାତ କରିବା ପରେ ରୁଷିଆରେ ପହଞ୍ଚିଥିଲେ । ସେ ଚୁକ୍ତିର କିଛି ସର୍ତ୍ତାବଳୀ ତାଙ୍କ ସହିତ ବହନ କରୁଛନ୍ତି ଏବଂ ପୁଟିନ୍‌ଙ୍କ ସମର୍ଥନ ଲୋଡ଼ୁଛନ୍ତି ବୋଲି ବିଶ୍ୱାସ କରାଯାଉଛି ।

## ସକାଳୁ ସକାଳୁ ଭୂକମ୍ପରେ...

ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ, ଜାପାନ ଏକ ଭୂକମ୍ପ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଅବସ୍ଥିତ । ତେଣୁ ଏଠାରେ ସମୟ ସମୟରେ ଭୂମିକମ୍ପ ଘଟେ । ଗତ ସୋମବାର ଦିନ, ଉତ୍ତର ଜାପାନରେ ୭.୭ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା । କିଛି ସମୟ ପାଇଁ ସୁନାମୀ ସତର୍କତା ଜାରି କରାଯାଇଥିଲା । ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଏକ ବଡ଼ ଭୂମିକମ୍ପ (ମେଗାକ୍ୱାକ୍)ର ସାମାନ୍ୟ ବୃଦ୍ଧି ବିପଦ ବିଷୟରେ ସତର୍କ କରାଯାଇଥିଲା ।

## ଆହୁରି ୩ ଦିନ...

ଝଡ଼ବର୍ଷା ହୋଇପାରେ । ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ବି ବର୍ଷା ଆଶଙ୍କା ଅଛି ।

## ୫୦ କୋଟି ଜନସଂଖ୍ୟାକୁ ବିପଦ...

ଶିଳ୍ପ ବିକାଶରୁ କାର୍ବନ ନିର୍ଗମନ ସେମାନଙ୍କର ତରଳିବା ବୃଦ୍ଧି କରିଛି । ଏକ ଶତାବ୍ଦୀ ପୂର୍ବରୁ ମଧ୍ୟ ହିମବାହ ତରଳି ଯାଇଥିଲା । କିନ୍ତୁ ତୁଷାରପାତ ପରେ ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଗଙ୍ଗା ଓ ଯମୁନା ଭଳି ନଦୀଗୁଡ଼ିକ ସ୍ଥିର ପ୍ରବାହ ବଜାୟ ରଖିଥିଲେ । ତଥାପି, ୧୯୫୦ ଦଶକ ପରଠାରୁ, ସେମାନଙ୍କର ଆୟତନ ପ୍ରତି ବର୍ଷ ତିନିରୁ ଚାରି ମିଟର ହ୍ରାସ ପାଇବାରେ ଲାଗିଛି । ସାମ୍ପ୍ରତିକ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ହିମାଳୟରେ ହିମବାହ ହ୍ରାସର ହାରାହାରି ହାର ଦଶକରେ ୩୦-୬୦ ମିଟର, ଯାହା ଚିନ୍ତାର ବିଷୟ । ବିଶ୍ୱ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ, ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ପ୍ରସିଦ୍ଧ ଗଙ୍ଗୋତ୍ରୀ ହିମବାହ, ଯାହା ଗଙ୍ଗାର ମୁଖ୍ୟ ଉତ୍ସ ମଧ୍ୟ, ପ୍ରତି ବର୍ଷ ୨୮-୩୦ ମିଟର ହାରରେ ଦ୍ରୁତ ଗତିରେ ହ୍ରାସ ପାଉଛି । ୧୯୩୫ରୁ ୨୦୨୨ ମଧ୍ୟରେ, ଏହା ପ୍ରାୟ ୧୭୦୦ ମିଟର ହ୍ରାସ ପାଇଛି । ଗତ ଦୁଇ ଦଶକ ମଧ୍ୟରେ ତରଳିବାର ହାର ମଧ୍ୟ ଦ୍ୱିଗୁଣିତ ହୋଇଛି । ଏହା ହିମାଳୟ ଇକୋସିଷ୍ଟମ ଏବଂ ଉତ୍ତର ଭାରତର ଜଳ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି । ଡେରାଡୁନର ୱାଡିଆ ହିମାଳୟ ଭୂତତ୍ତ୍ୱ ପ୍ରତିଷ୍ଠାନର ବିଭିନ୍ନ ଅଧ୍ୟୟନ ଏବଂ ରିପୋର୍ଟ ଅନୁଯାୟୀ, ବିଶ୍ୱ ଉଷ୍ମତା ଯୋଗୁଁ ହିମାଳୟ ହିମବାହ ଦ୍ରୁତ ଗତିରେ ତରଳିବାରେ ଲାଗିଛି । ସିକିମ ଏବଂ ଲଦାଖ (ଜାନ୍ସକାର)ରେ ହିମବାହ ଉପରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରୀଷ୍ମ ତାପମାତ୍ରା ବୃଦ୍ଧି ଏବଂ ତୁଷାରପାତ ହ୍ରାସ ଏହାର ମୁଖ୍ୟ କାରଣ । ଭାରତ, ପାକିସ୍ତାନ, ନେପାଳ ଏବଂ ଭୁଟାନ, ଯେଉଁମାନେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ଅବସ୍ଥିତ ଏବଂ ବିଶ୍ୱ ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବାସ କରନ୍ତି, ଏହି ପ୍ରଭାବର ଅଧିକ ବିପଦରେ ଅଛନ୍ତି । ବିଶ୍ୱ ଉଷ୍ମତା ଯୋଗୁଁ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ହିମବାହ ଦ୍ରୁତ ଗତିରେ ତରଳିବା ଯୋଗୁଁ, ଶତାବ୍ଦୀ ଶେଷ ସୁଦ୍ଧା ୭୫% ବରଫ ଅଦୃଶ୍ୟ ହୋଇଯିବାର ଆଶଙ୍କା ରହିଛି ।

# କଟକ ଜିଲ୍ଲାର ଦୁଇ ଶହ ନର୍ସିଂହୋମ୍‌ରେ ନାହିଁ ଅଗ୍ନି ନିର୍ବାପକ ବ୍ୟବସ୍ଥା

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାରେ ସରକାରୀ କାଗଜପତ୍ରରେ ପଞ୍ଜୀକୃତ ନର୍ସିଂହୋମ୍ ତଥା ଘରୋଇ ହସ୍ପିଟାଲ୍ ସଂଖ୍ୟା ୨୬୦ ରହିଛି । ଜିଲ୍ଲାରେ ପଞ୍ଜୀକୃତ ଅପେକ୍ଷା ଅଣପଞ୍ଜୀକୃତ ନର୍ସିଂହୋମ୍ ସଂଖ୍ୟା ଅଧିକ । ସେହିପରି ଯେଉଁ ୨୬୦ଟି ପଞ୍ଜୀକୃତ ସଂସ୍ଥା ରହିଛି ସେଥିରୁ ୬୦ଟି ଘରୋଇ ହସ୍ପିଟାଲ୍‌ର ଅଗ୍ନି ନିରାପତ୍ତା ପ୍ରମାଣପତ୍ର (ଫାୟାର ସେଫ୍‌ଟି ସାର୍ଟିଫିକେଟ୍) ନେବା ବଦଳରେ ସେଲ୍‌ଫ ରେଗୁଲେଟରୀ କାଟାଗୋରିରେ ସତ୍ୟପାଠ ଦେଇ ବର୍ଷ ବର୍ଷ ହେଲା ବେପାର ଚଳାଇ ଆସୁଛନ୍ତି । ସେହିପରି ଆଉ ଅବଶିଷ୍ଟ ସରକାରୀ କାଗଜପତ୍ରରେ ଥିବା ନର୍ସିଂହୋମ୍‌ଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ସେବା ସଂସ୍ଥାକୁ ଚକମା ଦେଇ ନିଜ ବ୍ୟବସାୟୀକ ସାମ୍ରାଜ୍ୟ ଚଳାଇଛନ୍ତି । ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥାଇ ଶହ ଶହ ନର୍ସିଂହୋମ୍‌ରେ ରୋଗୀଙ୍କ ଚିକିତ୍ସା ଚାଲିଛି । ଏପରିସ୍ଥଳେ ଯଦି କୌଣସି ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଘଟି ରୋଗୀଙ୍କର ଯଦି କିଛି କ୍ଷତି ହୁଏ ତେବେ ଏଥିପାଇଁ କାହାକୁ ଦାୟୀ କରାଯିବ ବୋଲି ପ୍ରଶ୍ନ ଉଠୁଛି । ଆବଶ୍ୟକ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥାଇ ନର୍ସିଂହୋମ୍‌ଗୁଡ଼ିକରେ ରୋଗୀଙ୍କ ଚିକିତ୍ସା ଚାଲିଥିଲେ ହେଁ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ କରାଯାଉନାହିଁ । ଜିଲ୍ଲା ପ୍ରଶାସନର ଏକ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ କେବଳ କାଗଜପତ୍ରରେ ଥିଲା ପରି ମନେହେଉଛି । ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍‌ରେ ଜିଲ୍ଲାପାଳଙ୍କ ପ୍ରତିନିଧି, ଏସ୍‌ପି କିମ୍ବା ଡିସିପିଙ୍କ ପ୍ରତିନିଧି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧିମାନେ ମିଳିତ ଭାବେ ନିୟମିତ ବ୍ୟବଧାନରେ ଧରପଗଡ଼ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ରହିଛି । କିନ୍ତୁ ତାହା କରାଯାଉନାହିଁ । ଶେଷ ଥର ପାଇଁ ଗତ ଜାନୁଆରୀ ମାସରେ ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍ ଏକ ନର୍ସିଂହୋମ୍ ଓ ଦୁଇଟି ଲାବ୍ ଉପରେ ଚଢ଼ଉ କରିଥିଲା । ତିନି ମାସ ମଧ୍ୟରେ ଜିଲ୍ଲାରେ କୌଣସି ନର୍ସିଂହୋମ୍ କିମ୍ବା ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଆଉ ଚଢ଼ଉ ହୋଇନାହିଁ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଜିଲ୍ଲା ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାଡ୍‌ର ଏପରି ନିଷ୍କ୍ରିୟତା ଯୋଗୁଁ ସହରଠୁ ଗ୍ରାମାଞ୍ଚଳ ଯାଏ ଘରୋଇ ହସ୍ପିଟାଲ୍‌ଗୁଡ଼ିକ ମନମାନି ଚଳାଇଛନ୍ତି ବୋଲି ଅଭିଯୋଗ ହେଉଛି । ଆଇସିୟୁ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣ ବାଧ୍ୟତାମୂଳକ ରହିଛି । ସେହିପରି ୩୦ରୁ ଅଧିକ ବେଡ୍ ଓ ୪ ମହଲା ବିଶିଷ୍ଟ କୋଠାରେ ନର୍ସିଂହୋମ୍ ଥିଲେ ଉକ୍ତ ପ୍ରମାଣପତ୍ର ମଧ୍ୟ ଜରୁରି । ସ୍ୱାସ୍ଥ୍ୟ ବିଭାଗର ଏସବୁ ନୀତିନିୟମ କେବଳ କାଗଜପତ୍ରରେ ରହିଛି । ଅଧିକାଂଶ ଘରୋଇ ହସ୍ପିଟାଲ୍‌ଗୁଡ଼ିକରେ ଆଇସିୟୁ ଥିବାର ଦେଖିବାକୁ ମିଳୁଛି । ଆଇସିୟୁ ଖୋଲି ଗୁରୁତର ରୋଗୀ ଏବଂ ଟ୍ରମା କେୟାର ଚିକିତ୍ସା ନାଁରେ ବେପାର ଚଳାଇଛନ୍ତି । ମାତ୍ର କାଗଜପତ୍ରରେ ହସ୍ପିଟାଲ୍‌ରେ ଆଇସିୟୁ ସୁବିଧା ନଥିବା ହସ୍ପିଟାଲ୍‌ଗୁଡ଼ିକ ଦର୍ଶାଇଛନ୍ତି । ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ହୋତା ପ୍ରତିକ୍ରିୟାରେ କହିଛନ୍ତି, ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖି ହସ୍ପିଟାଲ୍ ଚଳାଇବାକୁ ଆମେ ସବୁବେଳେ ଘରୋଇ ହସ୍ପିଟାଲ୍ ମାଲିକଙ୍କୁ ନିର୍ଦ୍ଦେଶ ଦେଉଛୁ । ଏନ୍‌ଫୋର୍ସମେଣ୍ଟ୍ ଏବେ କିଛି ମାସ ହେଲା ବନ୍ଦ ଥିଲେ ମଧ୍ୟ ଆଗକୁ ଧରପଗଡ଼ ହେବ ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଘୋଳ ଦହି ଓ ଜଳ ଛତ୍ର ଉଦ୍ଘାଟନ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଦିତ୍ୟ ଆଲୁମିନିୟମ ଲପଙ୍ଗା ପକ୍ଷରୁ ଲପଙ୍ଗା ବଜାର ଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ମିଶି ଏକ ଘୋଳ ଦହି ଓ ଜଳ ଛତ୍ରର ସଫଳ ଉଦ୍ଘାଟନ କରାଯାଇଛି । ଯାହା ଆଦିତ୍ୟ ଆଲୁମିନିୟମ ଗୋଷ୍ଠୀ ଉନ୍ନୟନ ପ୍ରୟାସର ଏକ ଅଂଶ । ଏହି ଉଦ୍ଘାଟନ ଅବସରରେ ଲପଙ୍ଗା ପଞ୍ଚାୟତର ସମିତି ସଭ୍ୟ କିରଣ ବେହେରା ସହିତ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ସିଏସଆର୍ ମୁଖ୍ୟ ରବି ନିୱାସ, ଉପ-ପ୍ରବନ୍ଧକ ମନୋରଞ୍ଜନ ବେହେରା ଓ ସୁକାନ୍ତ ମହାପାତ୍ର ଉପସ୍ଥିତ ଥିଲେ । ଲପଙ୍ଗା ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଓ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ । ଏହି ପ୍ରୟାସର ଲକ୍ଷ୍ୟ ହେଉଛି ଗ୍ରୀଷ୍ମ ଋତୁରେ ବିଶେଷକରି ସ୍ଥାନୀୟ ଲୋକମାନେ, ଗାଡି ଚାଳକମାନେ ଓ ପରିଦର୍ଶକମାନଙ୍କୁ ସୁରକ୍ଷିତ ଘୋଳ ଦହି ଓ ପାନୀୟ ଜଳ ପ୍ରଦାନ କରିବା, ଯାହା ଆଦିତ୍ୟ ଆଲୁମିନିୟମ୍‌ର ସାମାଜିକ ଦାୟିତ୍ୱ ଓ ଗ୍ରାମୀଣ ଉନ୍ନୟନ ପ୍ରତି ଅବିରତ ପ୍ରତିବଦ୍ଧତାକୁ ପ୍ରକାଶ କରେ । ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପ୍ରତି ପଞ୍ଚାୟତକୁ ଏକ ବିଶୁଦ୍ଧ ପାନୀୟ ଜଳ ପାଇଁ ଫିଲ୍ଟର ଯୋଗାଇ ଦିଆଯାଇଛି । ଆଦିତ୍ୟ ଆଲୁମିନିୟମର ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିବାସୀମାନେ ପ୍ରଶଂସା କରିଥିଲେ ।



# ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ : ବାଚସ୍ପତିଙ୍କୁ ଭେଟିଲା ବିଜେଡି, ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଦାବି କରିଛି ବିଜେଡି । ବାଚସ୍ପତି ସୁରମା ପାଢ଼ୀଙ୍କୁ ସୋମବାର ବିଜେଡିର ପ୍ରାୟ ସମସ୍ତ ବିଧାୟକ ଭେଟି ଦାବିପତ୍ର ଦେଇଛନ୍ତି । ସମ୍ବିଧାନର ଆର୍ଟିକିଲ ୧୯୧ ଦଶମ ଅନୁଚ୍ଛେଦ ଅଧାରରେ କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଦାବି କରିଛନ୍ତି ବିଧାୟକ । ଫେବୃୟାରୀ ୧୬ରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ଦଳରୁ ନିଲମ୍ବିତ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଅଣ୍ଟା ଭିଡ଼ିଛି ବିଜେଡି । ସବୁ ଆଇନଗତ ଦିଗକୁ ତର୍ଜମା ପରେ ତଥ୍ୟ ପ୍ରମାଣ ସହ ଏହି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପ୍ରକ୍ରିୟା ଆରମ୍ଭ କରିଛି । ଏହି କ୍ରମରେ ଆଜି ଦଳର ପ୍ରାୟ ସମସ୍ତ ବିଧାୟକ ବାଚସ୍ପତିଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ସମସ୍ତ ବିଧାୟକ ଏକତ୍ରିତ ହେବା ପରେ ସେଠାରୁ ବିଧାନସଭା ଆସି ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ସମ୍ବିଧାନର ଦଶମ ଅନୁଚ୍ଛେଦକୁ ଅଧାର କରି ଦଳ ବିରୋଧୀ କାର୍ଯ୍ୟ ଓ ଅନ୍ୟାନ୍ୟ ବିଭିନ୍ନ ଦିଗକୁ ପ୍ରମାଣ ସ୍ୱରୂପ ପ୍ରଦାନ କରି ସମ୍ପୃକ୍ତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ରାଜ୍ୟସଭା ନିର୍ବାଚନରେ ଦଳ ପକ୍ଷରୁ ଜାରି ହୋଇଥିଲା ୩ ଧାଡ଼ିଆ ହ୍ୱିପ୍ । ଏହାକୁ ଅବମାନନା କରି ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କ୍ରସ୍ ଭୋଟିଂ କରିଥିଲେ । ପୂର୍ବରୁ ନିଲମ୍ବିତ ହୋଇଥିବା ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ମଧ୍ୟ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିଲେ । ଏହାକୁ ଆଧାର କରି କ୍ରସ୍ ଭୋଟିଂ କରିଥିବା ବିଧାୟକମାନଙ୍କୁ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିବା ଯୋଗୁଁ ସେମାନଙ୍କୁ କାହିଁକି ଦଳରୁ ନିଲମ୍ବନ କରାଯିବ ନାହିଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେ ସଂକ୍ରାନ୍ତରେ କୈଫିୟତ ତଲବ କରିଥିଲେ । ନିଲମ୍ବିତ ବିଧାୟକମାନେ ମୁଖ୍ୟ ସଚେତକଙ୍କୁ ଫେରନ୍ତା ଉତ୍ତର ଦେଇଥିଲେ ହେଁ ଓଲଟି ଆଇନର ଧମକ ଦେଖାଇଥିଲେ । ଏହାପରେ ବିଜେଡି ୬ ଜଣ ବିଧାୟକଙ୍କୁ ନିଲମ୍ବିତ କରିଥିଲା । ଏବେ ସେମାନଙ୍କର ସଭ୍ୟପଦ ରଦ୍ଦ ପାଇଁ ଉଦ୍ୟମ ଆରମ୍ଭ କରିଛି । ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ କହିଛନ୍ତି, 'ବିଜେଡିର ହ୍ୱିପ୍ କୁ ବିଭିନ୍ନ ସମୟରେ ମାନିନାହାନ୍ତି ଓ ସ୍ୱେଚ୍ଛାକୃତ ଭାବେ ଦଳରେ ନାହାନ୍ତି ବୋଲି ୮ ଜଣ ବିଧାୟକ ଘୋଷଣା କରିଛନ୍ତି । ସମ୍ବିଧାନର ଆର୍ଟିକିଲ ୧୯୧ ଦଶମ ଅନୁଚ୍ଛେଦ ଅଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବା ପାଇଁ ଦାବି କରିଛୁ । ସମ୍ବିଧାନବିତ ଓ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଆଇନ ପରାମର୍ଶଦାତାଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିବା ପରେ ପଦକ୍ଷେପ ନେଇଛୁ । ଦଳର ସମ୍ବିଧାନ ଅନୁସାରେ ଯେଉଁମାନେ ଦଳ ଓ ଦଳର ନେତୃତ୍ୱ ବିରୋଧରେ ଗର୍ହିତ ଅପରାଧ କରିଛନ୍ତି, ସେମାନଙ୍କର ସଭ୍ୟପଦ ରଦ୍ଦ ହେବାର କୌଣସି ଅସୁବିଧା ନାହିଁ । ବିଜେଡି ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଆଞ୍ଚଳିକ ଦଳ । ଦଳର ନିର୍ଦ୍ଦିଷ୍ଟ ନୀତି ଓ ନିୟମ ରହିଛି ।' ଅରୁଣ ଆହୁରି ମଧ୍ୟ କହିଛନ୍ତି, 'ଦଳ ବିରୋଧ କାମ ନ କରିବା ନେଇ ବିଜେଡି ସମ୍ବିଧାନରେ ଅଛି । ୮ ବିଧାୟକ ଅନ୍ୟ ପ୍ରାର୍ଥୀଙ୍କୁ ରାଜ୍ୟସଭା ଭୋଟ୍ ଦେଇଥିଲେ ।

# ନିହାଣ ମୁନରେ ନିଖୁଣ କଳାକୃତି : ପ୍ରତାପଙ୍କ ହାତରେ ପଥର ବି କଥା କହେ

**ବଡ଼ଚଣା, ନ୍ୟୁଜ ବ୍ୟୁରୋ**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚର୍ଚ୍ଚିତ ଶିଳ୍ପୀ ଗ୍ରାମର ଶୁଖୁଆପଡ଼ାର ଯୁବ ପ୍ରସ୍ତରଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣାଙ୍କ କଳାକୃତି ଏବେ ସବୁଆଡ଼େ ଚର୍ଚ୍ଚାରେ । ପଲେଇ ପଞ୍ଚାୟତ ଶୁଖୁଆପଡ଼ା ଗ୍ରାମର ଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣାଙ୍କ ମୂର୍ତ୍ତିଶାଳା ରହିଛି । ସକାଳୁ ବିଳମ୍ବିତ ରାତିରେ ସେ ପଥର ଦେହରେ ମୂର୍ତ୍ତି ଗଢ଼ିବାରେ ନିମଗ୍ନ ଥାନ୍ତି । ନିହାଣ ମୁନରେ ଏପରି ନିଖୁଣ କାରିଗରୀ ଦ୍ୱାରା ପଥର ବି କଥା କହେ ବୋଲି ସମସ୍ତେ କଥାଛଳରେ କହନ୍ତି । ଗୋଟା ପଥର ସବୁକୁ କାଟି ତଥା ଖୋଦେଇ କରି ତାକୁ ନିଜ ଗ୍ରାମରେ ଥିବା ତାଙ୍କ ମୂର୍ତ୍ତିଶାଳରେ ଏବେ ଦଶଜଣ ଯୁବକାରିଗର ନିୟୋଜିତ ହୋଇ ରୋଜଗାର ପାଇବା ସହ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ପାରିଛନ୍ତି । ଶୁଖୁଆପଡ଼ା ଗ୍ରାମର ବରିଷ୍ଠ ଶିଳ୍ପୀ ବିଜୟ ମହାରଣା ହେଉଛନ୍ତି ତାଙ୍କ ଶିଳ୍ପୀଗୁରୁ ବୋଲି ବିଭିନ୍ନ ଆକୃତି ଦେଇଥାନ୍ତି । ପ୍ରଭୁ ଶ୍ରୀ ଗଣେଶ, ଗୌତମବୁଦ୍ଧ, ଶ୍ରୀକୃଷ୍ଣ, ହନୁମାନ ତଥା ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଗଢ଼ିବାରେ ସେ ବିଶେଷ ଦକ୍ଷତା ହାସଲ କରିଛନ୍ତି । ମୁଗୁନି ପଥର, ସାହାଣ ଓ ବଉଳ ମାଳିଆ ପଥରଖଣ୍ଡରେ ସେ ନିଜ ନିହାଣ ଚଳାଇ ଜୀବନ୍ତ କରି ମୂର୍ତ୍ତି ସବୁ ଗଢ଼ନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ତାଙ୍କ ହସ୍ତ ନିର୍ମିତ ମୂର୍ତ୍ତିର ଚାହିଦା ରହିଛି । ତାଙ୍କ ହାତ ତିଆରି ମୂର୍ତ୍ତି ସବୁ ନୂଆଦିଲ୍ଲୀ, ଭୁବନେଶ୍ୱର, ପୁରୀ, ବେଙ୍ଗାଲୁରୁ ଆଦି ସ୍ଥାନକୁ ବିକ୍ରି ପାଇଁ ଯାଇଥାଏ ବୋଲି ପ୍ରତାପ କୁହନ୍ତି ।



ତାଙ୍କ କହିବା ଅନୁସାରେ ସେ ଶୁଖୁଆପଡ଼ାରେ ଜନ୍ମ । ପରିବାରର କୌଳିକ ବୃତ୍ତି ପଥର କାରିଗରୀ । ନିହାଣ ଠକ୍ ଠକ୍ ଶବ୍ଦରେ ତାଙ୍କ ଶୈଶବ ବିତିଛି । ବାପା, ଜେଜେଙ୍କ ମୂର୍ତ୍ତି ଗଢ଼ା କାର୍ଯ୍ୟକୁ ସେ ଦେଖି ଦେଖି ବଡ଼ ହୋଇଛନ୍ତି । ଯାହା ତାଙ୍କୁ ଦକ୍ଷ ଶିଳ୍ପୀଟିଏରେ ପରିଣତ କରିଛି । ସେ ମାଟ୍ରିକ ପାସ୍ କରିବା ପରେ ନିଜର କୌଳିକ ବୃତ୍ତି ପ୍ରତି ଆକୃଷ୍ଟ ଏହି କ୍ଷେତ୍ରରେ ହୋଇଥିଲେ । ତାଙ୍କ ପିତା ପ୍ରେମାନନ୍ଦ ମହାରଣା । ସେ ବହୁ ଆଗକୁ ଜଣେ ସଫଳ ପ୍ରସ୍ତରଶିଳ୍ପୀ ଥିଲେ । ପିତାଙ୍କ ଯିବା ଅନୁସରଣ କରି ସେ ଦୀର୍ଘ ୨୭ବର୍ଷ ଧରି ଏହି ପ୍ରସ୍ତରଶିଳ୍ପ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ।

ଭୁବନେଶ୍ୱର, ୨୮ ଅପ୍ରେଲ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆଶାରାମଙ୍କ ଆଶ୍ରମରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭/୦୪**

ଅହମ୍ମଦାବାଦରେ ଆଶାରାମଙ୍କ ଆଶ୍ରମକୁ ସୋମବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ସର୍ବୋଚ୍ଚ ନ୍ୟାୟାଳୟ ଆଶ୍ରମର ଜମି ଉପରେ ମେ ୪ ତାରିଖ ପର୍ଯ୍ୟନ୍ତ ଯଥାସ୍ଥିତ କାୟମ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ ସରକାର ୪୫ହଜାର ବର୍ଗମିଟର ଜମିକୁ ୨୦୩୦ କମନୱେଲଥ୍ ଗେମ୍ ଲାଗି ସ୍ପୋର୍ଟସ ଇନଫ୍ରାଷ୍ଟ୍ରକ୍ଚର ନିମନ୍ତେ ଫେରସ୍ତ ନେବାକୁ ଚାହୁଁଛନ୍ତି। ତେବେ ଆଶ୍ରମ ଟ୍ରଷ୍ଟ ହାଇକୋର୍ଟଙ୍କ ସେହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛି ଯେଉଁଥିରେ ଜବରଦଖଲ ଓ ପଟ୍ଟା ଉଲ୍ଲଂଘନ ଆଧାରରେ ଜମି ଖାଲି କରିବାକୁ କୁହାଯାଇଥିଲା। ତେବେ ସୁପ୍ରିମକୋର୍ଟ ଆଶ୍ରମକୁ ଆପାତତଃ ଉଚିତ ନୋଟିସ୍ ଦିଆଯାଇ ନଥିବା ଜାଣିବାକୁ ପାଇଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଓ ଜଷ୍ଟିସ୍ ବିକ୍ରମ ନାଥଙ୍କ ବେଞ୍ଚ ଗୁଜରାଟ ସରକାରଙ୍କୁ ଜମି ସମ୍ପର୍କିତ ସମସ୍ତ ଜରୁରି କାଗଜପତ୍ର କୋର୍ଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଆପାତତଃ ଜାଣିବାକୁ ପାଇଛନ୍ତି ଯେ ଏ ନେଇ ଆଶାରାମଙ୍କ ଟ୍ରଷ୍ଟକୁ ନୋଟିସ୍ ପଠା ଯାଇନଥିଲା। ଏଣୁ ବେଞ୍ଚ ସରକାରଙ୍କୁ ୩ ଦିନ ମଧ୍ୟରେ ସବୁ ଜରୁରି କାଗଜପତ୍ର ଦାଖଲ କରିବାକୁ କହିଛନ୍ତି। ଏହା ସହିତ ଟ୍ରଷ୍ଟକୁ ମଧ୍ୟ ୩ ଦିନ ସମୟ ଦେଇଛନ୍ତି। ତେବେ କୋର୍ଟ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ଜମି ଉପରେ ଯଥାସ୍ଥିତି କାୟମ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସୋମବାରକୁ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ମେହେଟ୍ଟା ଗୁଜରାଟ ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି ଯେ ଏପରି ଲାଗୁଛି ଆବେଦନକାରୀ ଟ୍ରଷ୍ଟକୁ ଏ ବାବଦେ କୌଣସି ନୋଟିସ୍ କରି ନାହାନ୍ତି। ତେବେ ସଲିସିଟର ଜେନେରାଲ କହିଛନ୍ତି ଯେ ମାମଲାରେ ଉଚିତ ନୋଟିସ୍ ଜାରି ହୋଇଥିଲା। ପଟ୍ଟା ସର୍ତ୍ତ ଅନେକବାର ଉଲ୍ଲଂଘନ ହୋଇଛି। କେବଳ ଏତିକି ନୁହେଁ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରାଯାଇଛି। ଜଷ୍ଟିସ୍ ନାଥ ସଲିସିଟର ଜେନେରାଲଙ୍କୁ କହିଛନ୍ତି ଯେ ଆପଣ ତ ପ୍ରଥମେ ଆଶ୍ରମ ଉପରେ ବେଶ୍ ଦୟାବାନ ଥିଲେ। ପ୍ରଥମେ ଆପଣ ୬୨୬୧ ବର୍ଗମିଟର ଜମି ଲାଗି ପଟ୍ଟା ଦେଲେ। ଦ୍ୱିତୀୟବାର ଆସିବା ପରେ ଆହୁରି ଅଧିକ ଜମି ପଟ୍ଟାରେ ଦେଇଥିଲେ। ଏବେ ଚାହୁଁଛନ୍ତି ପଟ୍ଟା ରାତାରାତି ସମାପ୍ତ ହୋଇଯିବ? ଏଥିରେ ସଲିସିଟର ଜେନେରାଲ କହିଛନ୍ତି ଯେ ଜମି ଉପରେ ବିନା ମଞ୍ଜୁରୀରେ ୩୦ରୁ ଅଧିକ ଭବନ ନିର୍ମାଣ କରିଦିଆଯାଇଛି। ସେହିପରି ଟ୍ରଷ୍ଟ ପକ୍ଷରୁ କୋର୍ଟରେ ହାଜର ହୋଇଥିବା ବରିଷ୍ଠ ଓକିଲ ମୁକୁଲ ରହତୋଗୀ କହିଛନ୍ତି ଯେ ଜମିକୁ ଓ ତତ୍ ସମ୍ପର୍କିତ ସାମାଜିକ ଗତିବିଧି ଓ ଏକ ସ୍କୁଲ ଲାଗି ଦିଆଯାଇଥିଲା। ୧୯୬୦ ମସିହାରେ ଚାରିଟେବୁଲ ଟ୍ରଷ୍ଟକୁ ୬୦୦୦ ବର୍ଗ ମିଟରରୁ ଅଧିକ ଜମି ଦିଆଯାଇଥିଲା। ପଟ୍ଟା ସର୍ତ୍ତର କୌଣସି ଉଲ୍ଲଂଘନ ହୋଇ ନାହିଁ। ହେଲେ ଏବେ ସରକାର ଏହି ଭୂ-ଖଣ୍ଡକୁ ବେଆଇନ ଢଙ୍ଗରେ ହାସଲ କରିବାକୁ ଉଦ୍ୟମ କରୁଛନ୍ତି ଓ ଆବଣ୍ଟନ ରଦ୍ଦ କରିବାକୁ ଦାବି କରୁଛନ୍ତି। ଏଥିରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପତ୍ତିରେ କୌଣସି ପ୍ରକାରର ଭଙ୍ଗା ରୁଜା ନ କରିବାକୁ ଆଦେଶ ଦେଇଛନ୍ତି। ଘଟଣାସ୍ଥଳରେ ଯଥାସ୍ଥିତ ବଜାୟ ରଖିବାକୁ କହିଛନ୍ତି। ଏଥିରେ ସଲିସିଟର ଜେନେରାଲ ବେଞ୍ଚଙ୍କୁ ଭରସା ଦେଇଛନ୍ତି ଯେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ଜମିରୁ ଗୋଟେ ବି ଇଟା ବାହାର କରାଯିବନି। ତେବେ ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ ଜମିଦଖଲ ବିରୋଧରେ ଟ୍ରଷ୍ଟ ପକ୍ଷରୁ ରୁଜୁ ଅପିଲକୁ ଖାରଜ କରିଦେଇଥିଲେ।

# ରଥ ଖଳାରେ ତୁମ୍ବରେ ପନ୍ଦାରି ତିଆରି ଆରମ୍ଭ

**ପୁରୀ, ୨୭/୦୪**
**ନ୍ୟୁଜ ବ୍ୟୁରୋ**

ପର୍ଯ୍ୟାୟ କ୍ରମେ ପ୍ରସ୍ତୁତ ହେଉଛି ରଥ ଚକ । ରବିବାର ରଥ ଖଳାରେ ତୁମ୍ବରେ ବିନ୍ଧ ଅନୁକୂଳ କରାଯାଇଛି । ନାହାକା ତୁମ୍ବରେ ସର୍ବପ୍ରଥମେ ବିନ୍ଧ ଅନୁକୂଳ ହୋଇଛି । ମାହାର୍ଦ୍ଦ ସମର୍ପଣ କରି ଶ୍ରୀଫଳ ଭାଙ୍ଗି ଅନୁକୂଳ ସହ ତିନି ରଥର ମୁଖ୍ୟ ବିଶ୍ୱକର୍ମା ନିହଣ ଓ ମୁଗୁର ସାହାଯ୍ୟରେ ତୁମ୍ବରେ ବିନ୍ଧ ଖୋଦେଇର ଶୁଭାରମ୍ଭ କରିଥିଲେ । ଅନୁକୂଳ ପରେ ନିପୁଣ ବିଶ୍ୱକର୍ମାମାନେ ତିନି ରଥର ତୁମ୍ବ କାର୍ଯ୍ୟ ଜାରି ରଖିଛନ୍ତି । ରଥ ଖଳାରେ ନାହାକା ଚକକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଉଛି। ଆଗେ ପ୍ରସ୍ତୁତ ହେବ ନାହାକା ଚକ । ତୁମ୍ବର ବିନ୍ଧ ଆୟତାକାର। ଏହାର ଲମ୍ବ ୩ ଇଞ୍ଚ ଓ ଓସାର ଦେଢ଼ ଇଞ୍ଚ ପ୍ରାୟ । ମଜବୁତ ପାଇଁ ଦୁଇ ବିନ୍ଧର ମଝିରେ ଇଞ୍ଚେ ମାପର କାଠ ଛଡ଼ା ଯାଉଛି। ତୁମ୍ବ ଗୋଲେଇ କାର୍ଯ୍ୟ ଶେଷ ପରେ ୪୨ ତୁମ୍ବରେ ସୂତା ବାଡ଼ିଆ ସରିଲା । ତଳି ମହାରଣା ଓ ସୂତାର ମହାରଣା ମିଶି ଉକ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବିଶ୍ୱକର୍ମାମାନେ ତୁମ୍ବରେ ବିନ୍ଧ କାର୍ଯ୍ୟ ଶେଷ ପରେ ଅର ତୁମ୍ବ ବିନ୍ଧରେ ଭୁଞ୍ଜାଯାଇ ପହି ଲାଗି ହେଲେ ଚକ ପ୍ରସ୍ତୁତ ହେବ। ଦୋଳବେଦୀ କମାର ଶାଳରେ ପନ୍ଦାରି ତିଆରି ଆରମ୍ଭ କରିଛନ୍ତି କମାର ସେବକ। ରଥ ନାହାକା ଚକ ପାଇଁ ପନ୍ଦାରି ନିର୍ମାଣ ହେଉଥିବା କହିଛନ୍ତି ଅର୍ଜୁନ ମହାରଣା । ତୁମ୍ବ ଅର୍ଥାତ ଚକର ଭିତର ପାର୍ଶ୍ୱରେ ଲାଗିବ ପନ୍ଦାରି । ଆଗକୁ ତିଆରି ହେବ ପନ୍ଦାରି ଚାବି ଓ ବଳା । ପନ୍ଦାରିକୁ ମଜଭୁତ କରିବାକୁ ସେଥିରେ ଚାବି ପଡ଼ିବ । ଗୋଟିଏ ତୁମ୍ବରେ ଲାଗିବ ୨ଟି ଲେଖାଏଁ ପନ୍ଦାରି ଓ ବଳା । ଏସବୁ ଲୌହ ସାମଗ୍ରୀ ଚକକୁ ମଜଭୁତ କରେ। ଯେପରି ରଥ ଚାଳନା ସମୟରେ ଚାପ ପଡ଼ି ଚକର କୌଣସି କ୍ଷତି ହେବ ନାହିଁ।



# ଧର୍ମପ୍ରାଣ ବ୍ୟକ୍ତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ବିୟୋଗ



**ଭୁବନେଶ୍ୱର, ୨୭/୦୪**
**ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ପୋଖରୀପୁଟ, ଲିଙ୍ଗରାଜ ବିହାରରେ ବାସ କରୁଥିବା ଧର୍ମପ୍ରାଣ ବ୍ୟକ୍ତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ଗତ ୧୮ତାରିଖ ଶନିବାର ଦିନ ରାତି ୧୧.୦୦ ଘଟିକାରେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା। ବୟସାଧିକ ବ୍ୟାଧିରେ ପୀଡିତ ହୋଇ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ସେ ଜଣେ ଅତ୍ୟନ୍ତ ସ୍ନେହୀ ଏବଂ ପରୋପକାରୀ ବ୍ୟକ୍ତି ଥିଲେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାପାଇଁ ସେ ସଦା ତତ୍ପର ଥିଲେ। ତାଙ୍କ ବିୟୋଗରେ ଲିଙ୍ଗରାଜ ବିହାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ରବିଶଙ୍କର, ବୋହୂ ଅନୀତା ପଟ୍ଟନାୟକ, ନାତି ସିଦ୍ଧାର୍ଥ ପଟ୍ଟନାୟକ, ଝିଅ, ଜ୍ୱାଇଁ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବୋହୂ ଅନୀତା ପଟ୍ଟନାୟକ 'ସମ୍ବାଦ କଳିକା'ର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ। ସତ୍ୟନଗର ଶ୍ମଶାନରେ ସୂର୍ଯ୍ୟନାରାୟଣଙ୍କ ଦାହସଂସ୍କାର କରାଯାଇଥିଲା। ସେ ସେଲ୍ସ ଟ୍ୟାକ୍ସ ଅଫିସର ଭାବେ ଚାକିରିରୁ ନିବୃତ୍ତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ କାମରେ ଯୋଗଦେଇ ତାକୁ ସଫଳତାର ସହ ତୁଲାଇଥିଲେ।

## 'ସମ୍ବାଦ କଳିକା' ସଂପାଦକଙ୍କ ଶୋକ

ସୂର୍ଯ୍ୟ ନାରାୟଣଙ୍କ ବିୟୋଗରେ ପ୍ରମୁଖ ଓଡ଼ିଆ ଦୈନିକ ସମ୍ବାଦ ପତ୍ର 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ରାୟ ତାଙ୍କ ଶୋକ ବାର୍ତ୍ତାରେ ଜଣାଇଛନ୍ତି ଯେ, ସୂର୍ଯ୍ୟନାରାୟଣ ମଉସା ମୋର ଜଣେ ଅନ୍ତରଙ୍ଗ ଶୁଭେଚ୍ଛୁ ଥିଲେ। ତାଙ୍କ ବିୟୋଗ ମୋତେ ଅତ୍ୟନ୍ତ ଦୁଃଖ ଦେଇଛି। ସେ ଅତ୍ୟନ୍ତ ନିଷ୍ଠାବାନ ଏବଂ କର୍ମତତ୍ପର ବ୍ୟକ୍ତି ଥିଲେ। ଟିକସ ସମ୍ବନ୍ଧୀୟ ଅର୍ଥନୀତି ଉପରେ ତାଙ୍କର ଗଭୀର ଜ୍ଞାନ ଥିଲା। ସମସ୍ତଙ୍କର ଶୁଭମନାସୁଥିବା ସେ ଜଣେ ନିର୍ବିବାଦୀୟ ବ୍ୟକ୍ତି ଥିଲେ। ୯୮ ବର୍ଷରେ ପହଞ୍ଚିଥିଲେ ମଧ୍ୟ ସେ ନିଜ କାମ ନିଜେ କରୁଥିଲେ। ତାଙ୍କର ସକରାତ୍ମକତା ନିଶ୍ଚିତଭାବରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ୩ ବର୍ଷ ତଳେ ତାଙ୍କ ପତ୍ନୀଙ୍କ ବିୟୋଗ ଘଟିଥିଲେ ମଧ୍ୟ ସେ ନିଜକୁ ଅତ୍ୟନ୍ତ ଦୃଢ ରଖି ପରିବାର ତଥା ସମାଜର ଯଥାସମ୍ଭବ ସେବା କରି ଆସୁଥିଲେ। ନିଜ ପିଲାମାନଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିଲେ। ତାଙ୍କର ଏକମାତ୍ର ପୁତ୍ର ରବି ପଟ୍ଟନାୟକ ନିଜ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ପିତାଙ୍କ ଦିନରାତି ସେବା କରିବା ସମାଜ ପାଇଁ ଉଦାହରଣ ନିଶ୍ଚୟ। ଯେଉଁଠି ଆଜିକାଲି ସନ୍ତାନମାନେ ବୃଦ୍ଧ ପିତାମାତାଙ୍କୁ ସେବା କରିବା ପରିବର୍ତ୍ତେ ଆଶ୍ରମରେ ନେଇ ଛାଡିଦେଉଛନ୍ତି କିମ୍ବା ନର୍ସ ରଖି ତାଙ୍କଦ୍ୱାରା ସେବା କରାଉଛନ୍ତି ସେଇଠି ଶଯ୍ୟାଶାୟୀ ପିତାଙ୍କର ସମସ୍ତ କାର୍ଯ୍ୟ ତାଙ୍କ ପୁଅ ବୋହୂ ଏବଂ ପରିବାରବର୍ଗ ତାଙ୍କର ଅନ୍ତିମ ସମୟଯାଏଁ ସୂଚାରୁରୂପେ ତୁଲାଉଥିଲେ। ମଉସାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଓ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଆନ୍ତରିକ ସମବେଦନା ଜଣାଉଛି।

# ଭାରତୀୟ ସେନା ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୭।୪ ନ୍ୟୁଜ ବ୍ୟୁରୋ**

ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର କଲ୍ୟାଣ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ।




ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସ୍‌ରେ ୫୦% ରିହାତି, ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ। ଏହା ସହିତ ବୀରଗତି ହାସଲ କରିଥିବା (ଯୁଦ୍ଧ ସମୟରେ ମୃତ୍ୟୁବରଣ କରିଥିବା) ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ। ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ, ଅଧିକାରୀ/ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟି) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ ।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସୂଚନା ଦେଇ କହିଲେ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା। ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ଦ୍ୱାରା ପ୍ରଦାନ କରାଯାଉଥିବା ଭିତ୍ତିଭୂମି ଓ ସୁବିଧାଗୁଡ଼ିକୁ ପ୍ରଶଂସା କରିଥିଲେ। ରାଷ୍ଟ୍ର ନିର୍ମାଣରେ ଭାରତୀୟ ସେନାର କର୍ମଚାରୀଙ୍କ ଭୂମିକାକୁ ସ୍ୱୀକୃତି ଦେବା ଓ ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ବ୍ରିଗେଡିୟର ସିଂହ ଓ ଡ. ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା।

## ବାଘୁଣୀ 'ଜିନ୍ନତ' ପ୍ରେମରେ ପାଗଳ ମହାବଳ : ଦୁଇ ରାଜ୍ୟ ଡେଇଁ ଆସିଛି ଶିମିଳିପାଳ

**ଭୁବନେଶ୍ୱର/ବାରିପଦା**
**୨୭/୦୪ ନ୍ୟୁଜ ବ୍ୟୁରୋ**

ପ୍ରାୟ ଦେଢ଼ ହଜାର କିମି ଅତିକ୍ରମ କରି ଏକ ଯୁବ ମହାବଳ ବାଘ ଶିମିଳିପାଳ ଜଙ୍ଗଲକୁ ଆସିଛି । ଶିମିଳିପାଳ ଘଞ୍ଚ ଜଙ୍ଗଲରେ ୫ ମାସ ହେଲା ଘୂରି ବୁଲୁଛି। ଖୋଜୁଛି ନିଜ ପ୍ରେମିକା ବାଘୁଣୀ 'ଜିନ୍ନତ'କୁ । ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ମହାବଳଟିର ବୟସ ପ୍ରାୟ ୪-୫ ବର୍ଷ ହେବ । ସେ ମେଲାନିଷ୍ଟିକ୍ ପ୍ରଜାତିର ନୁହଁ । ଅଗଷ୍ଟ-ସେପ୍ଟେମ୍ବର ମାସରେ ଛତିଶଗଡ଼ ପଟୁ ଓଡ଼ିଶା ସୀମା ଡେଇଁ ସୁନ୍ଦରଗଡ଼, ବଣାଇ ଜଙ୍ଗଲରେ ପାଦ ଥାପିଥିଲା। ପରେ ବାମରା-ଗଙ୍ଗପୁର ଜଙ୍ଗଲ ଦେଇ ଦେବଗଡ଼, କାମାକ୍ଷାନଗର ଓ କେନ୍ଦୁଝର ଜଙ୍ଗଲରେ ବୁଲିଲା। ଡିସେମ୍ବର ମାସରେ ଶିମିଳିପାଳରେ ପଶିଥିଲା । ସେହି ମାସ ୨୪ ତାରିଖରେ ଜଙ୍ଗଲରେ ଖଞ୍ଜାଯାଇଥିବା ଟ୍ରାପ୍ କ୍ୟାମେରା ପ୍ରଥମଥର ପାଇଁ ଏହି ମହାବଳର ଭିଡିଓ ଉତ୍ତୋଳନ କରିଥିଲା। ବାଘଟି ୫ ମାସ ଭିତରେ ଶିମିଳିପାଳ (ଉତ୍ତର)ର ଘଞ୍ଚ ଜଙ୍ଗଲକୁ ନିଜ ବାସସ୍ଥାନ ବୋଲି ବାଛି ସାରିଲାଣି।

## ପିକଅପ୍ ଧକ୍କାରେ ମାମୁଁ-ଭଣଜା ମୃତ

**କଳାହାଣ୍ଡି, ୨୭/୦୪**
**ନ୍ୟୁଜ ବ୍ୟୁରୋ**

ପିକଅପ ଧକ୍କାରେ ମାମୁଁ ଏବଂ ଭଣଜାଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବୁଡିପଦର ଛକରେ ଘଟିଛି ଏହି ଅଘଟଣ । ମୃତକମାନେ ହେଲେ ଜୁନାଗଡ଼ ବ୍ଲକ ଚିକଲି ଗାଁର ମୁକେଶ ନାଗ (୧୮) ଓ ମାଟିଗାଁର ମହେନ୍ଦ୍ର ନାଏକ (୧୩)। ଏକ ବାଇକରେ ସେମାନେ ଜୁନାଗଡ଼କୁ ଯାଉଥିବାବେଳେ ବୁଡିପଦର ଛକ ଠାରେ ଏକ ଅଜଣା ପିକଅପ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ, ଦୁର୍ଘଟଣା ଘଟାଇ ଥିବା ପିକଅପଟି ଘଟଣାସ୍ଥଳରୁ ଫେରାର ମାରିଥିବା ଜଣାପଡିଛି।


## ଏବେ ବଜାରରେ ଉପଲବ୍ଧ...

**"କଥାକଳିକା"**
**ବୈଶାଖ ସଂଖ୍ୟା-୨୦୨୬**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି
**ସମକାଳର କଥା :** ସୁରେଶ କୁମାର ନାଗ, ମଣିରାମ ଜେନା, ଲିପିକା ଦାସପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ସୁଶୀଲ କୁମାର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, କମଳିନୀ ମଲ୍ଲିକ୍, ଲିପ୍‌ସା ପଟେଲ, ପ୍ରଣତି ଆଚାର୍ଯ୍ୟ ମିଶ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ସଂଯୁକ୍ତା ଦାଶ, ଚନ୍ଦ୍ରମୋହନ ମହାପାତ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ଚଣ୍ଡିଦତ୍ତ ଶୁକ୍ଳ, ନଗେନ୍ଦ୍ରନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସ୍ନିଗ୍ଧା ସାହୁ, ଗୀତାଞ୍ଜଳି ସ୍ୱାଇଁ, ଗୀତାରାଣୀ ବିଷୋୟୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ୬ ବର୍ଷରେ ଏସସିବିରୁ ୧୪ ନବଜାତ ଶିଶୁ ନିଖୋଜ !
## ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ରାଞ୍ଚଳ ଆରଡିସି

**କଟକ, ୨୭/୦୪ ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲ କଲେଜରୁ ନିଖୋଜ ହୋଇଛନ୍ତି ଅନେକ ନବଜାତକ ! ଗତ ୬ବର୍ଷ ଭିତରେ ଏସସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ସନ୍ତାନ ପ୍ରସବ କରିଥିବା ଅସହାୟ ତଥା ମାନସିକ ଅନଗ୍ରସର ମହିଳାଙ୍କ ୧୪ଜଣ ଶିଶୁଙ୍କ ପତ୍ତା ମିଳୁ ନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଏବେ ତନାଘନା ଆରମ୍ଭ ହୋଇଛି। କେନ୍ଦ୍ରାଞ୍ଚଳ ଆରଡିସି ଏସସିବି ଅଧୀକ୍ଷକଙ୍କୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆରଡିସି ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ଏଥିସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଏକ ରିପୋର୍ଟ ଆରଡିସିଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ମଧ୍ୟ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ଜଣେ ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ କ୍ରମେ ଆରଡିସି ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏସସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଅନେକ ଅସହାୟ ଓ ଅପରିଚିତ ମାନସିକ ଭିନ୍ନକ୍ଷମ ମହିଳା ଆସି ବିଭିନ୍ନ ସମୟରେ ସନ୍ତାନ ପ୍ରସବ କରୁଛନ୍ତି। ସାମାଜିକ କର୍ମୀଙ୍କ ମାଧ୍ୟମରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି । ହେଲେ ସନ୍ତାନ ପ୍ରସବ ପରେ ନବଜାତ ଶିଶୁଙ୍କୁ ମେଡିକାଲ ପକ୍ଷରୁ ସିଡବ୍ଲ୍ୟୁସି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ଶିଶୁଯତ୍ନ ପ୍ରତିଷ୍ଠାନରେ ଥଇଥାନ କରିବା କଥା। ହେଲେ ସେପରି କରା ନ ଯାଇ ଯେଉଁମାନେ ଏହି ମହିଳାଙ୍କୁ ମେଡିକାଲ୍ ଆଣିଥାନ୍ତି ସେମାନଙ୍କୁ ନବଜାତ ଶିଶୁଙ୍କୁ ଟେକି ଦିଆଯାଉଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି । ଆବେଦନକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରାସ୍ତାରେ ବୁଲୁଥିବା ଅସହାୟ ଓ ଅପରିଚିତ ମାନସିକ ଭିନ୍ନକ୍ଷମ ମହିଳା ଏସସିବି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଯେଉଁ ସନ୍ତାନମାନ ପ୍ରସବ କରୁଛନ୍ତି ସେହି ପିଲାମାନଙ୍କର ପତ୍ତା ମିଳୁନି । ଏହି ନବଜାତକଙ୍କୁ ଯେଉଁମାନେ ନେଉଛନ୍ତି ସେମାନେ ବିକ୍ରି କରି ଦେଉଛନ୍ତି । ଏହି ଘଟଣା ନିତିଦିନିଆ ହୋଇଗଲାଣି ବୋଲି ଆବେଦନରେ ଉଲ୍ଲେଖ କରିଛନ୍ତି ସୂଚନା ଅଧିକାର କର୍ମୀ । ନିୟମ ଅନୁଯାୟୀ, ପ୍ରସବ ପରେ ଏପରି ଶିଶୁମାନଙ୍କୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିବା କଥା। ମାତ୍ର ଏପରି ନକରି କିଛି ବ୍ୟକ୍ତି ବିଶେଷ ବା ସଂସ୍ଥାମାନଙ୍କୁ ହସ୍ତାନ୍ତର କରି ଦିଆ ଯାଉଥିବା ସେ ଉଲ୍ଲେଖ କରିଛନ୍ତି । ହେଲେ ହସ୍ତାନ୍ତର ପରେ ଏହି ନବଜାତ ଶିଶୁମାନଙ୍କର କୌଣସି ଖୋଜ ଖବର ମିଳୁନାହିଁ । ଏହି ପିଲାମାନେ କେଉଁଠି ଅଛନ୍ତି, କାହା ପାଖରେ ଅଛନ୍ତି କୌଣସି ଖବର ନାହିଁ। ଏପରିକି ନବଜାତ ଶିଶୁମାନଙ୍କର ଜନ୍ମ ପଞ୍ଜିକରଣ ପାଇଁ ମଧ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ କଟକ ମହାନଗର ନିଗମକୁ ପଠାଉ ନଥିବା ନେଇ ଆବେଦନକାରୀ ଅଭିଯୋଗ ଆଣିଛନ୍ତି। ଏ ନେଇ ସୂଚନା ଅଧିକାର କର୍ମୀ ଜଣକ ଆରଡିସିଙ୍କ ସମେତ କଟକ ଜିଲ୍ଲାପାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଅନ୍ୟମାନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି । ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଆରଡିସି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏନେଇ ଏସସିବି କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।


10001/86/2627

# ଅଂଶୁଘାତ ସତର୍କତା

### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR -10001/10003/2/26-27/0007

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha
@HFWOdisha
http://www.health.odisha.gov.in/